

## ହ୍ୱାଇଟ୍ ହାଉସ୍ ଛାଡ଼ିବେ କାରୋଲିନ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 144 ଭାଗ ୩୪ | ସଂଖ୍ୟା ୧୪୪ | Friday 14 August 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର, ୧୪ ଅଗଷ୍ଟ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ମାଓ କ୍ୟାମ୍ପରୁ ରାମ୍ପ୍ ୱାକ୍
## ବନ୍ଧୁକ କାଢ଼ି ସାଜିଲେ ସ୍ୱାଭିମାନୀ ମହିଳା

ରାୟପୁର, ୧୩।୮: ଦିନେ ଜଙ୍ଗଲରେ ମାଓବାଦୀ ସଂଗଠନ ସହ ଜଡ଼ିତ ଥିଲେ। ହାତରେ ବନ୍ଧୁକ ଆଉ ଯେଉଁଆଡ଼େ ଯାଉଥିଲେ ଛାଡ଼ୁଥିଲେ ଭୟ ଓ ରକ୍ତର ଛାପ। ହେଲେ ପ୍ରଚଣ୍ଡ ଆତ୍ମବିଶ୍ୱାସ ଓ ସ୍ୱାଭିମାନ ଏହି ମାଓନେତ୍ରୀଙ୍କୁ ଦେଇଛି ନୂଆ ପରିଚୟ। ରାୟପୁରରେ ଆୟୋଜିତ ଜାତୀୟ ହସ୍ତତନ୍ତ ଦିବସ-୨୦୨୬ କାର୍ଯ୍ୟକ୍ରମରେ ଏହି ମହିଳାମାନେ ପାରମ୍ପରିକ ଛତିଶଗଡ଼ୀ ହସ୍ତତନ୍ତ ପୋଷାକ ପିନ୍ଧି ର୍ୟାମ୍ପରେ ଚାଲିଥିଲେ। କୋସା ସିଲ୍କ ଓ



ହାତବୁଣା ପୋଷାକରେ ସଜେଇ ହୋଇଥିବା ସେମାନଙ୍କୁ ଦେଖି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଯେଉଁ ହାତ ଦିନେ ବସ୍ତରର ଘଞ୍ଚ ଜଙ୍ଗଲରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ଧାରଣ କରୁଥିଲା, ଆଜି ସେହି ହାତ ଦେଶର ସମୃଦ୍ଧ ହସ୍ତତନ୍ତ କଳାକୁ ପ୍ରଦର୍ଶିତ କରୁଛି। ରାଷ୍ଟ୍ରୀୟ ହସ୍ତତନ୍ତ ଦିବସ ଅବସରରେ ଆୟୋଜିତ ଏକ ସ୍ୱଦେଶୀ ଫ୍ୟାସନ୍ ଶୋ'ରେ ବସ୍ତରର ବହୁ ଆତ୍ମସମର୍ପଣକାରୀ ମହିଳା ନକ୍ସଲ ଆତ୍ମବିଶ୍ୱାସର ସହ ର୍ୟାମ୍ପୱାକ୍ କରି ସମସ୍ତଙ୍କ ମନ ଜିଣିନେଇଛନ୍ତି। ବସ୍ତରର ପୁନର୍ବାସ କେନ୍ଦ୍ରରୁ ଆସିଥିବା ଏହି ମହିଳାମାନଙ୍କୁ ମୁମ୍ବାଇରୁ ଆସିଥିବା ପେସାଦାର ଟ୍ରେନରମାନେ ସ୍ୱାଭିମାନର ତାଲିମ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ମାଓମୁକ୍ତ ଦେଶ ଗଠନର ଏହା ହେଉଛି ଏକ ନମୁନା। ଯେଉଁମାନେ ଦିନେ ଜଙ୍ଗଲ ବାହାରର ଦୁନିଆ ଦେଖୁନଥିଲେ ଏବେ ସେମାନେ ଚିକମିକ ଆଲୁଅରେ ଦେଖାଉଛନ୍ତି ନିଜ କୁଶଳତା। ଲାଲ୍ ଗଡ଼ରୁ ଲାଇମ୍ ଲାଇଟ୍‌କୁ ଆସିଥିବା ଏହି ମହିଳାମାନେ କେବଳ ଦର୍ଶକଙ୍କ ପ୍ରଶଂସା ସାଉଣ୍ଟି ନଥିଲେ; ଅଧିକନ୍ତୁ ମୁଖ୍ୟସ୍ରୋତକୁ ଫେରିବାର ଉପାଦେୟତା ➪ପୃଷ୍ଠା-୬



## 'ଘରେ ଘରେ ତ୍ରିରଙ୍ଗା' ସାମିଲ ହେଲେ ମୁଖ୍ୟମନ୍ତ୍ରୀ

- ଅଭିଯାନରେ ସାମିଲ ହେବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ
- ଲୋକଙ୍କୁ ଏକାଠି ବାନ୍ଧିବାର ମାଧ୍ୟମ ସାଜିଛି ଏହି ଅଭିଯାନ

ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି 'ଘରେ ଘରେ ତ୍ରିରଙ୍ଗା' ଅଭିଯାନରେ ସାମିଲ ହୋଇ ନିଜ ବାସଭବନରେ ତ୍ରିରଙ୍ଗା ଉଡାଇଛନ୍ତି ଏବଂ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହାର ଫଟୋ ପୋଷ୍ଟ କରି ଜନ ସାଧାରଣଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

ସେ କହିଛନ୍ତି ଯେ, ତ୍ରିରଙ୍ଗା ଆମ ଜାତୀୟ ସ୍ୱାଭିମାନ, ଏକତା ଓ ମହାନ ସଭ୍ୟତାର ଶାଶ୍ୱତ ପ୍ରତୀକ। ଏହା ଆମ ମୁକ୍ତି ସଂଗ୍ରାମର ଅମର ଗାଥା, ବୀର ଶହୀଦଙ୍କ ଅତୁଳନୀୟ ଶୌର୍ଯ୍ୟ ଓ ଆଗାମୀ ପିଢ଼ିର ଅସୁମାରୀ ଆକାଂକ୍ଷାର ଜୀବନ୍ତ ପ୍ରତିଫଳନ।

ଆଜି ମୋ ବାସଭବନରେ ତ୍ରିରଙ୍ଗା ଉଡ଼ାଇ ମାତୃଭୂମିର ସେବାରେ ନିଜକୁ ସମର୍ପିତ କରିଥିବା ବୀରମାନଙ୍କ ସ୍ମୃତିଚାରଣ କରିବାର ସୌଭାଗ୍ୟ ଲାଭକଲି। ସେମାନଙ୍କ ତ୍ୟାଗ ଆମର ଐତିହ୍ୟ, ସେମାନଙ୍କ ଦେଶଭକ୍ତି ଆମର ପ୍ରେରଣା; ଏବଂ ସେମାନଙ୍କ ଅମର ବଳିଦାନ ଆମକୁ ପ୍ରତିମୁହୂର୍ତ୍ତରେ ସ୍ମରଣ କରାଇଦିଏ 'ବ୍ୟକ୍ତି ସ୍ୱାର୍ଥଠାରୁ ରାଷ୍ଟ୍ର ସଦା ସର୍ବୋପରି'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଏକ ନୂତନ ଜାଗରଣ ସୃଷ୍ଟି କରିଛି। 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ସଂକଳ୍ପ ନେଇ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ କୋଟି କୋଟି ନାଗରିକଙ୍କୁ ଏକାଠି ବାନ୍ଧିବାରେ ଏହା ଏକ ଶକ୍ତିଶାଳୀ ମାଧ୍ୟମ ସାଜିଛି ବୋଲି ସେ କହିଛନ୍ତି।

## ହଟ୍ଟଗୋଳରେ ସରିଲା ମୌସୁମୀ ଅଧିବେଶନ



- 'ବନ୍ଦେ ମାତରମ୍' ଗାନ ପରେ ଗୃହ ଅନିର୍ଦ୍ଦିଷ୍ଟ କାଳ ମୁଲତବୀ
- ୨୫ ଦିନରେ ୧୯ଟି ବୈଠକ
- ସଂସଦରେ ୧୨ ବିଲ୍ ଗୃହୀତ
- ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍ ଆଇନରେ ପରିଣତ

ନୂଆଦିଲ୍ଲୀ, ୧୩।୮: ଜୁଲାଇ ୨୦ ତାରିଖରୁ ଆରମ୍ଭ ହୋଇଥିବା ସଂସଦର ଗୁରୁତ୍ୱପୂର୍ଣ୍ଣ ମୌସୁମୀ ଅଧିବେଶନ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ, ଜନ୍ତର-ମନ୍ତରରେ ଛାତ୍ରଛାତ୍ରୀଙ୍କ ପୁଲିସର ବର୍ବରୋଚିତ ଆକ୍ରମଣ ଭଳି ଏକାଧିକ ସମ୍ବେଦନଶୀଳ ଘଟଣାକୁ ନେଇ ବିରୋଧୀ ଦଳଙ୍କର ହଟ୍ଟଗୋଳ ଓ ସରକାର ବିରୋଧୀ ନାରାବାଜୀ ସହିତ ଗୁରୁବାର ଶେଷ ହୋଇଛି। ଆଜି ଦିନର କାର୍ଯ୍ୟକାଳ ଆରମ୍ଭ ହେବା ପରେ ଜାତୀୟ ସଂଗୀତ 'ବନ୍ଦେ ମାତରମ୍'ର ସମସ୍ତ ଛଅଟି ପଦ ବାଜିବା ପରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ସମୁଦାୟ ୨୫ ଦିନର ଏହି ଅବଧି ମଧ୍ୟରେ ମୋଟ ୧୯ଟି ବୈଠକ ଅନୁଷ୍ଠିତ ହୋଇଥିବା ପ୍ରକାଶ।

ସଂସଦର ଏହି ସରଗରମ୍ ଅଧିବେଶନଗୁଡ଼ିକରେ ଲୋକସଭାରେ ୧୧ଟି ବିଲ୍ ଓ ରାଜ୍ୟସଭାରେ ୨ଟି ବିଲ୍ ଆଗତ କରାଯାଇଛି। ଲୋକସଭାରେ ୧୨ଟି ବିଲ୍ ଗୃହୀତ ହୋଇଥିବା ବେଳେ ରାଜ୍ୟସଭାରେ ମଧ୍ୟ ୧୨ଟି ବିଲ୍ ବାଚନିକ ଭାବେ ଗୃହୀତ ହୋଇଛି। ଅଧିବେଶନ କାଳରେ ସଂସଦର ଉଭୟ ଗୃହ ଦ୍ୱାରା ୧୨ଟି ବିଲ୍ ଗୃହୀତ ହୋଇଛି। ମୌସୁମୀ ଅଧିବେଶନ ପୂର୍ବରୁ ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି ଦୁଇଟି ଅଧ୍ୟାଦେଶ 'ଉଚ୍ଚତମ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧ୍ୟାଦେଶ, ୨୦୨୬' ଓ 'ଆୟକର (ସଂଶୋଧନ) ଅଧ୍ୟାଦେଶ-୨୦୨୬'ର ପ୍ରାବଧାନଗୁଡ଼ିକୁ ସାମିଲ ଓ ବଦଳାଉଥିବା ଦୁଇଟି ବିଲ୍‌କୁ ଉଭୟ ଗୃହରେ ଗୃହୀତ କରାଯାଇଛି।

୨୦୨୨-୨୩ ବର୍ଷ ପାଇଁ ଅତିରିକ୍ତ ଅନୁଦାନ ଦାବି କାର୍ଯ୍ୟକାରୀ କରାଯାଇଥିଲା। ଏହା ସହ ଜଡ଼ିତ ବିନିଯୋଗ ବିଲ୍‌କୁ ଅଗଷ୍ଟ ୪ ତାରିଖରେ ଲୋକସଭାରେ ଆଗତ, ବିଚାର ଓ ଗୃହୀତ କରାଯାଇଥିଲା ଓ ୬ ତାରିଖରେ ରାଜ୍ୟସଭା ଦ୍ୱାରା ଏହାକୁ ଫେରସ୍ତ କରାଯାଇଥିଲା। ସେହିପରି ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍-୨୦୨୬କୁ ଅଧିକ ସମୀକ୍ଷା ଲାଗି ସଂସଦର ଯୁଗ୍ମ କମିଟିକୁ ପଠାଯାଇଛି।

ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ସାର୍ବଜନୀନ ପରୀକ୍ଷାରେ ➪ପୃଷ୍ଠା-୬

## ଉତ୍ତର ଓଡ଼ିଶାରେ ବଢ଼ିଲା ଅବପାତ ଜନିତ ବର୍ଷା ବିପଦ



- ଜଳକା, ସାଳନ୍ଦୀ ଓ ବୈତରଣୀ ଉପରେ ନଜର
- ଅନେକ ଜିଲ୍ଲାରେ ଜଳବନ୍ଦୀ ଆଶଙ୍କା
- କ୍ରମାଗତ ବନ୍ୟା ପାଇଁ ବିଳମ୍ବିତ ହେଉଛି ଆକଳନ

ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ଅବପାତ ଜନିତ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶା ପାଇଁ ବିପଦ ବଢ଼ିବାରେ ଲାଗିଛି। ଅଧିକାଂଶ ଜିଲ୍ଲାରେ ଜଳବନ୍ଦୀ ସମସ୍ୟା ଲାଗି ରହିବା ଆଶଙ୍କା ସୃଷ୍ଟି ହୋଇଛି। ଉପର ମୁଣ୍ଡରେ ଅଧିକ ବର୍ଷା ହୋଇଥିବାରୁ ଜଳକା, ସାଳନ୍ଦୀ ଓ ବୈତରଣୀ ନଦୀ ଉପରେ ନଜର ରଖିବାକୁ ପଡ଼ିବ। ଅନେକ ସ୍ଥାନରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରି ନଥିବାରୁ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି।

ବର୍ତ୍ତମାନ ସ୍ଥିତିରେ ବଡ଼ ଧରଣର ବନ୍ୟା ଆଶଙ୍କା ନଥିବା ସେ ସ୍ପଷ୍ଟ କରିଛନ୍ତି। ତେବେ ଜଳକା, ସାଳନ୍ଦୀ ଓ ବୈତରଣୀ ନଦୀରେ ଜଳସ୍ତର ବଢ଼ିଲେ ଜଳବନ୍ଦୀ ସମସ୍ୟା ଚିନ୍ତାର କାରଣ ହୋଇପାରେ। ବର୍ଷା ଯୋଗୁଁ ତିହିଡ଼ି, ଚାନ୍ଦବାଲି, ବାଲେଶ୍ୱର ସଦର, ବସ୍ତା ଓ ଦଶରଥପୁର ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଲାଗି ରହିବାର ଆଶଙ୍କା ରହିଛି। ଲଘୁଚାପ ପ୍ରଭାବରେ ଏହି ଅଞ୍ଚଳଗୁଡ଼ିକରେ ଅଧିକ ବର୍ଷା ହୋଇଥିବାରୁ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଇଛି।

ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିଛି। ରାଜ୍ୟର ୧୭ଟି ସ୍ଥାନରେ ୧୦୦ ମିମିରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଫଳରେ ନଦୀଗୁଡ଼ିକର ଉପରମୁଣ୍ଡରେ ଜଳପ୍ରବାହ ବଢ଼ିଛି। ବୁଢ଼ାବଳଙ୍ଗ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଓ ବୈତରଣୀ ନଦୀରେ ମଧ୍ୟ ବର୍ତ୍ତମାନ ବନ୍ୟା ସମ୍ଭାବନା ନଥିବା କୁହାଯାଇଛି। ମହାନଦୀରେ ମଧ୍ୟ ବର୍ତ୍ତମାନ ବନ୍ୟା ସ୍ଥିତି ନାହିଁ। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪ ଫୁଟକୁ ଖସିଆସିଛି। ଜଳସ୍ତର ନିୟନ୍ତ୍ରଣ ପାଇଁ ସକାଳେ ୪ଟି ଗେଟ୍ ବନ୍ଦ କରାଯାଇଥିବା ବେଳେ ୨ଟି ଗେଟ୍ ଖୋଲା ରହିଛି। ଏହା ଫଳରେ ମହାନଦୀ ଅବବାହିକାରେ ବର୍ତ୍ତମାନ ବଡ଼ ଧରଣର ବନ୍ୟା ଆଶଙ୍କା ନଥିବା କୁହାଯାଇଛି।

ସେପଟେ ବନ୍ୟା କ୍ଷୟକ୍ଷତି ଆକଳନରେ ବାଧକ ସାଜୁଛି ବାରମ୍ବାର ବନ୍ୟା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଲଘୁଚାପ ଅବପାତର ରୂପ ନେଇ ଅନେକ ସ୍ଥାନରେ ବର୍ଷା କରାଇବ। ବାଲେଶ୍ୱରରୁ ଆରମ୍ଭ କରି ମୟୂରଭଞ୍ଜ ପର୍ଯ୍ୟନ୍ତ ଅଞ୍ଚଳକୁ ରେଡ୍ ଜୋନରେ ରଖାଯାଇଛି। ➪ପୃଷ୍ଠା-୬

## ଡିଜିପି ଚୟନରେ ଲାଗିଲା ରୋକ୍



- ବ୍ୟାକଡୋର୍ ଏଣ୍ଟ୍ରି ଗ୍ରହଣୀୟ ନୁହେଁ, ଆଶ୍ୱସ୍ତ କଲା ୟୁପିଏସସି
- ଆଜିର ବୈଠକ ବାତିଲ, ୧୮ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୧୩।୮ (ସଂଚାର ବ୍ୟୁରୋ): ଓଡ଼ିଶାର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାରେ ଆଜି ବ୍ରେକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ରାଜ୍ୟ ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ବ୍ୟାକଡୋର ଏଣ୍ଟ୍ରି ଗ୍ରହଣୀୟ ନୁହେଁ ଓ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ ନହେବା ପର୍ଯ୍ୟନ୍ତ ଚୟନ କମିଟି ବୈଠକ ବସିବ ନାହିଁ ବୋଲି ୟୁପିଏସସି ଗୁରୁବାର ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛି। ଏହାସହିତ ଆଜି ସନ୍ଧ୍ୟା ସାଢ଼େ ୫ଟାରେ ୟୁପିଏସସିରେ ହେବାକୁ ଥିବା ଚୟନ କମିଟି ବୈଠକ ମଧ୍ୟ ବାତିଲ ହୋଇଯାଇଛି। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁସାରେ, ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତତିନିଜଣିଆ ଖଣ୍ଡପୀଠଙ୍କ ଆଗରେ ଆଜି ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ସ୍ୱତନ୍ତ୍ର ମେନସନ୍ ମାଧ୍ୟମରେ ଏହି ଜନସ୍ୱାର୍ଥ ମାମଲାକୁ ଉଠାଇଥିଲେ। ଖଣ୍ଡପୀଠ ମଧ୍ୟାହ୍ନଭୋଜନ ବିରତିରେ ଯିବା ପୂର୍ବରୁ ଚିଦାମ୍ବରମ୍ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରି ଓଡ଼ିଶା ଡିଜିପି ଚୟନ ପ୍ରକ୍ରିୟା କରାଯାଉଛି। ଯଦିଓ ଆଜି ଶୁଣାଣି ପାଇଁ ଏହି ମାମଲା ତାଲିକାଭୁକ୍ତ ହୋଇଛି କିନ୍ତୁ ସମୟ ଅଭାବରୁ ଶୁଣାଣି ସମ୍ଭବପର ହେବନି। ଚୂଡ଼ାନ୍ତ ପ୍ରାର୍ଥୀ ଚୟନ ପାଇଁ ୟୁପିଏସସି ଆଜି ହିଁ ବୈଠକ କରିବାକୁ ଯାଉଛନ୍ତି। ସୁପ୍ରିମକୋର୍ଟଙ୍କ ଶୁଣାଣି ଏଡ଼ାଇବା ଓ ୟୁପିଏସସିକୁ ପଠାଯାଇଥିବା ପ୍ୟାନେଲରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଦୁଇଦିନ ପୂର୍ବରୁ ଜଣେ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି ବୋଲି ସେ ଖଣ୍ଡପୀଠଙ୍କ ନିକଟରେ ଅଭିଯୋଗ କରିଥିଲେ।

ତେବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସରକାରଙ୍କ ପକ୍ଷ ରଖି ନିୟମ ଉଲ୍ଲଂଘନ ହୋଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ଚାକିରି ସହ ଜଡ଼ିତ ବିବାଦରେ ➪ପୃଷ୍ଠା-୬

### ଏୟାର ଇଣ୍ଡିଆର ବଡ଼ ପଦକ୍ଷେପ
## ପାଇଲଟଙ୍କର ଡୋପ୍ ଟେଷ୍ଟ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୩।୮: ଫୁକେଟ-ଦିଲ୍ଲୀ ଉଡାଣର ଜଣେ ପାଇଲଟ ଡୋପିଙ୍ଗ ଟେଷ୍ଟରେ ମାରିଜୁଏନା ପଜିଟିଭ୍ ମିଳିବା ପରେ ଏୟାର ଇଣ୍ଡିଆ ବଡ଼ ପଦକ୍ଷେପ ନେଇଛନ୍ତି। ଏଥିରେ ନିଜ ଗ୍ରୁପର ସବୁ ପାଇଲଟଙ୍କ ପୂର୍ଣ୍ଣ ଡୋପ୍ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ଏହି ଆଦେଶ ଗୁରୁବାର କାର୍ଯ୍ୟକାରୀ ହୋଇଛି। ଏ ନେଇ କର୍ମଚାରୀଙ୍କୁ ପଠାଯାଇଥିବା ଔପଚାରିକ ପତ୍ରରେ




ଏୟାର ଇଣ୍ଡିଆ ଉଲ୍ଲେଖ କରିଛି ଯେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ଦ୍ୱାରା ନିର୍ଦ୍ଧାରିତ ସବୁ ନିୟାମକୀୟ ମାନକ ଏୟାର ଇଣ୍ଡିଆ କଡ଼ାକଡ଼ି ପାଳନ କରିଥାଏ। ଏହି ମାନକ ୟୁରୋପ୍ ଓ ଆମେରିକା ଭଳି ପ୍ରମୁଖ ବୈଶ୍ୱିକ ଏଭିଏସନ କ୍ଷେତ୍ରର ନିୟମ ସହ ସମାନ।

ଏହା ସତ୍ତ୍ୱେ ସୁରକ୍ଷା ଦୃଷ୍ଟିକୋଣରୁ ଆଉ ଏକ ପଦକ୍ଷେପ ଆଗକୁ ବଢାଇବା ଆବଶ୍ୟକ ମନେ ହେଉଛି। ଏଣୁ ଆମେ ଆମ ସମୂହର ସବୁ ପାଇଲଟଙ୍କ ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ନିଷ୍ପତ୍ତି କରିଛୁ। ଏଥିରୁ ଏହା ସୁନିଶ୍ଚିତ ହେବ ଯେ ➪ପୃଷ୍ଠା-୬

### ଶକ୍ତି ବିଭାଗର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
## ୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ଶକ୍ତି ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟରେ ୨୧୦ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରୁ ଗତ ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯାଇଛି। ସେହିଭଳି ୨ ବର୍ଷ ମଧ୍ୟରେ ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ମଧ୍ୟ ବିଛାଯାଇଛି।

୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟବାସୀଙ୍କ ପାଇଁ ନିରବଚ୍ଛିନ୍ନ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ତଥା ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ୭୬୫ କେଭି ଗ୍ରୀଡ୍‌ର ଏକ ରିଙ୍ଗ୍ ସିଷ୍ଟମ୍ ସ୍ଥାପନ କରାଯାଉଛି ବୋଲି ବୈଠକରୁ ଜଣାଯାଇଛି।

ଏହି ସିଷ୍ଟମ ପାଇଁ ଅନୁଗୋଳ ଓ ସୁନ୍ଦରଗଡ଼ରେ ୨ଟି ୭୬୫/୪୦୦ କେଭି ଗ୍ରୀଡ୍ କାର୍ଯ୍ୟକ୍ଷମ ଥିବା ବେଳେ ଗୋପାଳପୁର ଓ ପାରାଦୀପରେ ୨ଟି ୭୬୫/୪୦୦ କେଭି ବିଶିଷ୍ଟ ଗ୍ରୀଡ୍ ଷ୍ଟେସନ୍ ନିର୍ମାଣ କରାଯାଉଛି। ଏହା ସହିତ କୋଲାବିରା, ଡୁବୁରି ଓ ଆଠଗଡ଼ ନିକଟସ୍ଥ ବେତଖୋଲିଠାରେ ଆଉ ୩ଟି ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି।

ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ୪୦୦ କେଭି ବିଶିଷ୍ଟ ୫ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ଆଉ ୪ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣାଧୀନ ରହିଛି ଏବଂ ➪ପୃଷ୍ଠା-୬

## ଥରିଲା ଲେହ୍ ଓ ଲଦାଖ
### ୫.୫ ତୀବ୍ରତାର ଭୂକମ୍ପ ଅନୁଭୂତ

ଶ୍ରୀନଗର, ୧୩।୮: ଲେହ୍ ଓ ଲଦାଖରେ ଗୁରୁବାର ସକାଳୁ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୫.୫ ବୋଲି ଜାତୀୟ ଗଣମାଧ୍ୟମଗୁଡ଼ିକ ରିପୋର୍ଟ କରିଛନ୍ତି। ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ ଗୁରୁବାର ସକାଳ ୬ଟା ୫ମିନିଟରେ ଲଦାଖର ଲେହରେ ରିକ୍ଟର ସ୍କେଲରେ ୫.୫ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୋର ସକାଳୁ ପୃଥିବୀ ଥରିବା କାରଣରୁ ଲୋକେ ଭୟଭୀତ ହୋଇଯାଇଥିଲେ। ଲୋକମାନେ ଭୟରେ ଘର ଭିତରକୁ ବାହାରି ବାହାରକୁ ପଳାୟନ କରିଥିଲେ। ତେବେ ରିପୋର୍ଟ ଲେଖାଯିବା ବେଳକୁ କୌଣସି କ୍ଷୟକ୍ଷତିର ସୂଚନା ହସ୍ତଗତ ହୋଇ ନାହିଁ।

### ନେତାଜୀଙ୍କ ବିରୁଦ୍ଧରେ ଆପତ୍ତିଜନକ ମନ୍ତବ୍ୟ
## ନଗେନ୍ଦ୍ର ରାୟଙ୍କଠାରୁ ବଙ୍ଗ ବିଭୂଷଣ ସମ୍ମାନ ପ୍ରତ୍ୟାହାର

ନୂଆଦିଲ୍ଲୀ, ୧୩।୮: ୨୦୨୬ ଫେବ୍ରୁଆରୀ ୨୧ ତାରିଖରେ ବିଜେପି ରାଜ୍ୟସଭା ସାଂସଦ ନଗେନ୍ଦ୍ର ରାୟ ଓରଫ ଅନନ୍ତ ମହାରାଜଙ୍କୁ ପ୍ରଦାନ କରାଯାଇଥିବା ବଙ୍ଗ ବିଭୂଷଣ ପୁରସ୍କାର ପ୍ରତ୍ୟାହାର କରାନିଆଯାଇଛି। ସୁଭାଷ ଚନ୍ଦ୍ର ବୋଷଙ୍କ ବିଷୟରେ ତାଙ୍କର ଅପମାନଜନକ ମନ୍ତବ୍ୟ ଯୋଗୁଁ ରାଜ୍ୟ ସରକାର ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିଜେପି ସରକାର କେବଳ ରାଜକୀୟ ସମ୍ମାନ ପ୍ରତ୍ୟାହାର କରିନାହାନ୍ତି, ବରଂ ଏହାକୁ ରଦ୍ଦ ମଧ୍ୟ କରିଦେଇଛନ୍ତି। ରାଜ୍ୟ ସୂଚନା ଓ ସାଂସ୍କୃତିକ ବ୍ୟାପାର ବିଭାଗ ଏକ ଆଦେଶରେ କହିଛି ଯେ ପୁରସ୍କାର ପ୍ରଦାନ ପରେ ସାମ୍ନାକୁ ଆସିଥିବା କିଛି ତଥ୍ୟ ଏବଂ ପରିସ୍ଥିତି ଏହାର ଜାରି ରଖିବା ଉପରେ ପ୍ରଶ୍ନ ଉଠାଇଥିଲା। ରେକର୍ଡରେ ଥିବା ସୂଚନାକୁ ବିଚାର କରିବା ପରେ, ସମ୍ପୃକ୍ତ କର୍ତ୍ତୃପକ୍ଷ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ପୁରସ୍କାର ଜାରି ରଖିବା ଏହାର ମର୍ଯ୍ୟାଦା, ପ୍ରତିଷ୍ଠା ଏବଂ ଉଦ୍ଦେଶ୍ୟ ସହିତ ସଙ୍ଗତ ନୁହେଁ।



### କାନ ଡେରିଥା

ସତ କହିଦେଲେ ସାମ୍ବାଦିକଟାକୁ
ହୋଇଥାଏ ଏଠି ଜେଲ
ସତକୁ ଘୋଡ଼ାଇ ଚାଟୁକାରି କଲେ
ମାରୁଥିବେ ପୁରା ତେଲ
ତେଲ ଟିକେ ମାରି ବାକ କ୍ଷମତାକୁ
କରନ୍ତି ହରଣଚାଲ
ସାମ୍ବାଦିକ ଏଠି ବିପଦେ ପଡୁଛି
ନାହିଁ ଏକତାର ବଳ ।

▪ ଦେବାଶିଷ

### ସୋସିଆଲ ମିଡିଆ ଗଣିତର ଗୋଲାକଧନ୍ଦାରେ ଜନମତ
## ଇନଷ୍ଟାଗ୍ରାମ୍ ଭ୍ୟୁ ଗାଣତାନ୍ତ୍ରିକ ନା କର୍ପୋରେଟ୍ ଗଣିତ ?

- ଦିଲ୍ଲୀ ଅନ୍ଦୋଳନକୁ ପ୍ରମୋସନ୍, ଝାଡ଼ଖଣ୍ଡ ବିକ୍ଷୋଭକୁ ବ୍ଲାକଆଉଟ୍!
- ମେଟାକୁ ଟାର୍ଗେଟ୍ କଲେ ବିଜେପି ମିଡିଆ ସେଲ୍ ଅଧ୍ୟକ୍ଷ

ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ସମ୍ପ୍ରତି ହାତରେ ଖଣ୍ଡେ ମୋବାଇଲ, ଗୋଟେ ଏକ୍ସଟେନ୍ସନ ଷ୍ଟିକ ଆଉ ଗୋଟେ ମୋବାଇଲ କମ୍ପାଟିବୁଲ ଲାପୁଲ ଦେଶର ଭାଗ୍ୟ ନିର୍ଦ୍ଧାରଣ କରୁଥିବା ପରି ମନେ ହେଉଛି। କାରଣ ସୋସିଆଲ ମିଡିଆ କେତେବେଳେ କେଉଁ ଘଟଣା ସମ୍ପର୍କୀତ ରିଲ୍ ବା ପୋଷ୍ଟକୁ ଉଠାଇବ ଆଉ କାହାକୁ ବ୍ଲାକ୍‌ଆଉଟ୍ କରିଦେବ ସେ ଗଣିତର ଗୋଲାକଧନ୍ଦାକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୂର୍ବରୁ ବ୍ୟକ୍ତିଗତସ୍ତରରେ ଥିବା ଏଭଳି ଆଲୋଚନା ଏବେ ଜାତୀୟସ୍ତରରେ ନୀତି ନିର୍ଦ୍ଧାରକଙ୍କୁ ଚକିତ କରିଛି। ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଦିଲ୍ଲୀ ସିଜେପି ଆନ୍ଦୋଳନ ବନାମ ଝାରଖଣ୍ଡର ଜେନ୍-ଜି ଆନ୍ଦୋଳନର ପ୍ରଚାର ପ୍ରସାର ଉପରେ କିଛି ଜାତୀୟ ଗଣମାଧ୍ୟମ ବିତର୍କ ଛିଡ଼ା କରାଇଛନ୍ତି।

ଏବେ ଝାଡ଼ଖଣ୍ଡରେ ଚାଲିଛି ଜେନ୍-ଜି'ଙ୍କ ଆନ୍ଦୋଳନ। ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତ ଦାବିରେ ଅଡ଼ି ବସିଛନ୍ତି ଛାତ୍ରଛାତ୍ରୀ। ଠିକ୍ ଦିଲ୍ଲୀ ଷ୍ଟାଇଲରେ ଯନ୍ତର ମନ୍ତର ଭଳି ଏଠାରେ ବି ହଜାର ହଜାର ଛାତ୍ରଛାତ୍ରୀ ଆନ୍ଦୋଳନରେ




ସାମିଲ ହୋଇଛନ୍ତି। ହେଲେ ଫରକ ହେଉଛି ଯେ ଦିଲ୍ଲୀ ଆନ୍ଦୋଳନ ଭଳି ଝାଡ଼ଖଣ୍ଡ ଆନ୍ଦୋଳନକୁ ସୋସିଆଲ ମିଡିଆର ବଳ ମିଳୁନି। ଦୁଇଟିଯାକ ଆନ୍ଦୋଳନରେ ସମାନତା ଥିବାବେଳେ ଭିନ୍ନତା ହେଉଛି ସୋସିଆଲ ମିଡିଆରେ ଏହାର ଭିଉଜ୍, ଲାଇକ୍ସ ଓ କମେଣ୍ଟ।

ଦିଲ୍ଲୀ ସିଜେପି ଆନ୍ଦୋଳନ କି-ୱାର୍ଡରେ ପାଖାପାଖି ୫୨୩୯ ପୋଷ୍ଟ କରାଯାଇଥିଲା। କେବଳ ୩ ହଜାର ଶହେ ୟୁନିକ୍ ଆକାଉଣ୍ଟରୁ ଏହି ପୋଷ୍ଟଗୁଡ଼ିକ ହୋଇଥିଲା। ଅନ୍ୟପକ୍ଷରେ ରାଞ୍ଚି କି-ୱାର୍ଡରେ ମୋଟ୍ ୨୯୦ଟି ଆକାଉଣ୍ଟରୁ ୧୦୭୨ ପୋଷ୍ଟ ହୋଇଥିଲା। ଇନ୍‌ଷ୍ଟାଗ୍ରାମ୍‌ର ଗଣିତ ଦିଲ୍ଲୀ ବିକ୍ଷୋଭକୁ ପ୍ରାୟ ୧ କୋଟି ୮୦ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚାଇଥିଲା। ପ୍ରତି ପୋଷ୍ଟରେ ହାରାହାରି ୩୫୦୦ରୁ ଅଧିକ ଏନଗେଜ୍‌ମେଣ୍ଟ ମିଳିଥିଲା। କିନ୍ତୁ ଝାଡ଼ଖଣ୍ଡ ରାଞ୍ଚି ବିକ୍ଷୋଭକୁ ନେଇ ସୋସିଆଲ ମିଡିଆ ପୋଷ୍ଟର ରିଚ୍ କେବଳ ୬ ଲକ୍ଷ ମଧ୍ୟରେ ସୀମିତ ରଖାଗଲା। ରାଞ୍ଚିରେ ସୋସିଆଲ୍ ମିଡିଆର ଏହି 'ବ୍ଲାକ୍‌ଆଉଟ୍' ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହିତ ଦ୍ୱନ୍ଦ୍ୱରେ ପକାଇଛି।

ଏଭଳି ସାଂଘାତିକ ତଥ୍ୟ ସାମ୍ନାକୁ ଆସିବା ପରେ ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଳବ୍ୟ ଇନଷ୍ଟାଗ୍ରାମର ପ୍ୟାରେଣ୍ଟ କମ୍ପାନି ମେଟାକୁ ସୋସିଆଲ ମିଡିଆ ➪ପୃଷ୍ଠା-୬

## ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବି



କେନ୍ଦ୍ରାପଡ଼ା,୧୩।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡ଼ା ପଞ୍ଚାୟତର ମୁଖ୍ୟ ରାସ୍ତାକୁ ମାଡି ଅନେକ ଲୋକ ଘର ନିର୍ମାଣ କରିଥିବାରୁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ଗାଙ୍ଗପଡ଼ା ପଞ୍ଚାୟତସ୍ଥ ସୋବଲା ଗ୍ରାମର ରାସ୍ତା ନିର୍ମାଣ ପାଇଁ ପ୍ରାୟ ତିନିକୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ତିଆରି କରିବା ପାଇଁ ଅର୍ଥ ଆସିଥିବାବେଳେ ଜବରଦଖଲ ଉଚ୍ଛେଦ ନ ହେବାରୁ ରାସ୍ତା କାମ ହୋଇପାରୁନାହିଁ। ତୁରନ୍ତ ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ କରି ରାସ୍ତା ନିର୍ମାଣ କରିବାକୁ ଗ୍ରାମର ଅସୀତ ବନ୍ଧୁ ଧଳ, ଛତିଶ କୁମାର ପରିଡ଼ା, ପ୍ରଶାନ୍ତ ପରିଡ଼ା, ଅକ୍ଷୟ ସାହୁ, ଧରଣୀ ଧର ସାହୁ ପ୍ରମୁଖ ଦାବି କରିଛନ୍ତି।

## ଦାମୋଦରପାଟଣା ଓ ପୋଖରୀକୂଳ ସ୍କୁଲରୁ ଚୋରି



ପଟ୍ଟାମୁଣ୍ଡାଇ,୧୩।୮(ସଂଚାର ବ୍ୟୁରୋ): ବୁଧବାର ବିଳମ୍ବିତ ରାତିରେ ଅଳପୁଆ ପଞ୍ଚାୟତ ଦାମୋଦରପାଟଣା ପ୍ରାଇମେରୀ ସ୍କୁଲରେ ଲାଗିଥିବା ପାଣିପମ୍ପ ଚୋରି ହୋଇଯାଇଥିବାବେଳେ, ଅନୁରୂପ ଭାବେ ତରଡ଼ିପାଳ ପଞ୍ଚାୟତ ଅନ୍ତର୍ଗତ ପୋଖରୀକୂଳ ପ୍ରାଇମେରୀ ସ୍କୁଲରୁ କବାଟ ତାଡ଼ି ଦୁର୍ବୃତ୍ତ ପାଣିପମ୍ପ, ଗ୍ୟାସ ସିଲିଣ୍ଡର ସହିତ କିଛି ମଧ୍ୟାହ୍ନ ଭୋଜନ ଚାଉଳ ଲୁଟିନେଇଛନ୍ତି। ଆଜି ସକାଳେ ସ୍କୁଲ ଖୋଲିବା ପରେ କାର୍ଯ୍ୟରତ ଶିକ୍ଷକ ଓ ଗ୍ରାମବାସୀ ପହଞ୍ଚିଥିଲେ ଏବଂ ଏସଏମସି ସୁପାରିଶ କ୍ରମେ ଉଭୟ ସ୍କୁଲର ପ୍ରଧାନ ଶିକ୍ଷକ ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଛନ୍ତି।

## ପ୍ରଭାବିତଙ୍କୁ ଏକେ ଦାସ ଟ୍ରଷ୍ଟ ପକ୍ଷରୁ ବନ୍ୟା ସହାୟତା ବଣ୍ଟନ

ମାର୍ଶାଘାଇ,୧୨।୮(ସଂଚାର ବ୍ୟୁରୋ): ଚିତ୍ରୋତ୍ପଳା ନଦୀ ଘେରିବନ୍ଧ ବାହାରେ ଥିବା ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ଆଙ୍ଗୋ ଗ୍ରାମର ବନ୍ୟା ପ୍ରଭାବିତ ୭୦ ପରିବାରଙ୍କୁ ପାରାଦ୍ୱୀପର ଏ.କେ.ଦାସ ଫାଉଣ୍ଡେସନ



ଟ୍ରଷ୍ଟ ପକ୍ଷରୁ ସହାୟତା ବଣ୍ଟନ କରାଯାଇଛି। ଚିତ୍ରୋତ୍ପଳା ନଦୀ ଘେରିବନ୍ଧ ବାହାରେ ଥିବା ଏହି ଗାଁର ଲୋକମାନେ ନଦୀରେ ବନ୍ୟା ଆସିବା ମାତ୍ରେ ପାଣି ଘେରରେ ରହିଛନ୍ତି ଏବଂ ଘେରିବନ୍ଧ ଭିତରେ ଥିବା ସେମାନଙ୍କ ଚାଷକ୍ଷେତରେ ଗହଗା ପାଟର ବର୍ଷାପାଣି ଭର୍ତ୍ତି ହୋଇ ଚାଷକ୍ଷେତ ପ୍ରଭାବିତ ହୋଇଛି। ପାରାଦ୍ୱୀପସ୍ଥ ଏ.କେ. ଦାସ ଟ୍ରଷ୍ଟର ଚେୟାରମ୍ୟାନ ପ୍ରଣତୀ ଦାସ, ଟ୍ରଷ୍ଟ ଭଲ୍ୟୁଣ୍ଟର ଚୌଧୁରୀ ନୂତନ ଦାସ, ହୋଟେଲ ସି.ପର୍ଲ ପାରାଦ୍ୱୀପର ଜିଏମ ଅଭୟ ପ୍ରଧାନ ପ୍ରମୁଖ ଗାଁ ରେ ପହଂଚି ପ୍ରଭାବିତ ଲୋକମାନଙ୍କୁ ଭେଟି ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ଶୁଖିଲା ଖାଦ୍ୟ ପ୍ୟାକେଟ, ପଲିଥିନ କ୍ୟାଣ୍ଡେଲ, ଦିଆସିଲି ଏବଂ ପିଇବା ପାଣି ବୋତଲ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରକୁଳା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ରାଜଲକ୍ଷ୍ମୀ ଦାସ, ବିଜେପି ଯୁବନେତା ସଞ୍ଜୟ ପଣ୍ଡା, ମନୋଜ ପରିଡା, ସମାଜସେବୀ ନିଗମ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଗିରଫ, ଖଣ୍ଡା ଓ ବାଇକ ଜବତ

ହିଞ୍ଜିଳିକାଟୁ,୧୨।୮(ସଂଚାର ବ୍ୟୁରୋ): ହିଞ୍ଜିଳି ବସଷ୍ଟାଣ୍ଡରେ ଗତକାଲି ଦୁଇ ଜଣ ଯୁବକ ଖଣ୍ଡା ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଁଚି ଥାନାରେ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ହିଞ୍ଜିଳି ଥାନା ନରେନ୍ଦ୍ରପୁରର ବିଭୁ ସ୍ୱାଇଁ (୧୯) ଓ ଜଗନ୍ନାଥ ନାୟକ (୧୯)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ଖଣ୍ଡା ଓ ବାଇକ ଜବତ ହୋଇଥିବା ନେଇ ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

### ବିପଦ ସଙ୍କୁଳ ଅବସ୍ଥାରେ ମହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୃହ

# ତୁରନ୍ତ ପଦକ୍ଷେପ ପାଇଁ ପରିଚାଳନା କମିଟିର ଦାବି

କେନ୍ଦ୍ରାପଡ଼ା,୧୨।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକ ଅଧୀନସ୍ଥ ମହୁ ଗ୍ରାମ ପଞ୍ଚାୟତରେ ଥିବା ମହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନୋଟି ଶ୍ରେଣୀ ଅର୍ଥାତ୍ ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀରେ ମୋଟ ଏକ ଶହ ଅଠର (୧୧୮) ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଠ ପଢ଼ିବା ପାଇଁ ଆଜବେଷ୍ଟ ବିଶିଷ୍ଟ ତିନୋଟି ଶ୍ରେଣୀଗୃହ ରହିଛି। ଉକ୍ତ ଆଜବେଷ୍ଟ ଗୃହ ଗୁଡ଼ିକ ବହୁ ପୁରୁଣା ହୋଇଯିବା ସହିତ ଅନେକ ସ୍ଥାନରେ ଫାଟିଯାଇଥିବା ବେଳେ କେତେକ ସ୍ଥାନରେ ବଡ଼ ବଡ କଣା ହୋଇ ଯାଇଛି। ପୂର୍ବରୁ ଏହି ଆଜବେଷ୍ଟ ଗୃହକୁ ମରାମତି କରାଯାଇ ପାଠ ପଢ଼ା ଯାଉଥିଲେ ହେଁ ବର୍ତ୍ତମାନ ଏହାକୁ ମରାମତି କରି ପାଠ ପଢ଼ାଇବା ଆଉ ସମ୍ଭବ ନୁହେଁ।ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ଦାବି କରି ଆଜି ବିଡ଼ିଓଙ୍କ ନିକଟରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ





ଲିଖିତ ଅଭିଯୋଗ କରାଯାଇଛି। ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହର ଆଜବେଷ୍ଟ ଗୁଡ଼ିକ ଅନେକ ସ୍ଥାନରେ ଫାଟିଯାଇଥିବାରୁ ବର୍ଷା ସମୟରେ ଶ୍ରେଣୀଗୃହରେ ବର୍ଷା ପାଣି ପଶିଯିବାରୁ ଶିକ୍ଷାଦାନ ଗୁରୁତର ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ଶ୍ରେଣୀ ଗୃହରେ ବିଭିନ୍ନ ପ୍ରକାରର ବିଷଧର ସାପ ମଧ୍ୟ ବାହାରୁଛି। ଫଳରେ ପିଲା ମାନଙ୍କ ଜୀବନ ପ୍ରତି ଘୋର ବିପଦ ସୃଷ୍ଟି ହେଉଥିବା ବେଳେ ବର୍ଷା ପବନ ପାଠ ପଢ଼ାରେ ବାଧକ ସାଜୁଛି। ଯଦି ବର୍ଷା ସମୟରେ ଜୋରରେ ପବନ ହେଉଛି ତେବେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମନରେ ଏହା ଭୟ ଜାଗ୍ରତ କରିବା ସହ ପାଠ ପଢୁଥିବା ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି। ବର୍ତ୍ତମାନ ଏପରି ବିପଦ ସଙ୍କୁଳ ଅବସ୍ଥାରେ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ା ଯାଉଥିବାରୁ ଯଦି କିଛି ଦୁର୍ଘଟଣା ଘଟି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି କ୍ଷତି ପହଞ୍ଚେ ତେବେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ ପୂର୍ବରୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର କୌଣସି ସମାଧାନ କରାନଯାଇ ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଜୀବନକୁ ବିପଦ ମଧ୍ୟକୁ ଠେଲି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ତେଣୁ ବିଦ୍ୟାଳୟରେ ପାଠ ପଢୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ସଦସ୍ୟ ମନୋରଞ୍ଜନ ସାହୁ ଓ ସଦସ୍ୟ ଦୀନବନ୍ଧୁ ତ୍ରିପାଠୀ, ହୃଦାନନ୍ଦ ପରିଡ଼ା, ରତିକାନ୍ତ ପାତ୍ର, ମାନସ ରଞ୍ଜନ ଧଳ, ନିତ୍ୟାନନ୍ଦ ବିଶ୍ୱାଳ, ନବଘନ ତରାଇ, ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ, ଦିପ୍ତିରେଖା ପାତ୍ର, ଗାୟତ୍ରୀ ଦାସ, ସନ୍ଧ୍ୟାରାଣୀ ତରାଇ, ଲିଳିମା ଦାସ, ମିନତୀ ମଲ୍ଲିକ, ମାନସ ସାହୁ, ଜୟନ୍ତୀ ତରାଇ, ଶଶିକଳା ମଲ୍ଲିକ, ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି।

## ଲଗାଣ ବର୍ଷାରେ ଗ୍ରାମରେ ପାଣି ପଶିଲା, ଜଳବନ୍ଦୀରେ ୬ ପରିବାର



ନୀଳଗିରି,୧୩।୮(ସଂଚାର ବ୍ୟୁରୋ): ଗତ ୧୨ତାରିଖ ବୁଧବାର ସନ୍ଧ୍ୟା ଠାରୁ ଲଗାଣ ବର୍ଷା ହୋଇଥିଲା। ଏହି ଲଗାଣ ବର୍ଷାରେ ନୀଳଗିରି ରେ ଆଂଶିକ ଭାବେ ସ୍ଥାନେ ସ୍ଥାନେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଦେବଗିରି ପାହାଡ଼ ପାଣି ଏବଂ ଶାଳନ୍ଦୀ କେନାଲ ପାଣି ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜେମାଦେଇପୁର ଗ୍ରାମରେ ପଶିବା ଫଳରେ ଗ୍ରାମ ମଝି ରାସ୍ତାରେ ପାଣି ଲହଡି ମାରୁଛି। ବନ୍ୟଜଳ ଗ୍ରାମର ପସିବା ଫଳରେ ସ୍ୱର୍ଗତ ବାଇଧର ବେହେରା ଙ୍କ ପୁତ୍ର କାର୍ତ୍ତିକ ବେହେରା, ସ୍ୱର୍ଗତ ଗୋରା ବେହେରା ଙ୍କ ପୁଅ ମୁରଲୀଧର ବେହେରା ଓ ଶମ୍ଭୁନାଥ ବେହେରା, ଫତକା ଓରଡ଼ ଚଗୁଲୁ ବେହେରା, ଚନ୍ଦନ ବେହେରା ପ୍ରମୁଖ ୬ପରିବାର ଜଳବନ୍ଦୀ ଘେରରେ ଥିବା ବେଳେ ସମସ୍ତଙ୍କ ଘର ଓ ଗୋରୁ ଗୁହାଳରେ ପାଣି ଲହଡି ମାରୁଛି। ଅନ୍ୟ ଦିଗରେ ରୋଷେଇ ଠାରୁ ଆରମ୍ଭକରି ସୁଆବସା କରିବା ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଛି।

## ଯୋଗ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ କେସିସିଏଲର ସମ୍ବର୍ଦ୍ଧନା ଓ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା, ୧୩।୮(ସଂଚାର ବ୍ୟୁରୋ): ଜାତୀୟ ସ୍ତରୀୟ ଯୋଗ ପ୍ରତିଯୋଗିତାରେ ଯୋଗ ଦେବାପାଇଁ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ଲିମିଟେଡ୍ ପକ୍ଷରୁ ପ୍ରତିଯୋଗୀମାନଙ୍କୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କୃତି ପ୍ରତିଯୋଗୀମାନେ ହେଉଛନ୍ତି ରାଜ୍ୟ ସ୍ତରରେ ପ୍ରଥମ ହୋଇଥିବା କେନ୍ଦ୍ରାପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅର୍ପିତା ମହାନ୍ତ, ଦ୍ୱିତୀୟ ସ୍ଥାନରେ ସେଣ୍ଟ ଜାଭିୟର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ସାହୁ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଶ୍ରୀକୃଷ୍ଣ ମଣ୍ଡଳ। ଏହି ପ୍ରତିଯୋଗୀମାନେ କେନ୍ଦ୍ରାପଡ଼ା ଶ୍ରୀ ଯୋଗ ବେଦାନ୍ତ କଳା ନିକେତନରୁ ପ୍ରଶିକ୍ଷଣ ନେଇ ଏହି ସଫଳତା



ହାସଲ କରିଛନ୍ତି। ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବରେ ସୋସାଇଟିର ସଭାପତି ବିଶିଷ୍ଟ ସମବାୟବିତ ପ୍ରମୋଦ କୁମାର ସାହୁ କହିଲେ ଯେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କଲେ ସେମାନେ ଆଗକୁ ବଢ଼ିବା ପାଇଁ ଉତ୍ସାହ ପାଇଥାନ୍ତି। ଏହି ତିନି ଜଣ କୃତି ପ୍ରତିଯୋଗୀ କେନ୍ଦ୍ରାପଡ଼ା ଜିଲ୍ଲା ଏବଂ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ। ସେମାନଙ୍କୁ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଆବଶ୍ୟକ ସ୍ଥଳେ ଅଧିକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

### ତିଖିରି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

# ଶେଷ ହେଲା ଭୋଟ୍, ଘୋଷଣା ହେଲାନି ଫଳାଫଳ

ମହାକାଳପଡ଼ା,୧୩।୮(ସଂଚାର ବ୍ୟୁରୋ): ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ନେଇ ଗୁରୁବାର ତିଖିରି ପଞ୍ଚାୟତ କାର୍ଯ୍ୟାଳୟରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟିଂ ସମ୍ପନ୍ନ ହୋଇଛି। ତେବେ ଭୋଟ୍ ଶେଷ ହୋଇଥିଲେ ମଧ୍ୟ ଫଳାଫଳ ଘୋଷଣା କରାଯାଇନାହିଁ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟର



ଫଳାଫଳକୁ ସଂରକ୍ଷିତ ରଖାଯାଇଥିବାରୁ ଏବେ ଚାମେଲି ଓଝାଙ୍କ ସରପଞ୍ଚ ପଦ ପୂର୍ବବତ୍ ରହିଛି। ଭୋଟିଂ ପୂର୍ବରୁ ସରପଞ୍ଚ ଚାମେଲି ଓଝା ଉଚ୍ଚ ନ୍ୟାୟାଳୟଙ୍କ ଅନ୍ତରୀଣ ନିର୍ଦ୍ଦେଶନାମାର ନକଲ ରିଟର୍ଣ୍ଣିଂ ଅଫିସର ତଥା ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପ୍ରଦାନ କରିଥିଲେ। ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ଅନାସ୍ଥା ପ୍ରସ୍ତାବ ଦିଆଯାଇଥିବା ସେ ଅଭିଯୋଗ କରିଥିଲେ। ସୂଚନା ଅନୁସାରେ, ତିଖିରି ପଞ୍ଚାୟତର ୨୨ ଜଣ ୱାର୍ଡ ସଭ୍ୟ/ ସଭ୍ୟା ସରପଞ୍ଚଙ୍କ ବିରୋଧରେ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହା ଆଧାରରେ ଅଗଷ୍ଟ ୧୩ ତାରିଖରେ ଭୋଟିଂ ପାଇଁ ପ୍ରଶାସନ ପକ୍ଷରୁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ତାଙ୍କୁ ଅନାସ୍ଥା ଅଧିବେଶନର ନୋଟିସ୍ ଦିଆଯାଇନଥିବା ଅଭିଯୋଗ କରି ସରପଞ୍ଚ ଓଝା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ଏହି ମାମଲାରେ ଅଗଷ୍ଟ ୧୧ ତାରିଖରେ ଉଚ୍ଚ ନ୍ୟାୟାଳୟ ଶୁଣାଣି କରି ଅନାସ୍ଥା ଭୋଟିଂ ପ୍ରକ୍ରିୟା ଜାରି ରଖିବାକୁ ଅନୁମତି ଦେଇଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚୋରାମଦ ଜବତ, ୭ଗିରଫ



କେନ୍ଦ୍ରାପଡ଼ା, ୧୩।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର, ତାଳଚୁଆ ସାମୁଦ୍ରିକ, କୁଦାନଗରୀ, କେନ୍ଦ୍ରାପଡ଼ା ଟାଉନ, ପାଟକୁରା ଓ ମାର୍ଶାଘାଇ ଥାନା ଅଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଗରଜଙ୍ଗା ଗ୍ରାମର ଟୁକୁନା ମଳିକ(୫୦)ଙ୍କ ନିକଟରୁ ୧୬ ଲିଟର ଚୋରା ବିଦେଶୀ ମଦ, ପିକିରାଳି ଗ୍ରାମର ଦୟାନିଧି ସେଠି(୫୫)ଙ୍କ ନିକଟରୁ ୨୦ ଲିଟର ଚୋରା ଦେଶୀ ମଦ ଏବଂ ପ୍ରଶାନ୍ତ ପ୍ରଧାନ(୫୬)ଙ୍କ ନିକଟରୁ ୨୫ ଲିଟର ଚୋରା ବିଦେଶୀ ମଦ, ଟିକାୟତ ନଗର ଗ୍ରାମର ବିଜୟ ଗିରି(୪୮)ଙ୍କ ଠାରୁ ୧୭ ଲିଟର ଚୋରା ଦେଶୀ ମଦ, ରିଘାଗଡ଼ ଗ୍ରାମର ସଞ୍ଜୟ ମାଝୀ(୫୦)ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ, ଶ୍ୟାମଗୁଡ଼ିଆ ଗ୍ରାମର ରମାକାନ୍ତ ସାହୁ(୪୮)ଙ୍କ ନିକଟରୁ ୩୧ ଲିଟର ଚୋରା ଦେଶୀ ମଦ ଓ ବେଉଳ ଗ୍ରାମର ରଞ୍ଜିତା ମହାଳୀ(୩୪)ଙ୍କ ନିକଟରୁ ୩୮ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୧୭୬ ଲିଟର ଦେଶୀ ଓ ବିଦେଶୀ ଚୋରା ମଦ ଜବତ କରାଯାଇଥିବାବେଳେ ୭ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ଦୀପକ କୁମାର ଜେନା, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରଞ୍ଜନ କୁମାର ପାତ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଭାଲୁ ଆକ୍ରମଣରେ ୨ଜଣ ଗୁରୁତର

### ବଞ୍ଚିବା ପାଇଁ ଜୀବନ ମରଣ ସହ କରୁଛନ୍ତି ସଂଗ୍ରାମ

ନୀଳଗିରି,୧୩।୮(ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ତଥାଔପଦା ବ୍ଲକ ଅଧିନସ୍ଥ ଶ୍ୟାମସୁନ୍ଦର ପୁର ପଞ୍ଚାୟତ ଅନ୍ତର୍ଗତ ଜୁରିଆପାଟଣା ଗ୍ରାମରେ ଅରୁଣ ଦଳେଇ ଙ୍କର ପତ୍ନୀ ସୁକାନ୍ତି ଦଳେଇ (୪୬) ଆଜି ଭୋର ୫ ଟା ସମୟରେ ପାଖ ଦ୍ୱାରିକା ସାଧୁବାବୁ ପୋଖରୀ କୁ ଶୋଚ ହେବା ସମୟରେ ପଛପଟୁ ଭାଲୁ ଆକ୍ରମଣ କରିଥିଲା।ସେହିପରି ଉକ୍ତ ପଞ୍ଚାୟତ ର ଦ୍ୱାରିକା ଗ୍ରାମ ର ପୂର୍ଣ୍ଣ ଚନ୍ଦ୍ର ବାରିକ ଙ୍କ ପୁଅ ଦିଲ୍ଲୀପ ବାରିକ (୩୫) ଚାଷ ଜମିକୁ ଯାଇଥିଲେ ମହାବଳ ପଦା ନିକଟସ୍ଥ ପୋଖରୀ ପାଖରେ ତିନୋଟି ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ।୨ଜଣଙ୍କୁରକ୍ତ ଜୁଡୁ ବୁଡୁ ଅବସ୍ଥା ରେ ସ୍ଥାନୀୟ ଲୋକ ଉଦ୍ଧାର କରି ୧୦୮ ଜୋରିଆ ନୀଳଗିରି ଡାକ୍ତରଖାନା ରେ ପ୍ରାଥମିକ ଚିକିତ୍ସା ପରେ ୨ଜଣଙ୍କ ଅବସ୍ଥା ସଂକଟାପନ ଥିବା ରୁ ସେମାନଙ୍କୁ ରେମୁଣା ସ୍ଥିତ ଫକୀର ମୋହନ ମେଡ଼ିକାଲ କଲେଜ କୁ ସ୍ଥାନାନ୍ତରିତ କରାଯାଇଛି।

## ବିଦ୍ୟାଳୟ ପକ୍ଷରୁ 'ଯୁବା ଦିବସ' ପାଳନ




କେନ୍ଦ୍ରାପଡ଼ା,୧୩।୮(ସଂଚାର ବ୍ୟୁରୋ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଆଦ୍ୟାଶକ୍ତି ଭବନରେ ତା ରିଖ ବୁଧବାର ସକାଳେ 'ଆନ୍ତର୍ଜାତୀୟ ଯୁବା ଦିବସ' ପାଳନ କରାଯାଇଥିଲା। ଶୀର୍ଷକ 'ସମାଜ ଏବଂ ଦେଶରେ ବିକାଶରେ ଯୁବା ପିଢ଼ିର ମହତ୍ତ୍ୱ' ଉପରେ ଦିଗଦର୍ଶନ ଦେଇଥିଲେ ମୁଖ୍ୟ ଅତିଥି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କେନ୍ଦ୍ରାପଡା ଜିଲ୍ଲା ଚାଳକ ତଥା ଚକ୍ରଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର। ନିଶା ମୁକ୍ତି ଭାରତ ଓ ବିକଶିତ ଭାରତ ଗଠନ ଦିଗରେ ଯୁବାବର୍ଗଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇ ଥିଲେ ବ୍ରହ୍ମା କୁମାର ଅଭିନ୍ନ ରାୟ। ଉପସ୍ଥିତ ସଭାକୁ ନିଶାମୁକ୍ତି ଶପଥ ପାଠ କରାଇଥିଲେ ସହଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ବ୍ରହ୍ମା କୁମାରୀ ଚନ୍ଦ୍ରମା ଲେଙ୍କା। ମଞ୍ଚ ପରିଚାଳନା କରିଥିଲେ ଆଳି ସେବାକେନ୍ଦ୍ର ପ୍ରଭାରୀ ବ୍ରହ୍ମା କୁମାରୀ ସଂଯୁକ୍ତା।ଆଳି ବ୍ଲକ୍ ର ବିଭିନ୍ନ ସଂଗଠନର ଶତାଧିକ ଯୁବା ବର୍ଗ ନିଜର ସକାରାତ୍ମକ ସହଯୋଗ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ସେବାକେନ୍ଦ୍ର ତରଫରୁ ଆଧ୍ୟାତ୍ମିକ ପତ୍ରିକା'ଯୁବା ଶକ୍ତିର ମହତ୍ତ୍ୱ', 'ମନର ଶାନ୍ତି' ଏବଂ 'ନାରୀ ତୁ କଲ୍ୟାଣକାରୀ' ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା।

## ହଜାର ହଜାର ଲୋକଙ୍କ ହାତରେ ତ୍ରିରଙ୍ଗା!



ଯାଜପୁର,୧୩।୦୮(ସଂଚାର ବ୍ୟୁରୋ): ଯାଜପୁର ସହରର ରାଜରାସ୍ତାରେ ଆଜି ଦେଖିବାକୁ ମିଳିଲା ଦେଶପ୍ରେମର ଅପୂର୍ବ ଦୃଶ୍ୟ। କାହା ହାତରେ ତ୍ରିରଙ୍ଗା, କାହା ମୁହଁରେ 'ଭାରତ ମାତା କି ଜୟ'ର ନାରା— ସମଗ୍ର ଯାଜପୁର ସହର ଯେପରି ଦେଶଭକ୍ତିର ରଙ୍ଗରେ ରଙ୍ଗିଗଲା। ସ୍ୱାଧୀନତା ଦିବସ ଏବଂ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ସଫଳ କରିବା ଲକ୍ଷ୍ୟରେ ଯାଜପୁରରେ ଆୟୋଜିତ ହୋଇଥିଲା ବିଶାଳ ତ୍ରିରଙ୍ଗା ଯାତ୍ରା। ମାନସାପୋଲସ୍ଥିତ ଶ୍ରୀରାମ ମନ୍ଦିର ନିକଟରୁ ପୂର୍ବାହ୍ନରେ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ତିନି ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇ ଦେଶପ୍ରେମର ନିଆରା ବାର୍ତ୍ତା ଦେଇଥିଲେ। ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବହୁ ଜନପ୍ରତିନିଧି, ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଯାତ୍ରାରେ ଯୋଗ ଦେଇଥିଲେ।

## ପୌର ପରିଷଦ ପକ୍ଷରୁ ଘର ତ୍ରିରଙ୍ଗା ରାଲି

ପଟ୍ଟାମୁଣ୍ଡାଇ,୧୩।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଆଜି ୧୩ ଅଗଷ୍ଟରେ ଏକ ଭବ୍ୟ 'ହର ଘର ତ୍ରିରଙ୍ଗା' ରାଲି ସଫଳତାର ସହ ଆୟୋଜିତ ହୋଇଛି ଓ ଏହି ରାଲି ପୌର ପରିଷଦ କାର୍ଯ୍ୟାଳୟରୁ ବାହାରି ପଟ୍ଟାମୁଣ୍ଡାଇ କଲେଜ




ଅଧକ୍ଷ ପ୍ରଫେସର ଗୌର ପ୍ରସାଦ ଷଡଙ୍ଗୀ ମହିଳା ଡିଗ୍ରୀ କଲେଜ ଅଧକ୍ଷ ଶ୍ରୀଧର ବେହେରା ଓ +୨ କଲେଜ ଅଧକ୍ଷା ରାଜଲକ୍ଷ୍ମୀ ମହାନ୍ତି ପଟ୍ଟାମୁଣ୍ଡାଇ କଲେଜ ଓ ମହିଳା କଲେଜ, ଏମ ଏନ ହାଇସ୍କୁଲ, ବକ୍ତାରପୁର ହାଇସ୍କୁଲ, କଷଣଅଣ୍ଡା ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଏହି ଭକ୍ତି ଦେଶାତ୍ମବୋଧ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଏସ ଡ଼ି ପି ଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର, ପୌର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ଅଗ୍ନିଶମ ଅଧିକାରୀ ସୁବାଷ ନନ୍ଦ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଓ ପାବନୀ କୁମାର ରାଉତ ପଟ୍ଟାମୁଣ୍ଡାଇ କଲେଜ ଏବଂ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ବିଭିନ୍ନ ସଂଗଠନ କର୍ମକର୍ତ୍ତା ସମେତ ୭୦୦ ଅଂଶଗ୍ରହଣକାରୀ ସାମିଲ ହୋଇ ତ୍ରିରଙ୍ଗା ପତାକା ଜାତୀୟ ଏକତା, ଦେଶପ୍ରେମ ଓ ଦେଶର ଗୌରବ ପ୍ରତି ନିଜର ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ତପସ୍ୱିନୀ ଦାଶ, ହୃଷିକେଶ ନାଥ ପ୍ରଫୁଲ୍ଲ ଦାଶ, ଗଙ୍ଗାଧର ନାୟକ, ଗଣେଶ ପାତ୍ର ଓ ମନୋରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

## କରିତକର୍ମା କିରାଣୀଙ୍କ କବଜାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ପ୍ରହସନ ପାଲଟିଛି ବଦଳି ନିୟମ !

କେନ୍ଦ୍ରାପଡ଼ା, ୧୨।୮(ସଂଚାର ବ୍ୟୁରୋ): ପୂର୍ବତନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବଦଳି କରିଥିବା ବରିଷ୍ଠ କିରାଣି ସୁକାନ୍ତ କୁମାର ଜେନାଙ୍କୁ ବଦଳିର ଛଅମାସ ନପୁରୁଣୁ ପୁର୍ନବାର କର୍ତ୍ତୃପକ୍ଷ ଜିଲ୍ଲା ମୁଖ୍ୟାଳୟକୁ ଫେରାଇ ଆଣିବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟି ବରିଷ୍ଠ କିରାଣି ସୁକାନ୍ତ କୁମାର ଜେନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ଉପବିଭାଗରେ ୨୦୧୧ ଜୁଲାଇ ୧ତାରିଖରେ କନିଷ୍ଠ ରାଜସ୍ୱ ସହାୟକ ଭବେ ଚାକିରୀରେ ଯୋଗଦେଇଥିଲେ। ସେହି ସମାନ ସ୍ଥାନରେ ୨୦୨୧ ଜୁନ୍ ୧୭ରେ ଶ୍ରୀ ଜେନାଙ୍କୁ ବରିଷ୍ଠ ରାଜସ୍ୱ ସହାୟକ ଭାବେ ପଦୋନ୍ନତି ମିଳିଲା। କିନ୍ତୁ ଦୀର୍ଘ ବର୍ଷ ଧରି ଗୋଟିଏ ଯାଗାରେ ରହିଥିବା ବେଳେ ତାଙ୍କୁ ପଦୋନ୍ନତି ଦିଆଗଲା ମାତ୍ର ବଦଳି ତ ଦୂରର କଥା ସେକ୍ସନ ବି ବଦଳିଲା ନାହିଁ।ସେହି ସମାନ ଯାଗାରେ ଦୀର୍ଘ ୧୫ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ବରିଷ୍ଠ କିରାଣି ସୁକାନ୍ତ ଜେନା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବଦଳି ନାଁରେ ଚାଲିଥିବା ଏଭଳି ପ୍ରହସନକୁ ପଦାରେ ପକାଇଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥାର ସୁପରିଚାଳନା ତଥା ୩ବର୍ଷରୁ ଉର୍ଦ୍ଧ୍ୱ ଗୋଟିଏ ସ୍ଥାନରେ ରହିଥିବା କର୍ମଚାରୀଙ୍କୁ ବଦଳି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ସମ୍ପୃକ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଏହି ବଦଳି ନିୟମକୁ ଫୁ କରିଦିଆଯାଇଛି। ତତ୍କାଳୀନ ଜିଲ୍ଲାପାଳଙ୍କ ଚିଠି ନଂ ୧୨୯୧, ତା ୧୬ .୧୧. ୨୦୨୪ ରିଖରେ ବରିଷ୍ଠ କିରାଣି ସୁକାନ୍ତ ଜେନାଙ୍କୁ ଡେରାବିଶ ବ୍ଲକ୍‌ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ଓ ଲ୍ୟାଣ୍ଡ ଆକୁଜିସନ ବିଭାଗକୁ ବଦଳି କରାଯାଇଥିଲା।

## ମହିଳାଙ୍କୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ



ନିଶ୍ଚିନ୍ତକୋଇଲି,୧୨।୮(ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ଥାନା ଅଧିନ ସୁକରପଡ଼ା ପଞ୍ଚାୟତ ହଳଧରପୁର ଗ୍ରାମର ନଳିନୀପ୍ରଭା ପୁହାଣଙ୍କ ଭଦ୍ରେଶ୍ୱର ଥାନା ଅଧିନରେ ଥିବା ଚାଷ ଜମିରେ ତାଙ୍କ ପୁତ୍ର ଓ ମଜୁରିଆ ମାନେ ଧାନ ରୁଆପୋତା କରୁଥିବା ସମୟରେ ପଡ଼ୋଶୀ ପ୍ରଭାବତୀ ପୁହାଣ ଓ ତାଙ୍କ ସ୍ୱାମୀ ପିତାମ୍ବର ପୁହାଣ ଧାନ ବିଲରେ ପହଞ୍ଚି ରୁଆ ଯାଇଥିବା ଧାନକୁ ଓପାଡ଼ି ଫୋପାଡ଼ିବାରୁ ନଳିନୀପ୍ରଭାଙ୍କ ପୁତ୍ର ଫୋନ୍ ଯୋଗେ ତାଙ୍କ ମାଆକୁ ଡ଼ାକିଥିଲେ। ନଳିନୀପ୍ରଭା ସେଠାରେ ପହଞ୍ଚି ଧାନ ଓପାଡୁଥିବା ପ୍ରଭାବତୀଙ୍କୁ ରୋକିବାରୁ ପ୍ରଭାବତୀ ନଳିନୀପ୍ରଭାଙ୍କ ତଣ୍ଟିକୁ ଧରି ଠେଲାପେଲା କରିବା ସମୟରେ ପ୍ରଭାବତୀଙ୍କ ସ୍ୱାମୀ ପିତାମ୍ବର ନଳିନୀପ୍ରଭାଙ୍କୁ ଏକ ଢେଙ୍ଗା ସାହାଯ୍ୟରେ ମାଡ଼ ମାରିଥିଲେ ଫଳରେ ନଳିନୀପ୍ରଭା ତଳେ ପଡ଼ିଯାଇଥିଲେ। ସେ ସମୟରେ ନଳିନୀଙ୍କ ପୁତ୍ର ମାଆଙ୍କୁ ବଞ୍ଚାଇବାକୁ ଯାଇ ଉଠାଇବା ବେଳେ ପିତାମ୍ବର ପୁଅଙ୍କୁ ମଧ୍ୟ ଠେଙ୍ଗାରେ ବାଡ଼େଇଥିବା ନେଇ ନଳିନୀପ୍ରଭା ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

# ଲଗାଣ ବର୍ଷାରେ ମୟୂରଭଞ୍ଜ ବେହାଲ

ବାରିପଦା,୧୨।୮(ସଂଚାର ବ୍ୟୁରୋ): ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ସାରା ମୟୂରଭଞ୍ଜ ଜିଲ୍ଲା ପ୍ରଭାବିତ ହୋଇଅଛି। ବିଶେଷ କରି ବାରିପଦା ପୌରାଞ୍ଚଳ ସମେତ ଜିଲ୍ଲାର ମୋଟ ୨୨ ଗୋଟି



ବ୍ଲକ ର ୨୮ ଗୋଟି ଗ୍ରାମ ପଞ୍ଚାୟତର ୪୫ ଗୋଟି ଗ୍ରାମ ଅଧିକ ପ୍ରଭାବିତ ହୋଇଅଛି। ଗତକାଲି ରାତ୍ରୀ ରୁ ଅହରହ ବର୍ଷା ଲାଗିଥିବା ଯୋଗୁଁ ଜିଲ୍ଲା ର ବିଭିନ୍ନ ସ୍ଥାନରେ ପୋଲ ଉପରେ ବର୍ଷା ପାଣି ପ୍ରଭାବିତ ହେବା ଫଳରେ ଯାତାୟତ ଠପ ହୋଇଯାଇଅଛି। ଜଳେଶ୍ୱର - ବାରିପଦା, ବାଘଡା - ବାରିପଦା ଆଦି ମୁଖ୍ୟ ରାସ୍ତା ରେ ଥିବା ନଦୀ ମାନଙ୍କରେ ପୋଲ ଉପରେ ଅଧିକ ପାଣି ପ୍ରଭାବିତ ହେବା ଯୋଗୁଁ ଯାତାୟତ ଏକ ପ୍ରକାର ଠପ ହୋଇଯାଇଅଛି। ସେହିପରି ଶିମିଳିପାଳ ର ଉପର ମୁଣ୍ଡରେ ପ୍ରବଳ ବର୍ଷା ଲାଗିରହିଥିବା ଯୋଗୁଁ ବାଙ୍ଗରିପୋଷୀ ର କାଳିଆମି ପୋଲ ଏବଂ ବାରିପଦା ର ଅସ୍ତିଆଠାରେ ତଳ ପୋଲ ଉପରେ ବୁଢ଼ାବଳଙ୍ଗ ନଦୀର ବନ୍ୟା ପାଣି ଖୁବ ଜୋରରେ ପ୍ରବାହିତ ହେଉଅଛି। ଲଗାଣ ବର୍ଷା ପାଇଁ ବୁଢ଼ାବଳଙ୍ଗ ନଦୀ ଫୁଲିବା ସହିତ ବାରିପଦା ସହାର ମଧ୍ୟ ଦେଇ ଯାଇଥିବା ଜରାଳୀ ସରଳୀ ଏବଂ ଚିପଟ ଆଦି ନଦୀରେ ଅଧିକମାତ୍ରାରେ ପାଣି ଆସିଅଛି।

## ଲୋକଙ୍କ ସେବାରେ ଜେଏସ ଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ - ଅନିଲ ସିଂ

ପାରାଦୀପ,୧୨।୮(ସଂଚାର ବ୍ୟୁରୋ): ଲୋକଙ୍କ ସହିତ ଓ ଲୋକଙ୍କ ସେବାରେ ସଦାସର୍ବଦା ଜେଏସଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ। ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିବାର ଅନନ୍ୟ ଶୈଳୀ ଆପଣାଇବାକୁ ଯାଉଛି କମ୍ପାନୀ। ଆଜି ଜେଏସ ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ଼ କମ୍ପାନୀର ସଭାପତି ଅନିଲ ସିଂ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତର ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା ବେଳେ ଏହା ପ୍ରକାଶ କରିଛନ୍ତି। କମ୍ପାନୀର ଅଗ୍ରଗତି ସମୀକ୍ଷା କରିବାକୁ ପାରାଦୀପ ଆସି ଅନିଲ ସିଂ ଆଜି ଦିନ ତମାମ ଏହି ତିନି ପଞ୍ଚାୟତ ଲୋକଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଲୋକମାନେ ମୁଖ୍ୟତଃ ସ୍ଥାନୀୟ ନିଯୁକ୍ତି ଉପରେ ବିଶେଷ ଜୋର ଦେଇଥିବା ବେଳେ ତିନି ପଞ୍ଚାୟତର ଭିତିଭୂମିର ବିକାଶ, ଲୋକଙ୍କ ଆର୍ଥିକ ଉନ୍ନତି, ଯୁବ ଓ କ୍ରୀଡାର ବିକାଶ ପାଇଁ ଖେଳପଡ଼ିଆ, ଉନ୍ନତ ଚିକିତ୍ସାଳୟ, ଗରିବ ଅନଗ୍ରସର ଛାତ୍ରଛାତ୍ରୀଙ୍କ ନିମନ୍ତେ କୋଚିଂର ସୁବିଧା, ପାନୀୟ ଜଳ ଯୋଗାଣର ସୁ ବନ୍ଦୋବସ୍ତ, ଗମନାଗମନର ବିକାଶ ଜଳ ନିଷ୍କାସନର ସ୍ଥାୟୀ ସୁବିଧା, ଗଡ଼କୁଜଙ୍ଗ ମନ୍ଦିର ଓ ମାଉସୀମା ମନ୍ଦିରର ସ୍ୱତନ୍ତ୍ର କାରିଗର ମାନଙ୍କ ଦ୍ୱାରା ଉନ୍ନତିକରଣ ଉପରେ ନିଜର ମତ ପ୍ରକାଶ କରିଥିଲେ।

# ରାଜଧାନୀରେ ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦିକ ହସ୍ପିଟାଲ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଉନ୍ନତିକରଣ ଓ ଫାର୍ମାସୀ ୱେରହାଉସ ଗୃହ ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ସ୍ଥାପନ କରାଯାଇଛି। ଏହି ଅବସରରେ ଏକାମ୍ର ବିଧାୟକ ବାବୁ ସିଂଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଉନ୍ନତିକରଣ ଓ ଫାର୍ମାସୀ ୱେରହାଉସ ଗୃହର ଭିତ୍ତିପ୍ରସ୍ତର**

ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନରେ ଆୟୁର୍ବେଦ ସମେତ ଭାରତର ପାରମ୍ପରିକ ଚିକିତ୍ସା ପଦ୍ଧତିଗୁଡ଼ିକର ସଂରକ୍ଷଣ, ପ୍ରୋତ୍ସାହନ ଓ ଆଧୁନିକୀକରଣକୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ଆଗେଇ ନେଇ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟଗୁଡ଼ିକର ଗୁଣାତ୍ମକ ଉନ୍ନତି, ଆଧୁନିକୀକରଣ ଓ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

ଭୁବନେଶ୍ୱରର ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଉନ୍ନତିକରଣ ଦ୍ୱାରା ଚିକିତ୍ସା ସେବାର ଗୁଣବତ୍ତା ବୃଦ୍ଧି ପାଇବା ସହ ରୋଗୀମାନଙ୍କ ପାଇଁ ଅଧିକ ସୁବିଧାଜନକ ଓ ରୋଗୀ-କୈନ୍ଦ୍ରିକ ପରିବେଶ ସୃଷ୍ଟି ହେବ। ସେହିପରି ଫାର୍ମାସୀ ୱେରହାଉସ ଗୃହ ନିର୍ମାଣ ଦ୍ୱାରା ଔଷଧ ଓ ଆବଶ୍ୟକୀୟ ସାମଗ୍ରୀର ସୁସଂଗଠିତ ସଂରକ୍ଷଣ ଏବଂ ପରିଚାଳନାରେ ଉନ୍ନତି ଆସିବ।ଆୟୁର୍ବେଦିକ ଏବଂ ହୋମିଓପାଥିକ ମେଡିକାଲ କଲେଜଗୁଡ଼ିକର ସରକାରୀ ଶିକ୍ଷା ବିଭାଗର ଛାତ୍ରଙ୍କ ବୃତ୍ତି ମାସିକ ଦରମା ୧୭, ୦୦୦ ଟଙ୍କାରୁ ୩୦, ୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି, ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷର ପିଜି ଛାତ୍ରଙ୍କ ଷ୍ଟାଇପେଣ୍ଡକୁ ମାସିକ ଯଥାକ୍ରମେ ୩୧,୦୦୦ ଟଙ୍କା, ୩୨,୦୦୦ ଟଙ୍କା ଓ ୩୩,୦୦୦ ଟଙ୍କାରୁ ୪୮,୦୦୦ ଟଙ୍କା, ୫୨, ୦୦୦ ଟଙ୍କା ଏବଂ ୫୫, ୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଯାହା ଆୟୁର୍ବେଦିକ ଚିକିତ୍ସା ଏବଂ ଶିକ୍ଷା ପ୍ରତି ଗୁରୁତ୍ୱ ଦର୍ଶାଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ବସ୍ ପାଇଁ ହେବ ଲେନ୍ ବ୍ୟବସ୍ଥା

# ୨ମୁଖ୍ୟ ରାସ୍ତାରେ ହେବ ପାଇଲଟ୍ ପ୍ରକଳ୍ପ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ସହରାଞ୍ଚଳ ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଦକ୍ଷ ଓ ଯାତ୍ରୀ ଅନୁକୂଳ କରିବା ସହ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ କ୍ରୁଟ୍ ପକ୍ଷରୁ ଭୁବନେଶ୍ୱରରେ ଦୁଇଟି ଉତ୍ସର୍ଗୀକୃତ ବସ୍ ଲେନ୍ ବ୍ୟବସ୍ଥା ବ୍ୟବସ୍ଥା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି।

ଏ ସମ୍ପର୍କରେ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲମ, ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କ ସମେତ ଅତିରିକ୍ତ ଡିସିପି (ଟ୍ରାଫିକ୍), ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଆର୍ ଆଣ୍ଡ୍ ବି, ପୂର୍ତ୍ତ ବିଭାଗ, ବିଡିଏ ଓ ବିଏମସି ଅଧିକାରୀମାନେ ଯୋଗଦେଇଥିଲେ।

ବର୍ତ୍ତମାନ ମିଶ୍ରିତ ଯାତାୟାତ ଯୋଗୁଁ ପ୍ରତି ମାସରେ ପ୍ରାୟ ୧,୨୦୦ରୁ ୧,୫୦୦ଟି ବସ୍ ଟ୍ରିପ୍ ପ୍ରଭାବିତ ହେଉଥିବା ଆକଳନ କରାଯାଇଛି। ଟ୍ରାଫିକ୍ ସମ୍ବନ୍ଧୀୟ ବାତିଲ୍ ଯୋଗୁଁ ପ୍ରାୟ ୧୬ ପ୍ରତିଶତ ଟ୍ରିପ୍ ହ୍ରାସ ହେଉଥିବା ସହ ବସ୍‌ଗୁଡ଼ିକର ଯାତ୍ରା ସମୟରେ ମଧ୍ୟ ଉଲ୍ଲେଖନୀୟ ଅନିୟମିତତା ଦେଖାଦେଉଛି। କ୍ରୁଟ ପକ୍ଷରୁ ଟ୍ରାଫିକ୍ ପୁଲିସ ଓ ପୂର୍ତ୍ତ ବିଭାଗ ସହ ସମନ୍ୱୟ ଦୁଇଟି ଲେନ୍ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର-ନନ୍ଦନକାନନ-୧୮ କିମି ଓ ବାଣୀବିହାର-ଶିଶୁ ଭବନ-୫ କିମି। ବିମାନବନ୍ଦର-ନନ୍ଦନକାନନ ଲେନ୍ ସହରର ପ୍ରମୁଖ ପ୍ରଶାସନିକ, ଶିକ୍ଷା, ବାଣିଜ୍ୟିକ ଓ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ କରୁଛି। ଏହି କରିଡରରେ ୩୪ଟି ବସ୍ ଷ୍ଟପ୍ ରହିଥିବା ବେଳେ ପ୍ରମୁଖ ରୁଟ୍‌ଗୁଡ଼ିକରେ ପ୍ରତିଦିନ ହାରାହାରି ପ୍ରାୟ ୯ରୁ ୧୦ ହଜାର ଯାତ୍ରୀ ଯାତାୟାତ କରୁଛନ୍ତି।

ସେହିପରି ବାଣୀବିହାର-ଶିଶୁ ଭବନ ମାଷ୍ଟର କ୍ୟାଣ୍ଟିନ୍, ରାଜମହଲ, ରାମ ମନ୍ଦିର ଓ ଭୁବନେଶ୍ୱର ରେଳ ଷ୍ଟେସନ୍ ଅଞ୍ଚଳ ସମେତ ପ୍ରମୁଖ ବାଣିଜ୍ୟିକ ଓ ଶିକ୍ଷାନୁଷ୍ଠାନମାନ ରହିଛି। ଏହି ଲେନରେ ୧୫ଟି ବସ୍ ଷ୍ଟପ୍ ରହିଥିବା ବେଳେ ପ୍ରତିଦିନ ପ୍ରାୟ ୫, ୦୦୦ରୁ ୬, ୫୦୦ ଯାତ୍ରୀ ଯାତାୟାତ କରୁଛନ୍ତି। ପାଇଲଟ୍ ପର୍ଯ୍ୟାୟରେ କଠୋର ଭାବେ ଭୌତିକ ବିଭାଜନ କରିବା ପରିବର୍ତ୍ତେ ନମନୀୟ କର୍ବ-ସାଇଡ୍ ବସ୍ ପ୍ରାଥମିକତା ଲେନ୍ ବ୍ୟବସ୍ଥା ଆପଣାଯିବ।

## ଏମ୍‌ଏମ୍‌ଡିଆର ବିଲ୍ ରାଜ୍ୟ ସ୍ୱାର୍ଥ ବିରୋଧୀ



ଭୁବନେଶ୍ୱର, ୧୨।୮ (ସଂଚାର ବ୍ୟୁରୋ): ଗୁରୁବାର ଲୋକସଭାରେ ପାରିତ ହୋଇଥିବା ଏମ୍‌ଏମ୍‌ଡି ଆର ବିଲ ଓଡ଼ିଶା ସ୍ୱାର୍ଥ ବିରୋଧୀ ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ଏହି ବିଲ୍ ଆଇନରେ ପରିଣତ ହେଲେ ଖଣିଜ ସମ୍ପଦ ଉପରେ ଥିବା ରାଜ୍ୟର ଅର୍ଥନୈତିକ ଅଧିକାର କ୍ଷୁଣ୍ଣ ହେବ। ଖଣିଜ ସମ୍ପଦ ଉତ୍ତୋଳନ ଓ ତା' ଉପରେ ଟିକସ ଓ ରାଜ୍ୟମାନେ ହରେଇବେ। ଫଳରେ ଓଡ଼ିଶାର ସିଂହଭାଗ ରାଜସ୍ୱ କେନ୍ଦ୍ର ହାତକୁ ଚାଲିଯିବ। ଓଡ଼ିଶା ସମ୍ପଦରେ ଅନ୍ୟ ରାଜ୍ୟମାନେ ଲାଭ ପାଇବେ ଆଉ ଓଡ଼ିଶା ଭିକ୍ଷାଥାଳି ଧରି କେନ୍ଦ୍ର ସରକାରଙ୍କ ପାଖରେ ନେହୁରା ହେବ ବୋଲି ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟବାସୀ ଏହାକୁ ବିରୋଧ କରିବାକୁ ଶ୍ରୀ ବେହେରା ସବୁ ରାଜନୈତିକ ଦଳ ଓ ସାଂସଦ, ବିଧାୟକମାନଙ୍କୁ ଅନୁରୋଧ କରିଛନ୍ତି।

## ଅଙ୍ଗଦାନକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଅଙ୍ଗଦାନ କରି ଅନ୍ୟମାନଙ୍କୁ ନୂଆ ଜୀବନ ଦେଇଥିବା ଅଙ୍ଗଦାତାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ 'ସୁରଜ ସମ୍ମାନ'ରେ ସମ୍ମାନିତ କରିଛନ୍ତି। ୧୧ଟି ଜିଲ୍ଲାର ଅଙ୍ଗଦାନ କରିଥିବା ମୋଟ୍ ୨୪ ଜଣ ଅଙ୍ଗଦାତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନ ରାଶି, ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ବିଗତ ବର୍ଷ ଅପେକ୍ଷା ଏହି ବର୍ଷ ସର୍ବାଧିକ ସୁରଜ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଅଙ୍ଗଦାନର ମହତ୍ତ୍ୱ ସମ୍ପର୍କରେ ଦେଶବ୍ୟାପୀ ସଚେତନତା ସୃଷ୍ଟି ହୋଇଛି। ଏହି ଅବସରରେ ସୁରଜ ଯାହାଙ୍କ ନାମରେ ଏହି ସମ୍ମାନ ଦିଆଯାଉଛି ତାଙ୍କ ଅବଦାନକୁ ସାଧୁବାଦ ଏବଂ କୃତଜ୍ଞତା ଜଣାଇଛନ୍ତି।

## ହର ଘର ତିରଙ୍ଗା ଅଭିଯାନରେ ମୋଟରସାଇକେଲ ରାଲି

କଟକ, ୧୩।୮ (ସଂଚାର ବ୍ୟୁରୋ): 'ହର ଘର ତିରଙ୍ଗା' ଅଭିଯାନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଏକ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସ୍କାଉଟ ଗାଇଡର ଛାତ୍ରଛାତ୍ରୀଙ୍କ ସମେତ ବିଭାଗୀୟ କର୍ମଚାରୀ ତଥା ସହରର ବିଭିନ୍ନ ଅନୁଷ୍ଠାନ ମାନଙ୍କର ସଦସ୍ୟମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ନିଜେ ମୋଟରସାଇକେଲ ଚଳାଇ ଶୋଭାଯାତ୍ରାରେ ଭାଗ ନେଇଥିବା ଚାଳକମାନଙ୍କୁ ଉତ୍ସାହିତ କରିଥିଲେ। ଉପଆୟୁକ୍ତ ପୁଲିସ ଖିଲାରୀ ଋଷିକେଶ ଦ୍ୟାନଦେଓ, ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ତାଳିକାଭୁକ୍ତ ହସ୍ପିଟାଲରେ ହେବ ହେଲ୍ପ ଡେସ୍କ

■ ଆୟୁଷ୍ମାନ୍ ଡିଜିଟାଲ ମିଶନର ଅନୁପାଳନ ନିର୍ଦ୍ଦେଶ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ତାଲିକାଭୁକ୍ତ ହସ୍ପିଟାଲମାନଙ୍କୁ କାର୍ଡଧାରୀମାନଙ୍କ ସହାୟତା ନିମନ୍ତେ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ସ୍ଥାପନ, ପି.ଏମ୍-ରାହତରେ ମାଗଣା ଜରୁରୀକାଳୀନ ଚିକିତ୍ସା ଓ ଆୟୁଷ୍ମାନ ଡିଜିଟାଲ ମିଶନ ଅନୁପାଳନ ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା ଡି. ଘରୋଇ ହସ୍ପିଟାଲମାନଙ୍କରେ ଏସବୁ ଯୋଜନାର ଅନୁପାଳନ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଡାକ୍ତର ବୃନ୍ଦା ସ୍ପଷ୍ଟ କରିଦେଇଛନ୍ତି ଯେ ଅଗଷ୍ଟ ମାସ ୩୧ ତାରିଖ ସୁଦ୍ଧା ପଞ୍ଜୀକୃତ ହସ୍ପିଟାଲମାନେ ଆୟୁଷ୍ମାନ ଡିଜିଟାଲ ମିଶନ ଦ୍ୱାରା ନିର୍ଦ୍ଧାରିତ ହସ୍ପିଟାଲ ପରିଚାଳନା ସୂଚନା ବ୍ୟବସ୍ଥା, ଆୟୁଷ୍ମାନ ଭାରତ ହେଲ୍ଥ ଆକାଉଣ୍ଟ ଆଧାରିତ ରୋଗୀମାନଙ୍କର ମେଡିକାଲ ରେକର୍ଡ, ହସ୍ପିଟାଲରେ ସେବା ସୁବିଧା ରେଜିଷ୍ଟ୍ରି ଓ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଡାକ୍ତର ଓ ନର୍ସମାନଙ୍କର ରେଜିଷ୍ଟ୍ରି ଆଦିକୁ ଏ.ବି.ଡି.ଏମ୍ ସଫ୍ଟୱେୟାର ସହ ସଂଯୁକ୍ତ ନକଲେ ଆୟୁଷ୍ମାନ ଯୋଜନାରେ ସମ୍ପୃକ୍ତ ହସ୍ପିଟାଲ ପାଇଁ ମିଳୁଥିବା ପ୍ରୋତ୍ସାହନ ରାଶି ବନ୍ଦ ହୋଇଯିବ। ଏପରି ଅବସ୍ଥା ବଜାୟ ରଖିଲେ ପରବର୍ତ୍ତୀ ସମୟରେ ହସପିଟାଲକୁ ତାଲିକା ବହିର୍ଭୂତ କରାଯାଇପାରେ।

ଆୟୁଷ୍ମାନ ଭାରତ ନିୟାମକ ଅନୁସାରେ ପ୍ରତି ପଞ୍ଜୀକୃତ ହସ୍ପିଟାଲରେ ନିଜନିଜ ହସ୍ପିଟାଲରେ ମୁଖ୍ୟ ପ୍ରବେଶ ନିକଟ ସଦୃଶ୍ୟ ସ୍ଥାନରେ ଆୟୁଷ୍ମାନ ସହାୟତା କେନ୍ଦ୍ର ସ୍ଥାପନ କରିବେ ଓ ଏହି କେନ୍ଦ୍ର ଦାୟିତ୍ୱରେ ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ର ନିୟୋଜନ କରିବେ। କେନ୍ଦ୍ରକୁ ୨୪ ଘଣ୍ଟିଆ ଭିତ୍ତିରେ କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଆବଶ୍ୟକୀୟ ସଂଖ୍ୟକ ଆରୋଗ୍ୟ ମିତ୍ର ନିୟୋଜିତ କରିବେ। ସେମାନେ ଆୟୁଷ୍ମାନ କାର୍ଡଧାରୀ ମାନଙ୍କର ଚିହ୍ନଟ, ରେଜିଷ୍ଟ୍ରେସନ୍ ସହ ସେମାନଙ୍କୁ ଚିକିତ୍ସା ସମ୍ବନ୍ଧୀୟ ସୂଚନା ଦେବେ ଓ ଆବଶ୍ୟକୀୟ ସହାୟତା ମଧ୍ୟ ଯୋଗାଇବେ। ହେଲ୍ପ ଡେସ୍କର କେତୋଟି ନମୁନା ଚିତ୍ର ମଧ୍ୟ ହସ୍ପିଟାଲମାନଙ୍କୁ ପ୍ରଦର୍ଶନ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ରାହତ ଯୋଜନାକୁ ସଠିକ୍ ଭାବେ ପ୍ରତି ହସ୍ପିଟାଲ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଡାକ୍ତର ବୃନ୍ଦା ନିର୍ଦ୍ଦେଶ ଦେଇଥିଲେ। ହସ୍ପିଟାଲ ସାମ୍ନାରେ ପି.ଏମ୍-ରାହତ ବାବଦ ବିଜ୍ଞାପନ ବୋର୍ଡ ପ୍ରଦର୍ଶନ କରିବା, ସହ ମଟର ଗାଡ଼ି ଦ୍ୱାରା ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ନିଶୁଳ୍କ ଜରୁରୀକାଳୀନ ଚିକିତ୍ସା ୭ ଦିନ ପର୍ଯ୍ୟନ୍ତ ଯୋଗାଇବା ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କର ମୁଣ୍ଡପିଛା ୧.୫ ଲକ୍ଷ ଟଙ୍କାର ନିଶୁଳ୍କ ଉଚ୍ଚମାନର ଚିକିତ୍ସା ପାଇଁ ସରକାର ଅର୍ଥ ବରାଦ କରିଛନ୍ତି। କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ କାର୍ଡଧାରୀମାନଙ୍କୁ ନିୟମ ଅନୁଯାୟୀ ନିଶୁଳ୍କ ଚିକିତ୍ସା ଯୋଗାଇବା ପାଇଁ ମଧ୍ୟ ଡାକ୍ତର ବୃନ୍ଦା ନିର୍ଦ୍ଦେଶ ଦେଇଥିଲେ। ଏମାନଙ୍କ ଚିକିତ୍ସା ବାବଦ ବିଲ ଦାଖଲ ଆୟୁଷ୍ମାନ ପୋର୍ଟାଲ ସହ ସଂଯୁକ୍ତ ବୋଲି ହସ୍ପିଟାଲମାନଙ୍କୁ ଜଣାଇ ଦିଆଯାଇଥିଲା।

**କୃଷି ଅଧିକାରୀଙ୍କ ଉପରେ ବର୍ଷିଲେ ଉପ-ମୁଖ୍ୟମନ୍ତ୍ରୀ**

# ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): କୃଷି ଅଧିକାରୀଙ୍କ ବାହାର ରାଜ୍ୟ ଓ ବିଦେଶ ଗସ୍ତକୁ ନେଇ ତାଗିଦ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ରବର ଷ୍ଟାମ୍ପ ନୁହନ୍ତି। ମୁଁ ରବର ଷ୍ଟାମ୍ପ୍ ନୁହେଁ। ମୋତେ ଫୁଲତୋଡ଼ା ନୁହେଁ ରିପୋର୍ଟ ଦରକାର। ବାହାର ରାଜ୍ୟ ଗସ୍ତର ୭ ଦିନ ମଧ୍ୟରେ ଦେବାକୁ ପଡ଼ିବ ରିପୋର୍ଟ।

**ସରକାରୀ ଖର୍ଚ୍ଚରେ ହେଉଥିବା ଗସ୍ତର ହିସାବ ଦରକାର**

ଭୁବନେଶ୍ୱର କୃଷି ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଉଦ୍ୟାନ କୃଷି ଅଧିକାରୀ ସମ୍ମିଳନୀରେ ସେ ଅଧିକାରୀମାନଙ୍କୁ କାମର ହିସାବ ମାଗିଛନ୍ତି। ସରକାରୀ ଖର୍ଚ୍ଚରେ ବିଦେଶ କିମ୍ବା ଅନ୍ୟ ରାଜ୍ୟକୁ ଗସ୍ତ କରିଥିବା ଅଧିକାରୀମାନେ କ'ଣ ଶିଖିଲେ, କ'ଣ ଦେଖିଲେ ଓ ତାହା ଓଡ଼ିଶାରେ କିପରି ପ୍ରୟୋଗ କରିବେ, ସେନେଇ ୭ ଦିନ ମଧ୍ୟରେ ରିପୋର୍ଟ ଦେବେ। ଗସ୍ତ ପରେ ରିପୋର୍ଟ ନଦେଇ ଚୁପ୍ ବସିଲେ ଆଉ ଚଳିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଉପମୁଖ୍ୟମନ୍ତ୍ରୀ। ଉପମୁଖ୍ୟମନ୍ତ୍ରୀ ପୁଣି ପ୍ରଶ୍ନ କରିଛନ୍ତି, ଆମୋଦ ପ୍ରମୋଦ ପାଇଁ କ'ଣ ବାହାର ରାଜ୍ୟକୁ ଯାଉଛନ୍ତି? ଯଦି ଯାଉଛନ୍ତି, ତେବେ ରାଜ୍ୟରେ ଏହାର ପ୍ରତିଫଳନ କାହିଁକି ଦେଖାଯାଉନାହିଁ? ସରକାରୀ ଅର୍ଥରେ ହେଉଥିବା ପ୍ରତ୍ୟେକ ଗସ୍ତର ଖର୍ଚ୍ଚ ଓ ଫଳାଫଳର ହିସାବ ଦେବାକୁ ସେ କହିଛନ୍ତି। କେବଳ ବାହାର ଗସ୍ତ ନୁହେଁ, ପ୍ରତି ମାସରେ କରାଯାଉଥିବା ଫିଲ୍ଡ ଗସ୍ତର ରିପୋର୍ଟ ମଧ୍ୟ ଦାଖଲ କରିବେ କୃଷି ଅଧିକାରୀ। ଏଥିରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି। ମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ ସମୟରେ ଅଞ୍ଚଳର କୃଷି ସମସ୍ୟା, ଫିଲ୍ଡ ରିପୋର୍ଟ ଓ ତଥ୍ୟ ପ୍ରଦାନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

■ ଖଣି ଓ ଖଣିଜ (ବିକାଶ ଓ ନିୟମକ) ସଂଶୋଧନ ବିଲ୍

# ରାଜ୍ୟର ଅଧିକାର ଓ ସ୍ୱାତନ୍ତ୍ର୍ୟ ଉପରେ କୁଠାରାଘାତ



■ କୋଟି କୋଟି ରାଜସ୍ୱ ହରାଇବେ ରାଜ୍ୟ

■ ଖଣି ସମୃଦ୍ଧ ରାଜ୍ୟମାନେ ପ୍ରତିବାଦ କରିବାକୁ ଅପିଲ

ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ନିକଟରେ ସଂସଦରେ ଗୃହୀତ ହୋଇଥିବା ଖଣି ଓ ଖଣିଜ (ବିକାଶ ଓ ନିୟମକ) ସଂଶୋଧନ ବିଲକୁ ନେଇ ଆପତ୍ତି ଉଠାଇଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ। ଏହା ଆଇନରେ ପରିଣତ ହେବା ପରେ ଖଣିଜ ଅଧିକାର ଓ ଖଣିଜ ପଦାର୍ଥ ଗଚ୍ଛିତ ଥିବା ଜମି ଉପରେ ରାଜ୍ୟ ସରକାରମାନେ ଲଗାଉଥିବା ଟ୍ୟାକ୍ସ, ସେସ୍ ଓ ଲେଭି ଉପରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣକୁ ଆସିଯିବ। ରାଜ୍ୟମାନଙ୍କର ଆଉ ଖଣି ସଂପର୍କୀୟ ଟିକସ ନିର୍ଣ୍ଣୟ ଉପରେ ସ୍ୱାଧୀନତା ରହିବ ନାହିଁ ବୋଲି ସେ କହିଛନ୍ତି।

ସେ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ କେନ୍ଦ୍ର ସରକାର ଖଣି ରୟାଲ୍‌ଟି ବୃଦ୍ଧି ନକରିବାରୁ ଓଡ଼ିଶା ସରକାର ଓଡ଼ିଶା ରୁରାଲ ଇନଫ୍ରାଷ୍ଟ୍ରକ୍‌ଚର ଆଣ୍ଡ ସୋସିଓ ଇକୋନୋମିକ ଡେଭଲପମେଣ୍ଟ ଆକ୍ଟ, ୨୦୦୪ କୁ ୨୦୦୫ ମସିହା ଫେବ୍ରୁଆରୀ ମାସରେ ବିଧାନସଭାରେ ଅନୁମୋଦନ କରିଥିଲେ। ଏହି ନିୟମ ଅନୁସାରେ ଖଣିଜ ପଦାର୍ଥ ଥିବା ଜମିର ବାର୍ଷିକ ମୂଲ୍ୟ ଉପରେ ରାଜ୍ୟ ସରକାର ୨୦ ପ୍ରତିଶତ ପର୍ଯ୍ୟନ୍ତ ରୟାଲ୍‌ଟି ଲଗାଇ ପାରିଥାନ୍ତେ। ମାତ୍ର ଖଣି କଂପାନୀମାନେ ଏଥିପାଇଁ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ଲଢ଼ିବା ଫଳରେ ଏହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ୨୦୨୪ ମସିହା ଜୁଲାଇ ମାସ ୨୫ ତାରିଖରେ ସୁପ୍ରିମ କୋର୍ଟଙ୍କ 'ମିନେରାଲ ଏରିଆ ଡେଭଲପମେଣ୍ଟ ଆଣ୍ଡ ଅଥରିଟି ବନାମ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ' ରାୟ ଅନୁସାରେ ଖଣିଜ ସମ୍ପଦ ଗଚ୍ଛିତ ଥିବା ଜମି ଓ ଖଣିଜ ଅଧିକାର ଉପରେ ରାଜ୍ୟସରକାରମାନେ ଆଦାୟ କରୁଥିବା ରୟାଲ୍‌ଟି ଏକ ଟ୍ୟାକ୍ସ ନୁହେଁ। ଏହା ହେଉଛି ରାଜ୍ୟମାନଙ୍କୁ ଦିଆଯାଉଥିବା ଏକ ଅର୍ଥ ରାଶି।

ସମ୍ବିଧାନ ରାଜ୍ୟମାନଙ୍କୁ ଯେଉଁ କ୍ଷମତା ଦେଇଛି ତାହା ଏହି ବିଲ୍ ଦ୍ୱାରା କ୍ଷୁଣ୍ଣ ହେବା ସହିତ ରାଜ୍ୟର ଅଧିକାର ଓ ସ୍ୱାତନ୍ତ୍ର୍ୟ ଉପରେ ଏହା ଏକ କୁଠାରାଘାତ ସଦୃଶ। ଓଡ଼ିଶା ସମେତ ଖଣିଜ ସମ୍ପଦ ଗଚ୍ଛିତ ଥିବା ସମସ୍ତ ରାଜ୍ୟ ସରକାର ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଲ, ୨୦୨୬ ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ପ୍ରତିବାଦ କରିବା ପାଇଁ ପୂର୍ବତନ ଅର୍ଥମନ୍ତ୍ରୀ ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଏକ ପ୍ରେସ ବିବୃତିରେ ଅନୁରୋଧ କରିଛନ୍ତି।

# ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହେଲେ ଶିଳ୍ପମନ୍ତ୍ରୀ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ସ୍ୱାଧୀନତା ଦିବସ ପୂର୍ବରୁ ଜୟପୁରରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଜୟପୁର ପୌରପାଳିକା ଅନ୍ତର୍ଗତ ରାଜନଗର ଛକଠାରୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ୫୦ ମିଟର ଲମ୍ବର ବିଶାଳ ଜାତୀୟ ପତାକା ପ୍ରଦର୍ଶିତ ହୋଇଥିଲା। ହାତରେ ତ୍ରିରଙ୍ଗା ଧରି ଶହ ଶହ ଛାତ୍ରଛାତ୍ରୀ, ଯୁବକ, ବୁଦ୍ଧିଜୀବୀ, ସମାଜସେବୀ ଓ ସାଧାରଣ ଜନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସହରର ବିଭିନ୍ନ ରାସ୍ତା ତ୍ରିରଙ୍ଗା ପତାକାରେ ସଜେଇ ହୋଇଥିଲା। ଦେଶପ୍ରେମର ଉତ୍ସାହ ସାଙ୍ଗକୁ କୋରାପୁଟିଆ ଲୋକକଳା ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଧ୍ୟ କଳାକାରଙ୍କ ସହ ଢେମ୍‌ସା ନୃତ୍ୟରେ ସାମିଲ ହୋଇଥିଲେ। ରାଜନଗର ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ଜୟପୁର ସହରର ପ୍ରମୁଖ ରାସ୍ତା ଦେଇ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଶେଷ ହୋଇଥିଲା। ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ 'ବନ୍ଦେ ମାତରମ୍' ଓ 'ଭାରତ ମାତା କି ଜୟ' ନାରାରେ ପୂରା ସହର ପ୍ରକମ୍ପିତ ହୋଇଥିଲା।

**ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କୁ ବିଧାୟକଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ**

# ସରକାରଙ୍କ ନିର୍ଦ୍ଦେଶରେ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହୋଇଛି: ବିଜେଡି



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଦ୍ୱାରା ଦୁର୍ବ୍ୟବହାର ଅଭିଯୋଗ ଆଣି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସମୂହ ଇସ୍ତଫା ଦେଇଥିବା ତିରିଶ ଜଣ ୱାର୍ଡେନ ଓ ଡେପୁଟି ୱାର୍ଡେନଙ୍କ ସ୍ଥାନରେ ନୂତନ ଚିଫ୍ ୱାଡେନ, ୱାର୍ଡେନ ଓ ଡେପୁଟି ୱାର୍ଡେନ ନିଯୁକ୍ତି ଦିଆଯାଇଛି। ଏହାକୁ ନେଇ ଗୁରୁବାର ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ସରକାରଙ୍କ ଚାପରେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଉପୁଜିଥିବା ବିବାଦକୁ ଚାପି ଦେବା ପାଇଁ ଉଦ୍ୟମ କରାଯାଇଛି। ଏହା ରେଭେନ୍ସା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ନଷ୍ଟ କରିଛି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି, ରାଜ୍ୟରେ ବିଜେପି ସରକାରଙ୍କ ଶାସନରେ ଶିକ୍ଷା ଅନୁଷ୍ଠାନରେ ଗୈରିକୀକରଣ ହେବା ସହିତ ଶୈକ୍ଷିକ ବାତାବରଣ ଅବକ୍ଷୟ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଇପ୍ସିତା ସାହୁ କହିଥିଲେ, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ରମାନଙ୍କ ଦ୍ୱାରା ଆନ୍ଦୋଳନ ଚାଲିଥିଲା ବେଳେ ବିନା ନିମନ୍ତ୍ରଣରେ କଟକ ସଦର ବିଧାୟକ ସେଠାରେ ପହଞ୍ଚି ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଅଧ୍ୟାପକମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ବିଧାୟକ କେଉଁ ଅଧିକାରରେ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଭିତରକୁ ପ୍ରବେଶ କରିଥିଲେ ବୋଲି ପ୍ରଶ୍ନ ହେବାରୁ ସେ ନିଜକୁ ସିନେଟ ସଦସ୍ୟ ଥିବା ଦାବି କରିଥିଲେ। ମାତ୍ର ସେ ସିନେଟ ସଦସ୍ୟ ନାହାନ୍ତି ବୋଲି ରୋଟା କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିଲେ।

# ସିନ୍ଥେଟିକ ପନୀର, ଓଡ଼ିଶାରେ ହାଉଯାଉ

ଭୁବନେଶ୍ୱର,୧୩।୮: ଓଡ଼ିଶା ବଜାରରେ ବିପଜ୍ଜନକ ସିନ୍ଥେଟିକ୍ ପନୀର ହାଉଯାଉ ହେଉଥିବାବେଳେ ମଧ୍ୟପ୍ରଦେଶ ସରକାର ତାଙ୍କ ରାଜ୍ୟରେ ଏହାକୁ ନିଷିଦ୍ଧ ଘୋଷଣା କରିଛନ୍ତି । ଏହା ପୂର୍ବରୁ ଛତିଶଗଡ଼, ମହାରାଷ୍ଟ୍ର ଓ ଗୁଜରାଟରେ ମଧ୍ୟ ଏନାଲଗ୍ ପନୀର୍ ନାମରେ ପରିଚିତ ସିନ୍ଥେଟିକ୍ ପନୀର୍‌କୁ ନିଷିଦ୍ଧ କରାଯାଇଛି ।

ସାଧାରଣତଃ ଭୋଜିଭାତ, ହୋଟେଲ୍, ଫାଷ୍ଟଫୁଡ୍ ଦୋକାନ ଆଦିରେ ବ୍ୟାପକ ପରିମାଣର ସିନ୍ଥେଟିକ୍ ପନୀର ବ୍ୟବହୃତ ହେଉଛି । ବିଶେଷକରି ଏବେ ବି ପଶ୍ଚିମବଙ୍ଗରୁ ପ୍ରାୟ ପ୍ରତିଦିନ ଟନ୍‌ଟନ୍ ସିନ୍ଥେଟିକ୍ ପନୀର ଓଡ଼ିଶା ବଜାରକୁ ଆସୁଛି । ଏବେ ରାଜ୍ୟର କେତେକ ଅଞ୍ଚଳରେ ନକଲି ପନୀର ତିଆରି ଏକ ଘରୋଇ ଶିଳ୍ପରେ ପରିଣତ ହେଲାଣି ବୋଲି କୁହାଯାଉଛି ।

ଛେନା, ପନୀର ଆଦି ଖାଣ୍ଟି କ୍ଷୀରରୁ ତିଆରି କରାଯାଇଥାଏ । କିନ୍ତୁ ଅସାଧୁ ବ୍ୟବସାୟୀମାନେ ବିଭିନ୍ନ ରାସାୟନିକ ପଦାର୍ଥ ପ୍ରୟୋଗ କରି ନକଲି ପନୀର ଓ ଛେନା ପ୍ରସ୍ତୁତ କରୁଛନ୍ତି । ଆମ ରାଜ୍ୟର ପ୍ରମୁଖ ମହାନଗର ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ପୁରୀ, ବ୍ରହ୍ମପୁର ଆଦିରେ ଖୋଲାଖୋଲି ଭାବେ ଏଭଳି ନକଲି ପନୀର୍ କାରବାର ହେଉଛି । ଗାଁ ଗହଳରୁ ଆରମ୍ଭ କରି ଅନ୍ୟସବୁ ସହର ବଜାରରେ ବି ନକଲି ପନୀର୍ ବ୍ୟାପକ ପରିମାଣରେ ବ୍ୟବହୃତ ହେଉଛି । ବିଶେଷକରି ବିବାହ ଋତୁରେ ଭୋଜିଭାତ ପାଇଁ ଏହା ଅଧିକ ପରିମାଣରେ ବ୍ୟବହାର କରାଯାଉଛି ।



ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବାରମ୍ବାର କହି ଆସୁଛନ୍ତି ଯେ ନକଲି ପନୀର୍ ସ୍ୱାସ୍ଥ୍ୟ ପ୍ରତି ଅତିମାତ୍ରାରେ କ୍ଷତିକାରକ । ଭୋଜିଭାତରେ, ହୋଟେଲ୍‌ରେ ଓ ଅନ୍ୟ ଫାଷ୍ଟଫୁଡ୍ ଦୋକାନମାନଙ୍କରେ ବିଭିନ୍ନ କିସମର ମସଲା ବ୍ୟବହାର କରି ଏହାକୁ ସ୍ୱାଦିଷ୍ଟ କରାଯାଇଥାଏ । ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ଏହି ସିନ୍ଥେଟିକ୍ ପନୀର୍ ବର୍ଜନୀୟ ହୋଇଥିଲେ ମଧ୍ୟ ସରକାରୀ ସ୍ୱାସ୍ଥ୍ୟ ଅଧିକାରୀ ଓ ଅନ୍ୟ ଯାଞ୍ଚକାରୀ ସଂସ୍ଥାମାନେ ଏ ଦିଗରେ ଆଖିବୁଜି ଦେଉଛନ୍ତି ।

କେବଳ ପନୀର୍ ନୁହେଁ, ରାଜ୍ୟରେ ବ୍ୟାପକ ପରିମାଣରେ ଅପମିଶ୍ରିତ ଦୁଗ୍ଧ, ଛେନା, ଦହି, ଘିଅ, ଲହୁଣି ଓ ଅନ୍ୟ ଦୁଗ୍ଧ ଜାତ ପଦାର୍ଥ ଖୋଲାଖୋଲି ଭାବେ ବିକ୍ରୟ କରାଯାଉଛି । ଏହା ସେବନ କରି ଶିଶୁମାନଙ୍କଠାରୁ ଆରମ୍ଭ କରି ଜରାଗ୍ରସ୍ତ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଥଚ ଅପମିଶ୍ରିତ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀଗୁଡ଼ିକର ନିୟମିତ ଯାଞ୍ଚ କରାଯାଉ ନାହିଁ । ଅଭିଯୋଗ ହେଉଛି ଯେ ଲୁଗା ସଫା ପାଇଁ ବ୍ୟବହାର କରାଯାଉଥିବା ପାଉଡର୍, ଗୁଣ୍ଡ ଦୁଗ୍ଧ, ରିଫାଇନ୍ ତେଲ ଓ ଅନ୍ୟ ରାସାୟନିକ ସାମଗ୍ରୀ ଆଦିରୁ ସିନ୍ଥେଟିକ୍ ଦୁଗ୍ଧ ମଧ୍ୟ ପ୍ରସ୍ତୁତ ହେଉଛି। କେତେକ କ୍ଷେତ୍ରରେ ଦୁଗ୍ଧରେ ବି ଖୋଲାଖୋଲି ଭାବେ ରାସାୟନିକ ସାର ମିଶାଯାଉଥିବା ଜଣାପଡିଛି । ଏହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ।

ନିକଟ ଅତୀତରେ କଟକ ଉପକଣ୍ଠରେ ଏକ ପ୍ରତିଷ୍ଠିତ ଦୁଗ୍ଧ କମ୍ପାନୀ ନାମରେ ଆସିଥିବା ଟ୍ୟାଙ୍କର ବୋଝେଇ କ୍ଷୀର ସଂପୂର୍ଣ୍ଣ ନକଲି ବୋଲି ଜଣାପଡିବା ପରେ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏହି ଅପମିଶ୍ରିତ ଦୁଗ୍ଧକୁ ନଷ୍ଟ କରିଦିଆଯାଇଥିଲା । ଅଥଚ ରାଜଧାନୀଠାରୁ ଆରମ୍ଭ କରି ଚାରିଆଡ଼େ ଖୋଲାଖୋଲି ଭାବେ ଅପମିଶ୍ରିତ ଦୁଗ୍ଧ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ କାରବାର ହେଉଛି । ଅନେକ କ୍ଷେତ୍ରରେ ପୋଡ଼ା ମୋବିଲ୍ ଓ ସେହିଭଳି ଅନ୍ୟ ତୈଳାକ୍ତ କିମ୍ବା ଚର୍ବିଯୁକ୍ତ ସାମଗ୍ରୀକୁ ବ୍ୟବହାର କରି ନକଲି ଘିଅ ମଧ୍ୟ ପ୍ରସ୍ତୁତ ହେଉଛି । ମଝିରେ ମଝିରେ କେଉଁଠି କେଉଁଠି ଏହି ନକଲି ଘିଅ ଜବତ ହେଉଥିଲେ ମଧ୍ୟ ଖାଉଟିଙ୍କଠାରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ଏହା ଖୋଲାଖୋଲି ଭାବେ ବ୍ୟବହାର କରାଯାଉଛି ।(ତଥ୍ୟ)

**ହର୍ ଘର୍ ତିରଙ୍ଗା ୨୦୨୬**

# ଏସଏଚଜି ମହିଳାଙ୍କ ଦ୍ୱାରା ୬୦ ଲକ୍ଷ ପତାକା ପ୍ରସ୍ତୁତ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ସମଗ୍ର ଦେଶରେ 'ହର୍ ଘର୍ ତିରଙ୍ଗା ୨୦୨୬' ଅଭିଯାନକୁ ନେଇ ଉତ୍ସାହ ପ୍ରକାଶ ପାଇଥିବା ବେଳେ ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ମହିଳାମାନେ ଏକ ବିଶାଳ ସଫଳତା ହାସଲ କରିଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରୁ ମିଶନ ଶକ୍ତିର ମହିଳାମାନେ ମିଳିମିଶି ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ସମ୍ପୂର୍ଣ୍ଣ ୬୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରିବାର ଲକ୍ଷ୍ୟ ସଫଳତାର ସହ ପୂରଣ କରିଛନ୍ତି। ଏହି ବୃହତ୍ ଜାତୀୟ କାର୍ଯ୍ୟକ୍ରମରେ ୧, ୨୩୫ଟି ଏସ୍‌ଏଚ୍‌ଜି, ୨୦୧ଟି ଉତ୍ପାଦକ ଗୋଷ୍ଠୀ (ପି.ଜି) ଓ ୧୩୮ଟି ମହାସଂଘର ମୋଟ ୧୬, ୧୬୨ ଜଣ ମହିଳା ସଦସ୍ୟା ସକ୍ରିୟ ଭାବେ ସାମିଲ ହୋଇ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଛନ୍ତି।

ଏହି ଆକର୍ଷଣୀୟ ସଫଳତାକୁ ନେଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜର ଖୁସି ବ୍ୟକ୍ତ କରିବା ସହ କହିଛନ୍ତି ଯେ, ଆମର ମିଶନ୍ ଶକ୍ତି ମହିଳାମାନଙ୍କ ଦ୍ୱାରା ୬୦ ଲକ୍ଷ ଜାତୀୟ ପତାକାର ପ୍ରସ୍ତୁତି ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏହା ସେମାନଙ୍କର ଅଗାଧ ଦେଶପ୍ରେମ, ନିଷ୍ଠା ଏବଂ ଉଦ୍ୟୋଗୀ ମନୋଭାବକୁ ସ୍ପଷ୍ଟ ଭାବେ ଦର୍ଶାଉଛି। ସେ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, ଯେତେବେଳେ ମହିଳାମାନଙ୍କୁ ସାମୂହିକ ମଞ୍ଚ ମାଧ୍ୟମରେ ସଶକ୍ତ କରାଯାଏ, ସେତେବେଳେ ସେମାନେ ଯେକୌଣସି ବୃହତ୍ ସ୍ତରର କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିପାରିବେ, ତାହା ସେମାନେ ପୁଣି ଥରେ ପ୍ରମାଣ କରି ଦେଖାଇଛନ୍ତି।

ଉପ-ମୁଖ୍ୟମନ୍ତ୍ରୀ ଆହୁରି ସୂଚନା ଦେଇଛନ୍ତି ଯେ, 'ହର୍ ଘର୍ ତିରଙ୍ଗା' କେବଳ ଆମ ଜାତୀୟ ପତାକାର ସମ୍ମାନାର୍ଥେ ଆୟୋଜିତ ଏକ ଉତ୍ସବ ନୁହେଁ, ବରଂ ଏହା ଦେଶ ଗଠନରେ ପ୍ରତ୍ୟେକ ନାଗରିକଙ୍କ ସହଭାଗିତାର ଏକ ପ୍ରତୀକ। ମିଶନ୍ ଶକ୍ତି ମାଧ୍ୟମରେ ଆଜି ଓଡ଼ିଶାର ମହିଳାମାନେ ରାଜ୍ୟର ବିକାଶରେ ସକ୍ରିୟ ଭାଗୀଦାର ହେବା ସହ ନିଜ ପାଇଁ ଏବଂ ନିଜ ସମୁଦାୟ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିପାରୁଛନ୍ତି। ୧୦୦ ପ୍ରତିଶତ ଲକ୍ଷ୍ୟ ସାଧନ ସହ ଏହି ଜାତୀୟ ପତାକା ନିର୍ମାଣ ସଫଳତା ଓଡ଼ିଶାକୁ ଏକ ମହିଳା-ନେତୃତ୍ୱାଧୀନ ବିକାଶ ଆଡ଼କୁ ଆଗେଇ ନେବାରେ ସହାୟକ ହୋଇଛି।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

ଶୁକ୍ରବାର ୧୪ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Friday 14 August 2026, Bhubaneswar



# ଲୋକହିତ ନା ରାଜନୈତିକ କାଦୁଅଫିଙ୍ଗା?

ଭାରତୀୟ ଗଣତନ୍ତ୍ରର ମୂଳଦୁଆ ହେଉଛି ସଂସଦ ଓ ରାଜ୍ୟ ବିଧାନସଭା। ଏହି ଗୃହଗୁଡ଼ିକ ଲୋକଙ୍କ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା, ବିତର୍କ ଓ ନିୟମ ପ୍ରଣୟନର ମଞ୍ଚ। ସେଠାରେ ଜନସାଧାରଣଙ୍କ ସମସ୍ୟା ଉଠିବ, ସରକାରଙ୍କ କାର୍ଯ୍ୟଧାରା ପରୀକ୍ଷିତ ହେବ ଓ ନୂତନ ନୀତି ଗଢ଼ାଯିବ ବୋଲି ଆଶା କରାଯାଏ। କିନ୍ତୁ ବର୍ତ୍ତମାନର ବାସ୍ତବତା ଏହି ଆଦର୍ଶଠାରୁ ବହୁତ ଦୂର। ପ୍ରଶ୍ନ ଉଠୁଛି ଆମ ରାଜନୈତିକ ନେତାମାନେ ସଂସଦ ଓ ବିଧାନସଭାକୁ ଲୋକହିତ ପାଇଁ ବ୍ୟବହାର କରୁଛନ୍ତି, ନା କେବଳ ରାଜନୈତିକ କାଦୁଅଫିଙ୍ଗା ଓ ସ୍କୋରିଙ୍ଗ ପାଇଁ ସୁଯୋଗ ଭାବେ ବ୍ୟବହାର କରୁଛନ୍ତି ତାକୁ ନେଇ ସାରା ଦେଶରେ ବିତର୍କ ସୃଷ୍ଟି ହୋଇଛି।




ଏକ ପକ୍ଷରେ, ସଂସଦ ଓ ବିଧାନସଭାରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମହିଳା ସଶକ୍ତିକରଣ ଓ ଡିଜିଟାଲ୍ ଅଭିଯାନ ଭଳି ବିଷୟରେ ଆଇନ ପ୍ରଣୟନ ହୋଇଛି। ବିରୋଧୀ ଦଳ ସରକାରଙ୍କ ତ୍ରୁଟି ଉଜାଗର କରି ଜବାବଦିହିତା ବଜାୟ ରଖିବାରେ ଭୂମିକା ନେଇଛନ୍ତି। ପ୍ରଶ୍ନୋତ୍ତର ଘଣ୍ଟା, ଶୂନ୍ୟ କାଳ ଓ ବିତର୍କ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉଠିବାର ଉଦାହରଣ ମଧ୍ୟ ରହିଛି। ଏହା ଦେଖାଏ ଯେ କେତେକ ସମୟରେ ନେତାମାନେ ଜନହିତକୁ ଗୁରୁତ୍ୱ ଦେଉଛନ୍ତି।

ତଥାପି, ଏହି ସକାରାତ୍ମକ ଚିତ୍ର ଅଧିକାଂଶ ସମୟରେ କାଦୁଅଫିଙ୍ଗା ଛାୟାରେ ହଜିଯାଏ। ସଂସଦୀୟ କାର୍ଯ୍ୟବାହିତାର ପରିସଂଖ୍ୟାନ ଦେଖିଲେ ସ୍ପଷ୍ଟ ହୁଏ ଯେ ଅଧିବେଶନର ବହୁ ସମୟ ବ୍ୟବଧାନ, ଧାର୍ଣ୍ଣା, ଶୋରଗୋଳ ଓ ପରସ୍ପର ଉପରେ ଅଭିଯୋଗ ନିକ୍ଷେପରେ ବିତେ। ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଗଭୀର ଆଲୋଚନା ବଦଳରେ ବ୍ୟକ୍ତିଗତ ଆକ୍ରମଣ, ପୁରୁଣା ଘଟଣାର ଉଲ୍ଲେଖ ଓ ଟିକଟଙ୍କିତ ଭାଷାର ବ୍ୟବହାର ବଢ଼ିଛି। ରାଜନୈତିକ ଦଳଗୁଡ଼ିକ ନିଜ ନିଜ ବାହାରେ ଥିବା ସମର୍ଥକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗୃହକୁ ମଞ୍ଚ ଭାବରେ ବ୍ୟବହାର କରୁଛନ୍ତି। ଫଳରେ ବିଧାନସଭା ଓ ସଂସଦର ମର୍ଯ୍ୟାଦା କ୍ଷୁଣ୍ଣ ହେଉଛି ଓ ଜନସାଧାରଣଙ୍କ ବିଶ୍ୱାସ କମୁଛି।

ଏହି ପ୍ରବୃତ୍ତିର କାରଣ ବହୁମୁଖୀ। ରାଜନୀତି ଆଜି ଅଧିକ ମିଡ଼ିଆ ଓ ସୋସିଆଲ୍ ମିଡ଼ିଆ କେନ୍ଦ୍ରିତ ହୋଇପଡ଼ିଛି। ଏକ ତୀକ୍ଷ୍ଣ ମନ୍ତବ୍ୟ କିମ୍ବା ବିରୋଧୀଙ୍କ ଉପରେ ଆକ୍ରମଣ ତୁରନ୍ତ ଖବର ହୁଏ ଓ ସମର୍ଥକଙ୍କୁ ଉତ୍ତେଜିତ କରେ। ଦୀର୍ଘମିଆଦୀ ନୀତି ଆଲୋଚନା ଏଭଳି ତୁରନ୍ତ ଲାଭ ଦିଏ ନାହିଁ। ତେଣୁ ନେତାମାନେ ସହଜ ପଥ ବାଛନ୍ତି— କାଦାଛଡ଼ା। ଦଳୀୟ ଶୃଙ୍ଖଳା ମଧ୍ୟ ଏଥିରେ ଭୂମିକା ନେଇଛି। ବ୍ୟକ୍ତିଗତ ବିବେକ ଅପେକ୍ଷା ଦଳୀୟ ନିର୍ଦ୍ଦେଶ ପ୍ରାଧାନ୍ୟ ପାଉଛି। ଯେଉଁମାନେ ଗଠନମୂଳକ ସମାଲୋଚନା କରନ୍ତି, ସେମାନେ ଅନେକ ସମୟରେ ନିଜ ଦଳ ଭିତରେ ହିଁ ଚାପର ସମ୍ମୁଖୀନ ହୁଅନ୍ତି। ଏହାର ପରିଣାମ ଗମ୍ଭୀର। ଯେତେବେଳେ ଗୃହରେ ଶୋରଗୋଳ ହୁଏ, ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଯଥେଷ୍ଟ ଆଲୋଚନା ହୁଏ ନାହିଁ। ବିଧାୟକ ଓ ସାଂସଦଙ୍କ ସମୟ ଓ ଜନତାଙ୍କ ଟଙ୍କା ବ୍ୟର୍ଥ ହୁଏ। ଲୋକେ ରାଜନୀତିକୁ କେବଳ କଳହ ଓ ନିନ୍ଦାର ଖେଳ ଭାବରେ ଦେଖିବାକୁ ଲାଗନ୍ତି। ଯୁବପିଢ଼ୀ ରାଜନୀତିରୁ ଦୂରେଇ ଯାଉଛି। ଗଣତନ୍ତ୍ରର ମୂଲ୍ୟବୋଧ ଦୁର୍ବଳ ହେଉଛି।

ଏହି ପରିସ୍ଥିତି ବଦଳାଇବା ପାଇଁ କେବଳ ନେତାମାନଙ୍କ ଉପରେ ନିର୍ଭର କରିବା ଯଥେଷ୍ଟ ନୁହେଁ। ଜନସାଧାରଣଙ୍କ ସଚେତନତା ଆବଶ୍ୟକ। ଯେଉଁ ନେତା କାଦାଛଡ଼ା କରନ୍ତି, ସେମାନଙ୍କୁ ସମର୍ଥନ ନ କରି ବିଚାରଶୀଳ ଭୋଟର ହେବା ଦରକାର। ମିଡ଼ିଆ ମଧ୍ୟ କେବଳ ସଂଘର୍ଷକୁ ହାଇଲାଇଟ ନ କରି ଗୁରୁତ୍ୱପୂର୍ଣ୍ଣ ଆଲୋଚନାକୁ ସ୍ଥାନ ଦେବା ଉଚିତ। ସଂସଦୀୟ ନିୟମର କଠୋର ପ୍ରୟୋଗ, ଅଧିକ ସମୟ ନୀତି ଆଲୋଚନା ପାଇଁ ବ୍ୟବସ୍ଥା ଓ ଦଳୀୟ ହ୍ୱିପର ସୀମିତ ବ୍ୟବହାର ମଧ୍ୟ ସହାୟକ ହୋଇପାରେ। ସଂସଦ ଓ ବିଧାନସଭା ଲୋକଙ୍କ ମନ୍ଦିର। ଏହାକୁ ରାଜନୈତିକ ଯୁଦ୍ଧକ୍ଷେତ୍ର କରିବା ଗଣତନ୍ତ୍ର ପ୍ରତି ଅନ୍ୟାୟ। ନେତାମାନେ ଯଦି ସ୍ମରଣ ରଖନ୍ତି ଯେ ସେମାନେ ଜନତାଙ୍କ ସେବକ, ତେବେ ଏହି ଗୃହଗୁଡ଼ିକ ପୁନଃ ଲୋକହିତର କେନ୍ଦ୍ର ହୋଇପାରିବ। ନଚେତ କାଦୁଅଫିଙ୍ଗା ରାଜନୀତିରେ ଗଣତନ୍ତ୍ରର ମୂଲ୍ୟ ବୁଡିଯିବ। ଆମ ସମୟର ଆବଶ୍ୟକତା ହେଉଛି ଗଠନମୂଳକ ରାଜନୀତି, ନୁହେଁ କେବଳ ପରସ୍ପରକୁ ନିନ୍ଦା କରିବାର ପ୍ରତିଯୋଗିତା।

# ଭୁଲ୍‌ର ପରିମାର୍ଜିତ ଓ ଜୀବନରେ ସଫଳତା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଜୀବନରେ ଭୁଲ ଭୟକୁ ପରିତ୍ୟାଗ କରିବା ଉଚିତ୍ ଏବଂ ଚେଷ୍ଟା ଜାରି ରଖିବା ମଧ୍ୟ ଉଚିତ୍, ତେବେ ଜୀବନରେ ସମସ୍ତ କ୍ଷେତ୍ରରେ ସଫଳତା ମିଳିଥାଏ ।ସନାତନ ଧର୍ମର ଶାସ୍ତ୍ରଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ ଭୁଲଗୁଡ଼ିକ ଶିଖିବାର ଏକ ମାଧ୍ୟମ, ବନ୍ଦ କରିବାର କାରଣ ନୁହେଁ। ଭୁଲ୍ ଭୟରେ ନୂତନ ଜିନିଷ ଚେଷ୍ଟା ନ କରିବା ଜୀବନକୁ ସ୍ଥିର କରିଦିଏ, ଯେତେବେଳେ ନିରନ୍ତର ପ୍ରୟାସ ପ୍ରଗତି ପାଇଁ ମୂଳଦୁଆ। ଭଗବଦ୍ ଗୀତାର କର୍ମଯୋଗରେ, ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ କର୍ମର ଫଳାଫଳ ବିଷୟରେ ଚିନ୍ତା କରିବାକୁ କହିଛନ୍ତି, କାରଣ କର୍ମ ହେଉଛି ବନ୍ଧନ, ଫଳାଫଳ ପ୍ରତି ଆଗ୍ରହ ନୁହେଁ। ଭାଗବତରେ କୁହାଯାଇଛିଃ "କର୍ମଣ୍ୟେ ବନ୍ଧନସ୍ତେ ମା ଫଲେଷୁ କଦଚନ। ମା କର୍ମଫଲହେତୁର୍ଭୁର୍ମା ତେ ସଂଗୋଷ୍ଟକର୍ମଣି।" ଅର୍ଥାତ୍, ଆପଣଙ୍କର ଅଧିକାର କେବଳ କାର୍ଯ୍ୟ କରିବାର, ଏହାର ଫଳାଫଳ ଉପରେ କେବେବି ନୁହେଁ। ଏହା ଭୟ କିମ୍ବା ବିଫଳତାର ଭୟକୁ ଦୂର କରେ। ଏହି ଶ୍ଳୋକ ଆମକୁ ଚେଷ୍ଟା ଜାରି ରଖିବାକୁ, ଭୁଲରୁ ଶିଖିବାକୁ, କିନ୍ତୁ କେବେବି ବନ୍ଦ କରିବାକୁ ପ୍ରେରଣା ଦିଏ। ଯଦି ଜୀବନରେ କୌଣସି ଭୁଲ ହୋଇନାହିଁ, ତେବେ କୌଣସି ପ୍ରୟାସ ହୋଇନାହିଁ। ସନାତନ ଦର୍ଶନରେ, କାର୍ଯ୍ୟରେ ନିରନ୍ତରତା ହେଉଛି ମୋକ୍ଷର ଦ୍ୱାର ଖୋଲିଥାଏ।

ଭୟ ହେଉଛି ମନର ଏକ ଭ୍ରମ ଯାହା ପ୍ରୟାସକୁ ବନ୍ଦ କରିଦିଏ। ଗୀତାରେ କୃଷ୍ଣ କହିଛନ୍ତିଃ "କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପ୍ପାଦ୍ୟତେ। କ୍ଷୁଦ୍ରମ୍ ହୃଦୟଦୌରବଲ୍ୟମ୍ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ।" ଅର୍ଥାତ୍, ହେ ପାର୍ଥ! ଏହି କାପୁରୁଷତା ତୁମକୁ ଶୋଭା ଦିଏ ନାହିଁ, ହୃଦୟର ଏହି କ୍ଷୁଦ୍ର ଦୁର୍ବଳତାକୁ ପରିତ୍ୟାଗ କର ଏବଂ ଉଠ। ଏହି ଭୟ ଭୁଲ ଭୟରୁ ଜନ୍ମ ନେଇଥାଏ, କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆତ୍ମା ଅମର, ଭୁଲ କ୍ଷଣିକ। ରାମାୟଣରେ, ବିଭୀଷଣ ରାବଣଙ୍କୁ ଛାଡି ସତ୍ୟର ପଥ ବାଛିଥିଲେ, ଯଦିଓ ସେ ଭୁଲ କରିବାକୁ ଭୟ କରୁଥିଲେ, କିନ୍ତୁ ତାଙ୍କ ପ୍ରୟାସରେ ସେ ବିଜୟୀ ହୋଇଥିଲେ। ମହାଭାରତରେ, ଅର୍ଜୁନଙ୍କ ଭୁଲ ଯାହାକୁ ଯୁଦ୍ଧର ଭୟ କୁହଯାଏ କୃଷ୍ଣଙ୍କ ଦ୍ୱାରା ସଂଶୋଧନ କରାଯାଇଥିଲା। ଭୁଲ କରିବା ସ୍ୱାଭାବିକ, ତାହାକୁ ପୁନରାବୃତ୍ତି କରିବା ନୁହେଁ। ଗୀତାରେ କୁହାଯାଇଛି ଯେ ଜ୍ଞାନୀମାନେ ଅଜ୍ଞାନୀମାନଙ୍କୁ କାମ କରିବାରୁ ନିବୃତ୍ତ କରିବା ଉଚିତ୍ ନୁହେଁ, ବରଂ ନିଜେ ନିଃସ୍ୱାର୍ଥପର କାମ କରି ସେମାନଙ୍କୁ ପ୍ରେରଣା ଦେବା ଉଚିତ୍। "ନ ବୁଦ୍ଧିଭେଦମ୍ ଜନୟେଦ୍ଜ୍ଞାନାଂ କର୍ମସଙ୍ଗିନମ୍। ଜୋଷ୍ୟେତସର୍ବକର୍ମଣୀ ବିଧୁବନ ଯୁକ୍ତଃ ସମାଚାର।" ମହାଭାରତରୁ କର୍ଣ୍ଣଙ୍କ ଭୁଲରୁ ବହୁତ ଶିକ୍ଷା ମିଳିଥାଏ। ଭୁଲ ସଙ୍ଗ ପୁନରାବୃତ୍ତି କରିବା ଉଚିତ୍ ନୁହଁ । କବୀରଦାସ ଜୀ କୁହନ୍ତି, ନିଜ ଭୁଲରୁ ଶିଖନ୍ତୁ, ଅନ୍ୟମାନଙ୍କ ଦୋଷ ଦେଖନ୍ତୁ ନାହିଁ। ଭୁଲ ହେଉଛି ଶିକ୍ଷକ ଯେଉଁମାନେ ଭବିଷ୍ୟତକୁ ରକ୍ଷା କରନ୍ତି।

ସନାତନ ଗ୍ରନ୍ଥଗୁଡ଼ିକ ପ୍ରୟାସକୁ ପ୍ରାୟଶ୍ଚିତ୍ତ ବୋଲି ବିବେଚନା କରନ୍ତି। ଗୀତାରେ କୁହାଯାଉଛି "ସର୍ବଧର୍ମପରିତ୍ୟଜ୍ୟ ମାମେକମ୍ ଶରଣମ୍ ଭ୍ରାଜ। ଅହମ୍ ତ୍ୱାନ୍ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ।" ଭୁଲର ପାପରୁ ଭୟ କର ନାହିଁ, ଈଶ୍ୱରଙ୍କ ଶରଣ ନିଅ। ନିରନ୍ତର ଅଭ୍ୟାସ ଦ୍ୱାରା ଭୁଲଗୁଡ଼ିକ ଶୁଦ୍ଧ ହୁଏ। ଉପନିଷଦରେ କୁହାଯାଇଛି ଯେ ନିରନ୍ତର ପ୍ରୟାସ ଦ୍ୱାରା ଆତ୍ମବିକାଶ ହୁଏ, ଧର୍ଯ୍ୟ ରଖନ୍ତୁ। ଜୀବନ ନଦୀ ପରି ପ୍ରବାହିତ ହେବା ଉଚିତ, ଭୁଲଗୁଡ଼ିକ କେବଳ ତରଙ୍ଗ। ଭୁଲ୍ ଗୁଡ଼ିକ ଆମକୁ ଭୟଭୀତ କରିବା ପାଇଁ ନୁହେଁ, ବରଂ ଆମକୁ ଶିକ୍ଷା ଦେବା ପାଇଁ ଉଦ୍ଦିଷ୍ଟ। ଶ୍ରୀକୃଷ୍ଣଙ୍କ ପରି ନିର୍ଭୀକ ଭାବରେ କାର୍ଯ୍ୟ କରିବା ଉଚିତ୍। ରାମଙ୍କ ଚରିତ୍ର ଗ୍ରହଣ କରିବା ଉଚିତ। ଆମେ ମାନେ , ପ୍ରତିଜ୍ଞା ନେବା ଉଚିତ୍ ଯେ ଆମ୍ଭମାନଙ୍କ ପ୍ରୟାସ ସଦାସର୍ବଦା ଜାରି ରଖିବା ଏବଂ ସମସ୍ତିଙ୍କ ଠାରୁ କିଛି ଶିଖିବା ଯାହା ଆମ ଜୀବନ ପଥରେ ସଫଳତାର ଅନନ୍ତ ପଥ ଦେଖାଇବ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ୍:୯୯୩୮୯୦୬୦୭୦




# ସ୍ୱାଧୀନତା ଦିବସ ପାଳନର ଅନ୍ତସ୍ୱର

**ଅମର ପ୍ରସାଦ ଶତପଥୀ**



ଅଗଷ୍ଟ ମାସ ୧୫ ତାରିଖ ଭାରତୀୟ ସ୍ୱାଧୀନତା ଦିବସ ପାଳନର ବିଧି ରକ୍ଷା କରାଯାଉଅଛି। ପ୍ରାୟ ୨୦୦ବର୍ଷ ରୁ ଉର୍ଦ୍ଧ ପରାଧୀନତାର ଶୃଙ୍ଖଳରେ ବନ୍ଧା ହେଇଥିବା ଭାରତ ମାତାଙ୍କୁ ବନ୍ଧନରୁ ମୁକ୍ତ କରି ସ୍ୱାଧୀନତାର ସୂର୍ଯ୍ୟାଲୋକ ସ୍ୱାଦ ଆସ୍ୱାଦନ କରିବାର ଦିବସ କୁ ଜାତୀୟ ଦିବସ ଭାବେ ପାଳନ କରାଯାଉଅଛି । ଜାତୀୟ ପତାକା ଉତ୍ତୋଳନ, ଆକର୍ଷଣୀୟ ପ୍ୟାରେଡ ଦେଶାତ୍ମକବୋଧକ ସଙ୍ଗୀତ ଗାନ ସହ ମିଷ୍ଟାନ ବଣ୍ଟନ ଉତ୍ସବ ର ଆୟୋଜନ ପାଇଁ ସରକାରୀ ସ୍ତର ରେ ତଥା ବହୁ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ସଂଗଠନ, ରାଜନୈତିକ ଦଳର ପାଳନ କରିବାରେ ବ୍ୟଗ୍ରତା ଥାଏ। ସଂଗୀତ ଗାନ, ବକ୍ତୃତା ପ୍ରତିଯୋଗିତା ରେ ମଧ୍ୟରେ ଶିକ୍ଷାନୁଷ୍ଠାନ ଆଗତ୍ତର ହେଇଥାନ୍ତିକିନ୍ତୁ ସ୍ୱାଧୀନତା ଦିବସର ଅନ୍ତସ୍ୱର ଏଭଳି ଆଡମ୍ବର ପୂର୍ଣ୍ଣ ଉତ୍ସବ ପାଳନ ମଧ୍ୟରେ ଆତ୍ମ ସତ୍ତା ହରାଇ ଦେଇଥାଏ।

ସ୍ୱାଧୀନୋତ୍ତର ଭାରତବର୍ଷର ଏକଦଶନ୍ଧି ପର୍ଯ୍ୟନ୍ତ ସ୍ୱାଧୀନତା ଆନ୍ଦୋଳନ ର ଘଟଣାବଳୀ ଓ ପୃଷ୍ଟଭୂମି ସମସ୍ତଙ୍କ ମନରେ ସତେଜ ଥିବା ଭଳି ପ୍ରତିଭ୍ରାତ ହେଉଥିଲା। ଏହି ଜାତୀୟ ଦିବସ ପାଳନର ଆବେଗ, ଉତ୍ସାହ, ଉଦ୍ଧାମତା କ୍ରମଶଃ କ୍ଷୀଣ ହେବାରେ ଲାଗିଛି । ନାହିଁ ଆନ୍ତରିକତା, ଉଦ୍ଦିପନା, ଗତାନୁଗତିକ ଯନ୍ତ୍ରବତ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବା ସ୍ୱାଧୀନଚେତା ଜନଗଣଙ୍କ ମନରେ ଏକାଧିକ ପ୍ରଶ୍ନରାଜି ସୃଷ୍ଟି କରୁଅଛି।କଣ ଦୁର୍ବଳତା ରହିଲା ଆମ ମୁକ୍ତି ସଂଗ୍ରାମରେ ? ସମଗ୍ର ବିଶ୍ୱକୁ ଅହିଂସା, ସତ୍ୟାଗ୍ରହ, ଶାନ୍ତିର ସନ୍ଦେଶ ଦେଉଥିବା ଏହି ସଂଗ୍ରାମର ସ୍ୱର କଣ ପାଇଁ ମନରେ ଶିହରଣ ସୃଷ୍ଟି କରୁନାହିଁ ? ଆମ ପୂର୍ବଜ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ମାନଙ୍କ ବଳିଦାନକୁ ଏହି ଜାତି ବିସ୍ମରଣ ଗର୍ଭ କୁ ଠେଲିଦେଇ ଭିନ୍ନ ରାସ୍ତାରେ ଆପଣେଇ ନେବାର ଉଦ୍ୟମ ସଂଗ୍ରାମୀ ମାନଙ୍କୁ ବେଦନା ଭରିଦେଉଅଛି। ତ୍ୟାଗ, ତପସ୍ୟା,ବଳିଦାନ ଭାଷା କେବଳ ଶବ୍ଦକୋଷ ମଧ୍ୟରେ ସୀମିତ ହୋଇରହିଯିବା ସମୟ ଆସିଅଛି ଏହି ପ୍ରଶ୍ନ ସମୂହ ର ଉତ୍ତର ଖୋଜିବା ଓ ଆଗାମୀ ପିଢ଼ିକୁଏହି ଅନନ୍ୟ ସଂଗ୍ରାମ ଇତିହାସ ରେ ପ୍ରେରିତ କରିବାର ଉପାଦାନ ସୃଷ୍ଟି କରିବା ପାଇଁ ସଠିକ କାର୍ଯ୍ୟ ପନ୍ଥା ଗ୍ରହଣ କରିବା।



ବ୍ରିଟିଶ ଶାସନର ଗୋରା ପୋଲିସ ସ୍ୱାଧୀନତା ଆନ୍ଦୋଳନକାରୀଙ୍କୁ ବିଦ୍ରୋହୀ, ଦେଶଦ୍ରୋହୀ ଭାବରେ ଚିତ୍ରଣ କରୁଥିବା ବେଳେ କଠୋରରୁ କଠୋର ଦଣ୍ଡ ପାଇଥିବା ସଂଗ୍ରାମୀ ମାନେ ସ୍ୱତନ୍ତ୍ର ସେନାନୀ ଭାବେ ଗର୍ବ କରି ହସି ହସି ଆନନ୍ଦ ପାଉଥିଲେ। ଦେଶ ମାତୃକାକୁ ଶୃଙ୍ଖଳମୁକ୍ତ କରିବା ପାଇଁ ଫାଶି ଖୁଣ୍ଟରେ ମୃତ୍ୟୁ ବରଣ କଲାବେଳେ ମାତୃ ବନ୍ଦନା ଗାଇ କୃତଜ୍ଞ ହେଉଥିଲେ। ଘର ସଂସାର ଛାଡି ଦେଶଭକ୍ତିରେ ଉଦବୁଦ୍ଧ ଯୁବକ ମାନେ ମାତୃ ପୂଜା ବନ୍ଦନରେ ପରମ ସନ୍ତୋଷ ଲାଭ କରୁଥିଲେ। ସେହି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଜୀବନ ଦର୍ଶନ, ଜୀବନଚାର୍ଯ୍ୟା ସମସ୍ତଙ୍କ ପାଇଁ ଅନୁକରଣୀୟ। ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ସ୍ୱାଧୀନ ଭାରତର ସ୍ଥିତି କଣ ? ସମାଜ ଜୀବନକୁ ଗ୍ରାସ କରିଥିବା ଅନାଚାର, ଭ୍ରଷ୍ଟାଚାର ଦେଶପ୍ରେମୀ ମାନଙ୍କ ମନକୁ ବ୍ୟଥିତ କରୁଅଛି। ଅର୍ଦ୍ଧ ରାତ୍ରରେ ସ୍ୱଚ୍ଛନ୍ଦ ଓ ନିର୍ଭୟରେ ଯାତ୍ର କରିବା ଦୂରର କଥା ଦିବା ଦ୍ୱିପ୍ରହରେ ନାରୀ ମାନଙ୍କ ପ୍ରତି ଅସଦାଚରଣ ଭଳି ଅଘଟଣର ବୃଦ୍ଧି ପାଉଅଛି। ନିଶାମୁକ୍ତ ଭାରତର ସ୍ୱପ୍ନ ଆଜି ସୁଦର ପରାହତ। ୧୯୭୭ ମସିହାରେ ତତକାଳୀନ ପ୍ରଧାନମନ୍ତ୍ରୀ ମୋରାଜୀ ଭାଇ ଦେଶାଇ ସମଗ୍ର ଦେଶ ରେ ନିଶା ନିବାରଣ ପାଇଁ ପଦକ୍ଷେପ ନେଲାବେଳେ ପିଲୁ ମୋଦି ସମେତ ଅନେକ ରାଜନେତା ଏହାର ତୀବ୍ର ବିରୋଧ କଲେ। ମୋରାଜୀଭାଇ ନେତୃତ୍ୱ ଗଠିତ ଜନତା ପାର୍ଟି ସରକାର ର ପତନ ର ଏହା ଅନ୍ୟ ଏକ କାରଣ। ଧନୀ ଦରିଦ୍ର ମଧ୍ୟରେ ବିଷମତା ଦୁରକରି ସମତାଭିତ୍ତିକ ସମାଜ ଗଠନ କେବଳ ସ୍ଲୋଗାନରେ ଅଥବା ଭାଷଣ ରେ ସୀମିତ। ଜାତି ଓ ଧର୍ମ ଜନିତ ବିଦ୍ୱେଶ ଜନ ଜୀବନରେ ଶାନ୍ତି ସଂହତି ର ବାଧକ ସାଜିଛି। ସର୍ବୋପରି ଭ୍ରଷ୍ଟାଚାର ସବୁ କ୍ଷେତ୍ରରେ ଦେଖା ଦେଉଥିବା ବେଳେ ଏହା ସାଧାରଣ ଚଳଣି ଭାବେ ବିବେଚିତ ହେଉଅଛି। ଗଣତନ୍ତ୍ର ଅବକ୍ଷୟ ହୋଇ ଦଳ ତନ୍ତ୍ର ଏପରିକି ଜଣ ତନ୍ତ୍ର ରେ ବନ୍ଧା ପଡିଛି। ବ୍ୟକ୍ତି ଚରିତ୍ର ର ସ୍ଖଳନ ମୁଖ୍ୟ ଆମଜନଜୀବନକୁ କଳୁଷିତ କରୁଅଛି। ବିଧାନସଭା ଅଥବା ସଂସଦରେ ଅଶାଳୀନ ଅଭଦ୍ରୋଚିତ ସମ୍ବାଦ ଗୁଡିକ ଗଣମାଧ୍ୟମ ର ପ୍ରଥମ ପୃଷ୍ଠା ମଣ୍ଡନ କରୁଅଛି। ପ୍ରଜ୍ଞା, ପରିବର୍ତ୍ତେ ଅଜ୍ଞତା ଭୂଷଣ ହୋଇଅଛି। ଜାତୀୟ ଜୀବନର ପରିବର୍ତ୍ତେ ସମସ୍ତ ବ୍ୟକ୍ତି ସର୍ବସ୍ୱ ହୋଇଅଛି। କୃତିମ ବୁଦ୍ଧିମତାର ବହୁଳ ପ୍ରଚଳନ ସୃଜନଶୀଳନତା ର ପଥ ରୋଧ କରୁଅଛି। ସ୍ୱରାଜ, ସୁରାଜ,ସ୍ୱାବଲମ୍ବୀ ଭାରତ ଗଠନର ସ୍ୱପ୍ନ ସାକାର ହେଉନାହିଁ । କୃତିମ ବୁଦ୍ଧିମତାର ବ୍ୟବହାର ଫଳରେ ସ୍ୱାବଲମ୍ବୀ ହେବା ସ୍ଥାନରେ ନିର୍ଭରଶୀଳତା ବୃଦ୍ଧି ପାଉଅଛି। ଏହା ଦେଶକୁ ଭିନ୍ନ ପରାଧୀନତା ଆଡକୁ ଅଗ୍ରସର ହେବାରେ ସାମର୍ଥ୍ୟ ଯୋଗାଉଛି।

କୂଳବୃଦ୍ଧ ମଧୁସୂଦନଙ୍କ ନୂତନ ଜାଗରଣ ର ଆହ୍ୱାନ , ଉତ୍କଳମଣି ଗୋପବନ୍ଧୁ କାରା କବିତା , ବାଞ୍ଛାନିଧି ମହାନ୍ତିଙ୍କ ଦେଶାତ୍ମକ ବୋଧକ ସଂଗୀତ ଦେଶ ପ୍ରେମ ର ଜୀବନ୍ତ ସ୍ୱରୂପ ଥିଲା। କିନ୍ତୁ ଦେଶାତ୍ମକ ବୋଧକ କବିତା ଆଜି ର ଯୁବକ ମାନଙ୍କ ମନକୁ ଆନ୍ଦୋଳିତ କରୁନାହିଁ। ସମୟ ଆସିଛି ସ୍ୱାଧୀନତା ସଂଗ୍ରାମର ସମ୍ପୂର୍ଣ୍ଣ ଇତିହାସ କୁ କେଓ୍ୱଳ ଅଧ୍ୟୟନ ନୁହଁ, ମନନ ଓ ଚିନ୍ତନ କରିବା। ଅଜ୍ଞାନ ରୂପକ ଚକ୍ଷୁ ରେ ଜ୍ଞାନଲୋକରେ ଭରିଦେବା। ବିଦ୍ୟାଳୟଠାରୁ ଆରମ୍ଭ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ୱାଧୀନତା ସଂଗ୍ରାମ ର ଇତିହାସ କୁ ପାଠ ପଢାଇବା ବ୍ୟବସ୍ଥା କରିବା। ଗାନ୍ଧୀ, ଗୋପବନ୍ଧୁ, ଖୁଦିରାମ, ଭଗତ ସିଂ ଆଦି ସଂଗ୍ରାମୀ ଜୀବନୀ ପଠନ ସହ ସେଭଳି ତ୍ୟାଗ ରୁ ଶିକ୍ଷାଲାଭି କରି ନିର୍ବାପିତ ହୋଇ ଆସୁଥିବା ଏହି ଇତିହାସ କୁ ଜୀବନ୍ତ ଓ ପ୍ରାଣାବନ୍ଦ କରିବା। ନବଜାଗରଣ ର ଆବଶ୍ୟକତା ରହିଅଛି।ବିକାଶ ସହ ବିରସାତ କୁ ଆପଣେଇନେବା। ଆବେଗ ଭରା କଣ୍ଠରେ ଉଚ୍ଚସ୍ୱରରେ ଦେଶଭକ୍ତି ସଂଗୀତ ଗାନ କରି ଭାରତ ମାତାର ପୂଜନ କରିବା। ଦେଶର ସ୍ୱାଧୀନତା ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ସଂକଳ୍ପ ଓ ପ୍ରତିବଦ୍ଧତା ର ପରିଚୟ ଦେବା। କଷ୍ଟଲବ୍ଧ ସ୍ୱାଧୀନତା ଓ ସଂଗ୍ରାମୀ ମାନଙ୍କ ବୀରତ୍ୱର ଅମୁଲ୍ୟ ସମ୍ପଦକୁ ସାଇତି ରଖିବା। ନୂତନ ସ୍ପନ୍ଦନ ରେ ଶିହରିତ ହୋଇ ସ୍ୱାଧୀନତା ଦିବସ ପାଳନର ଅନ୍ତସ୍ୱର କୁ ସଠିକ ଭାବେ ଅନୁପାଳନ କରିବା।

ପୂର୍ବତନ ମନ୍ତ୍ରୀ, ଓଡିଶା

# ଏଗ୍ରିଷ୍ଟେକ୍ ଓ କଲମ-୨ ଦ୍ୱନ୍ଦ୍ୱରେ ଚାଷୀ

**ଅମର ପଟ୍ଟନାୟକ**



ଏଗ୍ରିଷ୍ଟାକ୍ ଜରିଆରେ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଓ କଲମ-୨କୁ ନେଇ ଚାଷୀଙ୍କ ମନରୁ ସଂଦେହ ଯାଉନାହିଁ। ବର୍ଷା ବିପ୍ୱାତ ଓ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀ ଧାନ ଓ ପରିବା ଫସଲ ବଞ୍ଚାଇବାକୁ ବିଫଳ ହୋଇଥିବା ବେଳେ ପରିବର୍ତ୍ତିତ ସ୍ଥିତିରେ କେଉଁ ଚାଷ ଆପଣେଇବ କିଛି ବାଟ ପାଉନାହିଁ ଚଷା ପୁଅ। ଚାଷୀର ଏଭଳି ଅକଳ ସମୟରେ ସରକାରୀ ବ୍ୟବସ୍ଥା ଅନୁଯାୟୀ ଚଳିତ ମାସ ୩୧ ମଧ୍ୟରେ ଚାଷୀ ପଞ୍ଜିକରଣ ପାଇଁ ସେମାନେ ମନ ବଳାଇଛନ୍ତି। ତେବେ ଏଗ୍ରିଷ୍ଟାକ୍ ଚାଷୀ ପଞ୍ଜିକରଣର ନୂଆ ବ୍ୟବସ୍ଥା ଓ ଚାଷୀ ପଞ୍ଜିକରଣ ଫର୍ମରେ ଥିବା କଲମ-୨ କୁ ନେଇ ସେମାନେ ଦୋଛକିରେ। ପୂର୍ବ ବର୍ଷ ଭଳି ଧାନ ସଂଗ୍ରହ ହେବ ଏବଂ ଏହି ପ୍ରକ୍ରିୟା ପ୍ରକୃତ ଚାଷୀଙ୍କୁ ଅସୁବିଧାରେ ପକାଇବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ତଥାପି ଚାଷୀଙ୍କ ମନରୁ ଏହି ପ୍ରକ୍ରିୟାକୁ ନେଇ ସଂଦେହ ଦୂର ହେଉନାହିଁ। ଏଗ୍ରିଷ୍ଟାକ୍ ବ୍ୟବସ୍ଥା ପ୍ରକୃତରେ କଣ ଓ ଏହା ଦ୍ୱାରା ଚାଷୀ କଣ ସୁବିଧା ପାଇବ ସେ ନେଇ ଅଧିକାଂଶ ଲୋକ ଅନ୍ଧାରରେ। ଖାସ୍ କରି ଚଳିତ ବର୍ଷ ଏହି ପ୍ରକ୍ରିୟା ଚାଷୀଙ୍କ ପାଇଁ ନୂଆ ହୋଇଥିବା ବେଳେ ଏ ସଂପର୍କରେ ଅଧିକ ଜନସଚେତନତାର ଆବଶ୍ୟକତା ରହିଛି।

ଏଗ୍ରିଷ୍ଟାକ୍ ଚାଷୀ ପଞ୍ଜିକରଣ ପାଇଁ ସରକାର ଚାଷୀଙ୍କ ପାଖକୁ ଯିବେ ବୋଲି ମନ୍ତ୍ରୀ ଘୋଷଣା ବାସ୍ତବରେ କେତେ ସଫଳ ହେଉଛି ତାହା କହିବା କଷ୍ଟ। ସମବାୟ ସଂସ୍ଥାମାନଙ୍କୁ ଚାଷୀଙ୍କ ଏଗ୍ରିଷ୍ଟାକ୍ ଦାୟିତ୍ୱ ଦିଆଯାଇଛି। ଯେଉଁ ଚାଷୀ ସମବାୟ ସଂସ୍ଥା ଆସିପାରିବେ ନାହିଁ ସେମାନଙ୍କ ନିକଟକୁ ଅଧିକାରୀ ଯିବେ। ସରକାରଙ୍କ ସୂଚନା ଅନୁଯାୟୀ ଚାଷୀଙ୍କୁ ପଞ୍ଜିକରଣ ନମ୍ବର ମିଳିବା ପରେ ସେମାନଙ୍କୁ ପରିଚୟପତ୍ର ଦିଆଯିବ। ଆଧାର କାର୍ଡ ଭଳି ଏହି ପରିଚୟ ପତ୍ର ଲିଙ୍କରେ ସଂପୃକ୍ତ ଚାଷୀଙ୍କର ସବୁ ତଥ୍ୟ ରହିବ ଯେଉଁଠି ଚାଷୀ ରୁଣ, ବିହନ, ସାର ଭଳି ତଥ୍ୟ ରହିବ, ଏବଂ ଏହି ପ୍ରକ୍ରିୟାରେ ଚାଷୀକୁ ସହଯୋଗ କରିବେ କୃଷି, ରାଜସ୍ୱ ଓ ସମବାୟ ଅଧିକାରୀ। ଖାଲି ସେତିକି ନୁହେଁ ଏହି ପ୍ରକ୍ରିୟାରେ ବିଦେଶରେ ଥିବା ଚାଷୀ କିମ୍ବା ଜମି ମାଲିକ ଭିଡିଓ କନଫରେନ୍ସ ମାଧ୍ୟମରେ ପଞ୍ଜିକରଣ ସହିତ ଆଖି ସ୍କାନ କରିପାରିବେ। କଥା ଶୁଣିବାକୁ ଭଲ ଲାଗୁଛି କିମ୍ବା ଗଣମାଧ୍ୟମରେ ଏହାର ପ୍ରଚାର ପ୍ରସାର ଓ ବାସ୍ତବ ରୂପାୟନ

ସରକାରୀ ସୂଚନା ଦେଖିଲେ ଏହା ଏହା ବେଶ୍ ଉତ୍ସାହଜନକ। କିନ୍ତୁ ସମବାୟ ସମିତି ଓ ଲାମ୍ପସ୍‌ରେ ଚାଷୀ ପଞ୍ଜିକରଣ ଫର୍ମ ପୂରଣ ବେଳେ ଏହାର କଲମ ୨ରେ ରହିଥିବା ବ୍ୟବସ୍ଥାକୁ ନେଇ ଚିନ୍ତାରେ ଚାଷୀ। ଯାହା ନାମରେ ଜମି ସେ ଦେବ ଧାନ। କିନ୍ତୁ ଆମ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଜମି ପଟ୍ଟା କାହାର ପରଲୋକଗତ ବାପା ମାଆଙ୍କ ନାମରେତ କାହାର ଜେଜେବାପା ମାଆଙ୍କ ନାମରେ ରହିଛି। ବୃହତ ଯୌଥ ପରିବାର ହୋଇଥିଲେ କଥା ସରିଲା। ନିଜର ପରିବାର ଓ ସଂପର୍କୀୟ ଖାସ୍ କରି ପୁଅ ଝିଅ, ପୁତୁରା ଝିଆରୀ, ଭଣଜା, ଭାଣିଜୀ ମାନଙ୍କୁ ଏକାଠି କରିବା ଓ ସେମାନଙ୍କ ସମ୍ମତି ନେଇ ଜମିପଟ୍ଟା ଉତ୍ତରାଧିକାରୀଙ୍କୁ ଦେବା ଏତେ ସହଜ ନୁହେଁ। ସାମାନ୍ୟ ଜମି ବିକ୍ରି ପାଇଁ ନିଜର ପରିବାର ଓ ସଂପର୍କୀୟଙ୍କୁ ଏକାଠି କରିବା ପାଇଁ ଅନେକ ପରିବାର ନୟାନ୍ତ ହୋଇଯାଉଛନ୍ତି। ବର୍ତ୍ତମାନ ସ୍ଥିତିରେ ଏହି ଲକ୍ଷ୍ୟ ପୂରଣ ପାଇଁ ଅଧିକ ସମୟ ଲାଗିବା ନିଶ୍ଚିତ।



କିନ୍ତୁ ଏକଥା ସତ ଯେ ପାରିବାରିକ ବାଦ ବିବାଦ ମଧ୍ୟରେ ଆଗକୁ ଅନେକ ପରିବାରରେ ଜମି ଭାଗ ହେବା ଓ ଉତ୍ତରାଧୀକାରୀଙ୍କୁ ପଟ୍ଟା ମିଳିବା ପ୍ରକ୍ରିୟା ଅଧିକ କ୍ରିୟାଶୀଳ ହୋଇପାରିବ। ଉତ୍ତରାଧିକାରୀ ଉଭୟ ଯଦି ସେହି ସ୍ଥାନ ବର୍ଷ ପରେ ବର୍ଷ ଜେଜେ ବାପା କିମ୍ବା ବାପାଙ୍କ ନାମରେ ଥିବା ଜମି ପଟ୍ଟାରେ ଲୋକେ ଧାନ ଦେଇ ଆସୁଛନ୍ତି। ତେଣୁ ଏହି ବ୍ୟବସ୍ଥା ବିରୋଧରେ କିଛି ଜିଲ୍ଲାରେ ଚାଷୀ ପ୍ରତିବାଦ କରିବା ସାମ୍ନାକୁ ଆସିଛି। ଯାହାକୁ ଦେଖି ସରକାର ସ୍ଥିତିର ସମାଧାନ କରିବାକୁ ଯାଇ କହିଛନ୍ତି ଏଗ୍ରିଷ୍ଟାକ୍ ଆଇଡି ବିନା ଚାଷୀ ପୂର୍ବ ଭଳି ଧାନ ଦେଇପାରିବେ।

ତେବେ କଥା ହେଉଛି ମ୍ୟୁଟେସନ୍ ବା ଜମିର ସତ୍ତ୍ୱ ପଟ୍ଟାକୁ ନେଇ। ଯେଉଁଠି ଗୋଟିଏ ଏପରିକି ଦୁଇଟି ପିଢ଼ିର ମୁରବୀଙ୍କ ପରଲୋକ ହୋଇସାରିଛି ସେମାନଙ୍କ ପୁଅ ଝିଅ କି ନାତି ନାତୁଣୀ ପରିବାରର ଜମି ଚାଷ ଓ ଭୋଗ ଦଖଲ କରିଆସୁଛନ୍ତି। ବର୍ତ୍ତମାନ ସ୍ଥିତିରେ ଯଦି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କଥାକୁ ଧ୍ୟାନ ଦିଆଯାଏ ତାହେଲେ ମ୍ୟୁଟେସନକୁ ନେଇ କେତେ ଗୁଡିଏ ଆହ୍ୱାନ ଆଗକୁ ଆସିବ। ଆମ ରାଜ୍ୟରେ ଉପକୂଳ ଓଡ଼ିଶା ଏବଂ ଅନ୍ୟ କେତେକ ଜିଲ୍ଲାକୁ ଛାଡିଦେଲେ ଅପେକ୍ଷାକୃତ ଅସମତଳ ଓ ପାହାଡିଆ ଜିଲ୍ଲା ମାନଙ୍କରେ ଚକବନ୍ଦି ବ୍ୟବସ୍ଥା ସମ୍ଭବ ନୁହେଁ। ଜମିର ବନ୍ଦୋବସ୍ତ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଯାହାକୁ ରାଜସ୍ୱ ବିଭାଗ ତ୍ୱରାନ୍ୱିତ କରିବା ଜରୁରୀ।

କେନ୍ଦ୍ର ସରକାରଙ୍କ DIGITAL AGRICULTURE MISSION ଅଧିନରେ କୃଷକ ମାନଙ୍କୁ ଏକ ୟୁନିକ୍ ଡିଜିଟାଲ ଆଇଡି ଦିଆଯଉଛି। ଯାହାକୁ ସାଧାରଣରେ FARMER ID କୁହାଯାଉଛି। ଫଳରେ ଚାଷୀ ଏହି ପରିଚୟ ପତ୍ର ଓ ନମ୍ବର ଆଧାରରେ ପିଏମ୍ କିଷାନ ଯୋଜନା, ଫସଲ ବୀମା-କୃଷି ସବସିଡି ଓ ଅନ୍ୟାନ୍ୟ ସୁବିଧା ପାଇପାରିବେ। ଖାଲି ସାମ୍ବାଦିକ ସମ୍ମିଳନୀ କିମ୍ବା ବୟାନ ଏହାର ସଫଳ ରୂପାୟନ ପାଇଁ ଯଥେଷ୍ଟ ନୁହେଁ , ପଞ୍ଚାୟତ ଏପରିକି ଗାଁକୁ ଗାଁ ଅଧିକାରୀମାନେ ଯିବା ଆବଶ୍ୟକ। ପୂର୍ବରୁ ଚକବନ୍ଦି କ୍ୟାମ୍ପ କିମ୍ବା ବନ୍ଦୋବସ୍ତ କ୍ୟାମ୍ପ ଭଳି ପ୍ରତ୍ୟକ ପରିବାରକୁ ସାମିଲ କରିବା ଜରୁରୀ ହୋଇଛି। ପୂର୍ବ ପିଢ଼ିଙ୍କ ଜମି ସତ୍ତ୍ୱ ବର୍ତ୍ତମାନର ଉତ୍ତରାଧିକାରୀଙ୍କ ନାମକୁ ହସ୍ତାନ୍ତର କରିବା ପ୍ରକ୍ରିୟାକୁ ସରକାର ଅଧିକ କ୍ରିୟାଶୀଳ କରିବାର ଆବଶ୍ୟକତା ରହିଛି।

ଭଣ୍ଡାରିଡିହା, କେନ୍ଦୁଝର

# ରୁଷୀୟ ତେଲ କ୍ରୟ ନେଇ ଆମେରିକାର ଶୁଳ୍କକୁ ବିରୋଧ

## ଆମେରିକୀୟ କମ୍ପାନି ବର୍ଜନ ପାଇଁ ଆହ୍ୱାନ

## ପ୍ରଯୁକ୍ତି ଓ ସାମାଜିକ ଗଣମାଧ୍ୟମ କମ୍ପାନି ଉପରେ କଟକଣା ଦାବି




ନୂଆଦିଲ୍ଲୀ, ୧୩।୮ : ରୁଷ୍‌ଠାରୁ ଭାରତ ଅଶୋଧିତ ତେଲ କିଣୁଥିବାରୁ ଆମେରିକା ଶୁଳ୍କ ଲଗାଇବାକୁ ନେଇ ଜାତୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍‌) ସହ ଆଦର୍ଶଗତ ଭାବେ ଜଡ଼ିତ ଅର୍ଥନୈତିକ ସଂଗଠନ ସ୍ୱଦେଶୀ ଜାଗରଣ ମଞ୍ଚ (ଏସ୍‌ଜେଏମ୍‌) କଠୋର ପ୍ରତିକ୍ରିୟା ଦେଇଛି। ଆମେରିକୀୟ କମ୍ପାନିଗୁଡ଼ିକୁ ବର୍ଜନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେବା ସହ ଆମେରିକାର ପ୍ରଯୁକ୍ତି ଓ ସାମାଜିକ ଗଣମାଧ୍ୟମ କମ୍ପାନି ଉପରେ ଏକତରଫା କଟକଣା ଲଗାଇବାକୁ ଭାରତ ସରକାରଙ୍କୁ ଏସ୍‌ଜେଏମ୍‌ ଦାବି କରିଛି। ବୁଧବାର ଜାରି ବିବୃତିରେ ସଂଗଠନର ଜାତୀୟ ସହ-ସଂଯୋଜକ ଅଶ୍ୱିନୀ ମହାଜନ ଏହି ଦାବି ରଖିଛନ୍ତି।

ଆମେରିକାର ସିନେଟ୍‌ରେ ଶୁକ୍ରବାର ୮୬-୧୧ ଭୋଟରେ ଏକ ବିଲ୍‌ ଅନୁମୋଦିତ ହୋଇଛି। ରୁଷ୍‌ଠାରୁ ବିପୁଳ ପରିମାଣରେ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଇବାର ଅଧିକାର ଦେବାକୁ ଏଥିରେ ପ୍ରସ୍ତାବ ରହିଛି। ବିଲ୍‌ର ପ୍ରସ୍ତାବକମାନେ ଭାରତକୁ ପାଞ୍ଚଟି ଲକ୍ଷ୍ୟଭୁକ୍ତ ଅର୍ଥନୀତି (ଟାର୍ଗେଟ୍‌ ଇକୋନୋମି) ମଧ୍ୟରୁ ଗୋଟିଏ ଭାବେ ଚିହ୍ନଟ କରିଛନ୍ତି। ତେବେ ଏହି ବିଲ୍‌ ଏଯାଏଁ ସମ୍ପୂର୍ଣ୍ଣ ଆଇନଗତ ପ୍ରକ୍ରିୟା ଶେଷ କରିନାହିଁ ଏବଂ ଶୁଳ୍କ ସ୍ୱତଃ ଲାଗୁ ହେବ ନାହିଁ ବୋଲି ଏସ୍‌ଜେଏମ୍‌ କହିଛି।

ଏସ୍‌ଜେଏମ୍‌ର କହିବା ଅନୁସାରେ, ଭାରତ ରୁଷ୍‌ଠାରୁ ତେଲ କିଣିବାର ନିଷ୍ପତ୍ତି ଦେଶର ଶକ୍ତି ସୁରକ୍ଷା, ତେଲର ଉପଲବ୍ଧତା ଓ ଦର, ତେଲ ଯୋଗାଣର ବିବିଧତା ଏବଂ ଭାରତୀୟ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଆଧାର କରି ନେଇଛି। ତେଣୁ ତୃତୀୟ କୌଣସି ଦେଶ ଭାରତର ଶକ୍ତି ନୀତି ନିର୍ଦ୍ଧାରଣ କରିପାରିବ ନାହିଁ। ଆମେରିକାର ରୁଷ୍‌ ସହ ମତଭେଦ ଥିଲେ ତାହା ନିଜସ୍ୱ ବିଦେଶ ନୀତି ଅନୁସାରେ ସମାଧାନ କରିପାରେ, କିନ୍ତୁ ତାହାର ପ୍ରଭାବ ଭାରତ ଭଳି ସାର୍ବଭୌମ ଦେଶ ଉପରେ ଅର୍ଥନୈତିକ ଚାପ ଭାବେ ପକାଇବା ଠିକ୍‌ ନୁହେଁ ବୋଲି ମହାଜନ କହିଛନ୍ତି।

ଏସ୍‌ଜେଏମ୍‌ ଅଭିଯୋଗ କରିଛି ଯେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭରୁ ଭାରତ ଉପରେ ବିଭିନ୍ନ ପ୍ରକାର ଶୁଳ୍କ ଲଗାଇବାର ଧମକ ଦିଆଯାଉଛି। ରୁଷ୍‌-ୟୁକ୍ରେନ୍‌ ଯୁଦ୍ଧକୁ ନେଇ ପଶ୍ଚିମ ଦେଶଗୁଡ଼ିକ ରୁଷ୍‌ ଉପରେ ଚାପ ବଢ଼ାଇବା ପାଇଁ ତେଲ କ୍ରୟ ଉପରେ କଟକଣାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରୁଛନ୍ତି ବୋଲି ସଂଗଠନ କହିଛି। ଭାରତର ଶକ୍ତି ନୀତି ଦେଶର ଜାତୀୟ ସ୍ୱାର୍ଥ ଅନୁସାରେ ନିର୍ଦ୍ଧାରିତ ହେବା ଉଚିତ ଏବଂ ବାହ୍ୟ ରାଜନୈତିକ ଚାପରେ ଏଥିରେ ପରିବର୍ତ୍ତନ ହେବା ଅନୁଚିତ ବୋଲି ଏସ୍‌ଜେଏମ୍‌ କହିଛି।

ଏହାସହ ଆମାଜନ୍‌, ଫ୍ଲିପ୍‌କାର୍ଟ-ୱାଲ୍‌ମାର୍ଟ ଭଳି ଇ-କମର୍ସ ସଂସ୍ଥାରେ ବିଦେଶୀ ପ୍ରତ୍ୟକ୍ଷ ନିବେଶ ସମ୍ପର୍କିତ ଅନୁମତି ପ୍ରତ୍ୟାହାର କରିବାକୁ ମଧ୍ୟ ଏସ୍‌ଜେଏମ୍‌ ଦାବି କରିଛି। ଭିସା ଓ ମାଷ୍ଟରକାର୍ଡକୁ ଭାରତୀୟ ବଜାରରେ ପୁଣି ପ୍ରବେଶ କରିବାକୁ ଅନୁମତି ନ ଦେବା ସହ ଆମେରିକାର ଶୁଳ୍କ ମାଧ୍ୟମରେ ଭାରତର ରୁଷୀୟ ତେଲ କ୍ରୟ ନୀତିକୁ ପ୍ରଭାବିତ କରିବାର ଯେକୌଣସି ଉଦ୍ୟମକୁ ବିରୋଧ କରିଛି। ଏହି ବିବୃତି ଆର୍‌ଏସ୍‌ଏସ୍‌ ମୁଖ୍ୟ ମୋହନ ଭାଗବତଙ୍କ ଆମେରିକା ଓ କାନାଡା ଗସ୍ତର କିଛି ସପ୍ତାହ ପୂର୍ବରୁ ଆସିଛି।

# ଶୌଚାଳୟରୁ ଷ୍ଟାଫ୍‌ ନର୍ସଙ୍କ ମୃତଦେହ ଉଦ୍ଧାର



କୋଲକାତା, ୧୩।୮ : ପଶ୍ଚିମବଙ୍ଗର କୋଲକାତାର ନୀଳରତନ ସରକାର (ଏନଆରଏସ୍‌) ମେଡିକାଲ କଲେଜ ଏବଂ ହସ୍ପିଟାଲରୁ ଏକ ରହସ୍ୟମୟ ମୃତ୍ୟୁ ଖବର ମିଳିଛି। ବୁଧବାର ରାତିରେ ଡ୍ୟୁଟିରେ ଥିବା ଷ୍ଟାଫ୍‌ ନର୍ସ ରୂପାଲି ବର୍ମନଙ୍କ ମୃତଦେହ ହସ୍ପିଟାଲ ଶୌଚାଳୟରୁ ମିଳିଛି। ଏହାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଛି। ସହକର୍ମୀଙ୍କ କହିବା ଅନୁଯାୟୀ, ନର୍ସ ତାଙ୍କ ରାତି ସିଫ୍ଟ ପାଇଁ ଠିକ୍‌ ସମୟରେ ପହଞ୍ଚିଥିଲେ, କିନ୍ତୁ ଶୌଚାଳୟ ବ୍ୟବହାର କରିବା ପରେ ସେ ଫେରି ନଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ନ ମିଳିବାରୁ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଦ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲା। ମୃତ୍ୟୁର କାରଣ ବର୍ତ୍ତମାନ ଅସ୍ପଷ୍ଟ ଥିବାବେଳେ। ପୁଲିସ କହିଛି ଯେ ତଦନ୍ତ ଚାଲିଛି। ପ୍ରାଥମିକ ତଦନ୍ତ ଅନୁଯାୟୀ, ଷ୍ଟାଫ୍‌ ନର୍ସ ବୁଧବାର ରାତି ପ୍ରାୟ ୮ଟା ସମୟରେ ତାଙ୍କ ରାତ୍ରୀ ସିଫ୍ଟ ପାଇଁ ହସ୍ପିଟାଲରେ ପହଞ୍ଚିଥିଲେ। ତାଙ୍କ ଡ୍ୟୁଟି ସମୟରେ, ସେ ରାତି ୯ ରୁ ୧୦ ଟା ମଧ୍ୟରେ ଶୌଚାଳୟକୁ ଯାଇଥିଲେ। ସହକର୍ମୀମାନେ ପୁଲିସକୁ କହିଥିଲେ, ବହୁ ସମୟ ପରେ ମଧ୍ୟ ଯେତେବେଳେ ସେ ବାହାରକୁ ନ ଆସିନଥିଲେ, ସେମାନେ ଡାକ ପକାଇଥିଲେ। ଭିତରୁ କୌଣସି ଉତ୍ତର ନପାଇବାରୁ ଚିନ୍ତା ବଢ଼ିଯାଇଥିଲା।

## ଟାଟାର ନୂଆ ଅଧ୍ୟକ୍ଷ ସନ୍ଧାନ ପ୍ରକ୍ରିୟା ଆରମ୍ଭ

ମୁମ୍ବାଇ, ୧୩।୮ : ଏକ ଅତ୍ୟନ୍ତ ବିବାଦୀୟ ପରିସ୍ଥିତି ଦେଇ ଟାଟା ଗ୍ରୁପ୍‌ ଗତି କରୁଥିବା ବେଳେ ୧୦ ବର୍ଷ ପୂର୍ବେ ଗ୍ରୁପ୍‌ର ଦାୟିତ୍ୱ ସମ୍ଭାଳିଥିବା ଏନ୍‌ ଚନ୍ଦ୍ରଶେଖରନ ଇସ୍ତଫା ଦେବା ପରେ ତାଙ୍କ ପରେ କିଏ ମୁଖ୍ୟ ହେବେ ତାହାକୁ ନେଇ ବିଚାରବିମର୍ଶ ଆରମ୍ଭ ହୋଇଯାଇଛି। ଟାଟା ଗ୍ରୁପ୍‌କୁ ପରିଚାଳନା କରୁଥିବା ସଂସ୍ଥା ଟାଟା ସନ୍ସରେ ସିଂହଭାଗ ଅଂଶଧନ ରଖିଥିବା ଟାଟା ଟ୍ରଷ୍ଟସ ପକ୍ଷରୁ ନୂଆ ଅଧ୍ୟକ୍ଷ ସନ୍ଧାନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଜଣେ ବ୍ୟକ୍ତିଙ୍କୁ ଅନ୍ତରୀଣ ଅଧ୍ୟକ୍ଷ କରାଯିବ। ଏଥି ସହିତ ଚନ୍ଦ୍ରଶେଖରନଙ୍କ ଉତ୍ତରାଧିକାରୀ ଖୋଜିବା ପାଇଁ ଏକ ଚୟନ କମିଟି ମଧ୍ୟ ଗଠନ କରାଯିବ। କମିଟି ଜଣେ ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ଭାବେ ଚୂଡ଼ାନ୍ତ ନ କରିବା ପର୍ଯ୍ୟନ୍ତ ଅନ୍ତରୀଣ ଅଧ୍ୟକ୍ଷ କମ୍ପାନିର ଦାୟିତ୍ୱ ସମ୍ଭାଳିବେ। ରତନ ଟାଟାଙ୍କ ଦେହାନ୍ତ ପରେ ଟାଟା ସନ୍ସକୁ ଏବେ ତାଙ୍କ ସାବତ ଭାଇ ନୋଏଲ ଟାଟା ସମ୍ଭାଳୁଛନ୍ତି।

## ହ୍ୱାଇଟ୍‌ ହାଉସ୍‌ ଛାଡ଼ିବେ କାରୋଲିନ ଲେଭିଟ୍‌



ୱାଶିଂଟନ୍‌, ୧୩।୮ : ଟ୍ରମ୍ପଙ୍କ ବିଶ୍ୱସ୍ତ ସହଯୋଗୀ କାରୋଲିନ ଲେଭିଟ୍‌ ହ୍ୱାଇଟ୍‌ ହାଉସ୍‌ ପ୍ରେସ୍‌ ସେକ୍ରେଟାରୀ ପଦ ଛାଡ଼ିବେ। ଲେଭିଟ୍‌ ଅଗଷ୍ଟ ମାସ ଶେଷ ସୁଦ୍ଧା ନିଜ ପଦରୁ ଇସ୍ତଫା ଦେବେ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ 'ଟ୍ରୁଥ ସୋସିଆଲ୍‌' ପୋଷ୍ଟ ମାଧ୍ୟମରେ ଏହି ଘୋଷଣା କରିଛନ୍ତି। ୨୮ ବର୍ଷୀୟା କାରୋଲିନ ଲେଭିଟ୍‌ ହ୍ୱାଇଟ୍‌ ହାଉସ୍‌ର ସବୁଠାରୁ କମ୍‌ ବୟସର ପ୍ରେସ୍‌ ସେକ୍ରେଟାରୀ ଭାବେ ପରିଚିତା। ପ୍ରେସ୍‌ ବ୍ରିଫିଂ ସମୟରେ ତାଙ୍କର ତୀକ୍ଷ୍ଣ ଓ ଦ୍ରୁତ ଜବାବ ପାଇଁ ସେ ଚର୍ଚ୍ଚିତ ହୋଇଥିଲେ। ଟ୍ରମ୍ପ ତାଙ୍କ ପୋଷ୍ଟରେ ଲେଭିଟ୍‌ଙ୍କୁ ନିଜର ସବୁଠାରୁ ବିଶ୍ୱସ୍ତ ସହଯୋଗୀମାନଙ୍କ ମଧ୍ୟରୁ ଜଣେ ବୋଲି କହିଛନ୍ତି। ଲେଭିଟ୍‌ଙ୍କ ଏହି ନିଷ୍ପତ୍ତିକୁ ସେ ବୁଝୁଛନ୍ତି ଏବଂ ସମ୍ମାନ କରୁଛନ୍ତି ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି।

## ହଲଦ୍ୱାନୀ ଶୁଦ୍ଧିକରଣ ପ୍ରସଙ୍ଗରେ ବର୍ଷିଲେ ଖଡ଼ଗେ



ନୂଆଦିଲ୍ଲୀ, ୧୩।୮ : କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କ ରାଲି ପରେ ଉତ୍ତରାଖଣ୍ଡର ହଲଦ୍ୱାନୀ ପଡ଼ିଆର ଶୁଦ୍ଧିକରଣ ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଗୁରୁବାର ରାଜ୍ୟସଭାରେ ଖଡ଼ଗେ କହିଛନ୍ତି, ହଲଦ୍ୱାନୀ ରାମଲୀଳା ଗ୍ରାଉଣ୍ଡରେ ତାଙ୍କ ଜନସଭା ପରେ ବିଜେପି ସମର୍ଥକମାନେ ଶୁଦ୍ଧିକରଣ 'ଯଜ୍ଞ' କରିଥିଲେ। ଖଡ଼ଗେ କହିଛନ୍ତି, ତାଙ୍କ ଜନସଭାରେ ଲକ୍ଷାଧିକ ଲୋକ ଯୋଗ ଦେଇଥିଲେ। ସେ କୌଣସି ଧର୍ମ କିମ୍ବା ସମ୍ପ୍ରଦାୟ କଥା ଉଠାଇ ନଥିଲେ। କିନ୍ତୁ ତାଙ୍କ ଭାଷଣ ପରେ, ବିଜେପିର ଲୋକମାନେ ସେହି ମଞ୍ଚରେ 'ଶୁଦ୍ଧିକରଣ' କରିବା ପାଇଁ ସେଠାରେ ଏକ ହବନ କରିଥିଲେ। ଏହା କ'ଣ ଗଣତନ୍ତ୍ରରେ ପ୍ରଚଳନ ହେବା କଥା କି ବୋଲି ଖଡ଼ଗେ ପ୍ରଶ୍ନ କରିବା ସହିତ ଆପଣ ସମ୍ବିଧାନକୁ କିପରି ସୁରକ୍ଷା ଦେଉଛନ୍ତି ବୋଲି କହିଛନ୍ତି।

### ଆର୍‌ଜି କର ଦୁଷ୍କର୍ମ ପୀଡ଼ିତାଙ୍କ ଶବଦାହ ମାମଲା

## ଟିଏମ୍‌ସିର ପୂର୍ବତନ ବିଧାୟକ ଗିରଫ



କୋଲକାତା, ୧୩।୮ : ଅଗଷ୍ଟ ୨୦୨୪ରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଜଣେ ଡାକ୍ତରଙ୍କ ମୃତଦେହକୁ ତରବରିଆ ଭାବେ ଦାହ କରିବା ଘଟଣାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପୂର୍ବତନ ବିଧାୟକ ନିର୍ମଳ ଘୋଷଙ୍କୁ ଗୁରୁବାର ଗିରଫ କରାଯାଇଛି। ତରବରିଆ ଭାବରେ ଶବଦାହ କରାଯିବା ଘଟଣାରେ ବାରାକପୁର କମିସନରେଟ୍‌ ପୁଲିସ ଦ୍ୱାରା ପଞ୍ଜିକୃତ ଏତଲାରେ ଘୋଷ ଓ ଅନ୍ୟ ଦୁଇଜଣଙ୍କ ନାମ ଉଲ୍ଲେଖ କରାଯାଇଛି। ଅନ୍ୟ ଦୁଇ ଜଣ ହେଉଛନ୍ତି ପାନିହାଟି ପୌରପାଳିକାର କାଉନସିଲର ସୋମନାଥ ଦେ ଓ ପୀଡିତ ପରିବାରର ପଡ଼ୋଶୀ ସଞ୍ଜୀବ ମୁଖାର୍ଜୀ।

## ୩ ଆମ୍‌ ଆଦମୀ ପାର୍ଟି କର୍ମୀଙ୍କ ମୃତ୍ୟୁ

ଚଣ୍ଡିଗଡ଼, ୧୩।୮ : ବୁଧବାର-ଗୁରୁବାର ରାତି ପ୍ରାୟ ୧ : ୧୫ ସମୟରେ ରାଇକୋଟ-ଜାଗରାଓଁ ରୋଡର ବାସିଆନ ଗ୍ରାମ ନିକଟରେ ଏକ ଦ୍ରୁତଗାମୀ କାର ନିୟନ୍ତ୍ରଣ ହରାଇ ପାଣି ଭର୍ତ୍ତି ପୋଖରୀରେ ବୁଡ଼ି ଯାଇଛି। କାରରେ ଥିବା ପାଞ୍ଚ ଜଣଙ୍କ ମଧ୍ୟରୁ ତିନି ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଅଳ୍ପକେ ବଞ୍ଚି ଯାଇଛନ୍ତି। ମୃତକଙ୍କ ନାମ ବଲକାର ସିଂହ, ବିଶାଲ ଏବଂ ସନ୍ଦୀପ। ଏହି ତିନି ଜଣ ଆମ୍‌ ଆଦମୀ ପାର୍ଟି କର୍ମୀ। ମୃତକମାନେ ପଞ୍ଜାବ ଅର୍ଥମନ୍ତ୍ରୀ ହରପାଲ ସିଂହ ଚିମାଙ୍କ ଘନିଷ୍ଠ ସହଯୋଗୀ ଥିଲେ। ରିପୋର୍ଟ ଅନୁସାରେ, ପାଞ୍ଚ ଜଣ ବ୍ୟକ୍ତି ନାକୋଦରରେ ଏକ ପାର୍ଟି ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗ ଦିବାକୁ କାରରେ ଫେରୁଥିଲେ। ବାସିଆନ ନିକଟସ୍ଥ ଏକ ମୋଡ଼ରେ, ଦ୍ରୁତ ଗତିରେ ଆସୁଥିବା କାରଟି ଏକ ବସ୍‌ ସହ ଧକ୍କା ହୋଇ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଏକ ପୋଖରୀରେ ଖସି ପଡ଼ିଥିଲା।



### ଭାରତରେ ଅଶାନ୍ତି ସୃଷ୍ଟି ଅଭିଯୋଗ

## କର୍ଣ୍ଣାଟକ ଚା ଦୋକାନୀ ଗିରଫ



ବେଙ୍ଗାଲୁରୁ, ୧୩।୮ : କର୍ଣ୍ଣାଟକର ରାଇଚୁରରେ ପୁଲିସ ମହମ୍ମଦ ସାହିଲ ନାମକ ଜଣେ ୨୪ ବର୍ଷୀୟ ଚା ଦୋକାନୀକୁ ଗିରଫ କରିଛି। ପୁଲିସ ଜାଣିବାକୁ ପାଇଛି ଯେ, ସାହିଲ 'ରାଣା ଭାଇ' ନାମରେ ସୋସିଆଲ ମିଡିଆ ଆକାଉଣ୍ଟ ପରିଚାଳନା କରୁଥିବା ଜଣେ ବିଦେଶୀ ବ୍ୟକ୍ତିଙ୍କ ସହିତ ସମ୍ପର୍କରେ ଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ସାହିଲକୁ ପ୍ରୋତ୍ସାହିତ କରୁଥିଲେ ଓ ଏଥିପାଇଁ ଟଙ୍କା ଓ ଏକ ପିସ୍ତଲ ଦେଇଥିଲା। ପୁଲିସର ସୋସିଆଲ ମିଡିଆ ମନିଟରିଂ ସେଲ୍‌ ସାହିଲର ଅନଲାଇନ୍‌ କାର୍ଯ୍ୟକଳାପକୁ ଚିହ୍ନଟ କରିବା ପରେ ତାକୁ ଗିରଫ କରିଥିଲା। କର୍ତ୍ତୃପକ୍ଷ କହିଛନ୍ତି ଯେ, ସାହିଲ 'ରାଣା ଭାଇ' ନାମକ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ଅନୁସରଣ କରୁଥିଲା ଓ ତାଙ୍କ ସହିତ ଯୋଗାଯୋଗରେ ଥିଲା। ରୁଜୁ ହୋଇଥିବା ଏତଲା ଅନୁଯାୟୀ, ସାହିଲ ୧୪ ଜୁଲାଇରେ ତାଙ୍କ ପ୍ରୋଫାଇଲ୍‌ ସାହିଲ ଭାଇ ବ୍ୟବହାର କରି ଇନଷ୍ଟାଗ୍ରାମ ଆକାଉଣ୍ଟ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରିଥିଲା। ପ୍ରାରମ୍ଭିକ କଥାବାର୍ତ୍ତା ପରେ ସେ ଆକାଉଣ୍ଟ ପଛରେ ଥିବା ବ୍ୟକ୍ତିଙ୍କୁ ତାଙ୍କ ପାଇଁ ଏକ ପିସ୍ତଲ ବ୍ୟବସ୍ଥା କରିପାରିବେ କି ବୋଲି ପଚାରିଥିଲେ।

## ଜାତିସଂଘର ଦୁଇ ସଦସ୍ୟଙ୍କୁ ଅଟକ

ନ୍ୟୁୟର୍କ, ୧୩।୮ : ଜାତିସଂଘ କହିଛି ଯେ, ଆଫଗାନିସ୍ତାନର ତାଲିବାନ ଶାସକ ଦେଶରେ ରାଜନୈତିକ ମିସନର ଦୁଇ ଜଣ ଆଫଗାନ ସଦସ୍ୟଙ୍କୁ ଅଟକ ରଖିଛନ୍ତି। ଏହି ଗିରଫଦାରୀ କିଛି ଦିନ ପୂର୍ବରୁ ହୋଇଥିଲା। ସେମାନଙ୍କ ବିଷୟରେ କୌଣସି ସୂଚନା ମିଳିନାହିଁ। ଜାତିସଂଘ ପକ୍ଷରୁ ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରାଯାଇଛି। ଜାତିସଂଘର ଉପପ୍ରବକ୍ତା ଫରହାନ ହକ୍‌ ସାମ୍ବାଦିକମାନଙ୍କୁ କହିଛନ୍ତି, ତାଲିବାନର ଜେନେରାଲ ଡାଇରେକ୍ଟରେଟ୍‌ ଅଫ୍‌ ଇଣ୍ଟେଲିଜେନ୍ସ ରବିବାର ଦିନ ହେରାତ ସହରରେ ଦୁଇ କର୍ମଚାରୀଙ୍କୁ ନିଜ ହେପାଜତକୁ ନେଇଛି। ସେ କହିଛନ୍ତି ଯେ ଜାତିସଂଘ ମିଶନକୁ ଦୁଇ ଜଣଙ୍କ ବିରୋଧରେ ହୋଇଥିବା ଅଭିଯୋଗ ବିଷୟରେ ଅବଗତ କରାଯାଇ ନାହିଁ। ସେମାନଙ୍କ ସହିତ କାହାକୁ ସାକ୍ଷାତ କରିବାକୁ ଦିଆଯାଉନାହିଁ।

### ଝାଡ଼ଖଣ୍ଡ ବିଧାନସଭା ଘେରାଉ

## ୬୦୦ ଛାତ୍ରଙ୍କ ବିରୋଧରେ ମାମଲା



ରାଞ୍ଚି, ୧୩।୮ : ଝାଡ଼ଖଣ୍ଡରେ ସରକାରୀ ନିଯୁକ୍ତି ପରୀକ୍ଷା ଅନିୟମିତତାକୁ ନେଇ ଚାଲିଥିବା ଛାତ୍ର ଆନ୍ଦୋଳନ ଆହୁରି ତୀବ୍ର ରୂପ ନେଇଛି। ବିଧାନସଭା ମାର୍ଚ୍ଚ ସମୟରେ ଘଟିଥିବା ହିଂସାତ୍ମକ ପରିସ୍ଥିତିକୁ ନେଇ ପୁଲିସ ୧୦୦ ଜଣ ନାମିତ ଏବଂ ୫୦୦ ଜଣ ଅଜ୍ଞାତଙ୍କ ସମେତ ମୋଟ ୬୦୦ ଜଣ ଆନ୍ଦୋଳନକାରୀ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗୁରୁବାର ୨୦ ଦିନରେ ପହଞ୍ଚିଥିବା ଏହି ଆନ୍ଦୋଳନ ରାଞ୍ଚିର ଜୟପାଳ ସିଂହ ମୁଣ୍ଡା ଷ୍ଟାଡିୟମ୍‌ରେ ଜାରି ରହିଛି। ପରୀକ୍ଷାରେ ସ୍ୱଚ୍ଛତା, ବିବାଦୀୟ ପରୀକ୍ଷା ବାତିଲ ଏବଂ ରାଜ୍ୟ ବାହାରର ବିଚାରପତି କିମ୍ବା ସିବିଆଇ ଦ୍ୱାରା ନିରପେକ୍ଷ ତଦନ୍ତ ଦାବିରେ ଛାତ୍ରମାନେ ଅଡ଼ବସିଛନ୍ତି। ଗତ ସୋମବାର ବିଧାନସଭା ଘେରାଉ ବେଳେ ପୁଲିସର ଲାଠିଚାଳନା, ୱାଟର କାନନ୍‌ ଏବଂ ଲୁହବୁହା ଗ୍ୟାସ୍‌ ପ୍ରୟୋଗକୁ ନେଇ ସମଗ୍ର ରାଜ୍ୟରେ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ବିଜେପି ହେମନ୍ତ ସୋରେନ୍‌ ସରକାରଙ୍କ ଉପରେ ଦମନଲୀଳାର ଅଭିଯୋଗ ଆଣିଥିବା ବେଳେ କଂଗ୍ରେସ ପଲଟା ଅଭିଯୋଗ କରିଛି ଯେ ବିଜେପି ରାଜ୍ୟ ବାହାରୁ ଲୋକ ଆଣି ଛାତ୍ର ଆନ୍ଦୋଳନକୁ ହାଇଜ୍ୟାକ୍‌ ଓ ରାଜନେତିକରଣ କରୁଛି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ ୧୪ତମ ଜେପିଏସସି ପରୀକ୍ଷା ବାତିଲ କରିବାକୁ ଆଶ୍ୱାସନା ଦେବା ସହ ପରୀକ୍ଷା ସଂସ୍କାର ପାଇଁ ସରକାର ବଦ୍ଧପରିକର ବୋଲି ସ୍ପଷ୍ଟ କରିଛନ୍ତି। ତେବେ ସରକାର ଓ ଛାତ୍ର ପ୍ରତିନିଧିଙ୍କ ମଧ୍ୟରେ ୬ ଥର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ।

# ଲାଲକିଲ୍ଲା ଆକ୍ରମଣର ଷଡ଼ଯନ୍ତ୍ର ରଚିଥିଲା ଅଲ୍‌-କାଏଦା



ନୂଆଦିଲ୍ଲୀ, ୧୩।୮ : ନଭେମ୍ବର ୨୦୨୫ରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ପାଇଁ ଅଲ୍‌-କାଏଦାକୁ ଦାୟୀ କରାଯାଇଛି। ଜାତିସଂଘ ସୁରକ୍ଷା ପରିଷଦ ପର୍ଯ୍ୟବେକ୍ଷଣ ସଂସ୍ଥାର ସଦ୍ୟତମ ରିପୋର୍ଟରେ ଏହି ସୂଚନା ସାମ୍ନାକୁ ଆସିଛି। ଫଳରେ ଏହି ଘାତକ ଆକ୍ରମଣର ଭାରତରେ ଚାଲିଥିବା ତଦନ୍ତକୁ ଏକ ଅନ୍ତର୍ଜାତୀୟ ଦିଗ ଦେଇଛି। ସୁରକ୍ଷା ପରିଷଦର ୧୨୬୭ ପ୍ରତିବନ୍ଧକ କମିଟିର ପର୍ଯ୍ୟବେକ୍ଷଣ ଦଳ କହିଛି, ଛୋଟ ଛୋଟ ସେଲ୍‌ଙ୍କ ନେଟୱାର୍କ ଦ୍ୱାରା ଷଡ଼ଯନ୍ତ୍ର ରଚାଯାଇଥିଲା। ରିପୋର୍ଟରେ ଆଫଗାନିସ୍ତାନରେ ଅଲ୍‌-କାଏଦାର ଉପସ୍ଥିତି ଏବଂ ବାଂଲାଦେଶରେ ଏହାର କାର୍ଯ୍ୟକଳାପ ବିସ୍ତାର କରିବାର ପ୍ରୟାସ ନେଇ ମଧ୍ୟ ଚିନ୍ତା ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଅଲ୍‌-କାଏଦା ସଦସ୍ୟମାନେ କାବୁଲରେ ରହି ସେମାନଙ୍କର କାର୍ଯ୍ୟକଳାପ ଜାରି ରଖିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଲାଲକିଲ୍ଲା ଆତଙ୍କବାଦୀ ଆକ୍ରମଣରେ ଜଡିତ ଅଲ୍‌-କାଏଦା ଏବେ ଏକ ବଡ଼, ସଂଗଠିତ ଗୋଷ୍ଠୀ ଭାବରେ ନୁହେଁ ବରଂ ଛୋଟ ସେଲ୍‌, ଲଜିଷ୍ଟିକ୍ସ ଏବଂ ଆର୍ଥିକ ନେଟୱାର୍କ ମାଧ୍ୟମରେ ଏହାର କାର୍ଯ୍ୟକଳାପକୁ ବିସ୍ତାର କରୁଛି। ଜାତିସଂଘ ଏହା ମଧ୍ୟ କହିଛି ଯେ ଅଲ-କାଏଦା ଏବେ ବାଂଲାଦେଶ ମାଧ୍ୟମରେ ଭାରତରେ ପାଦ ରଖିବାକୁ ଚେଷ୍ଟା କରୁଛି।

# ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀଙ୍କୁ ଖଣ୍ଡାରେ ଆକ୍ରମଣ



ମୁମ୍ବାଇ, ୧୩।୮ : ଶିରୋମଣି ଅକାଳୀ ଦଳର ବରିଷ୍ଠ ନେତା ତଥା ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରକୁ ଆକ୍ରମଣ ଉଦ୍ୟମ ହୋଇଛି। ଗୁରୁବାର ମହାରାଷ୍ଟ୍ରର ନାନ୍ଦେଡ଼ ସହର ଉପକଣ୍ଠରେ ଥିବା ମାତା ସାହିବ ଗୁରୁଦ୍ୱାର ନିକଟରେ ଜଣେ ନିହଙ୍ଗ ଶିଖ୍‌ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ବାଦଲଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଛି। ଏହା ପୂର୍ବରୁ ସକାଳେ ସେ ନିଜ ପରିବାର ସହିତ ତଖତ ଶ୍ରୀ ପାଟନା ସାହିବ ଦର୍ଶନ କରିଥିଲେ।

ମିଳିଥିବା ସୂଚନା ଅନୁସାରେ, ସୁଖବୀର ସିଂହ ବାଦଲ ପରିବାର ସହ ଗୁରୁଦ୍ୱାର ମାତା ସାହିବ କୌର ଦର୍ଶନ କରିବାକୁ ଯାଇଥିଲେ। ଏହି ସମୟରେ ଜଣେ ନିହଙ୍ଗ ଶିଖ କୃପାଣ ସାହାଯ୍ୟରେ ତାଙ୍କ ଉପରକୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବାଦଲଙ୍କ ବାମ ହାତରେ ଆଘାତ ଲାଗିଛି। ତେବେ ଏହି ଆଘାତ କେତେ ବଡ଼ ସେନେଇ କୌଣସି ଆନୁଷ୍ଠାନିକ ସୂଚନା ମିଳିପାରି ନାହିଁ। ଆକ୍ରମଣ ପଛର କାରଣ ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ଆକ୍ରମଣକାରୀଙ୍କୁ ଖୋଜିବା ଆରମ୍ଭ କରିଛି ଏବଂ ଏହି ମାମଲାରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ଏୟାର ଇଣ୍ଡିଆକୁ ଚେତାବନୀ

## ସୁରକ୍ଷା ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ




ନୂଆଦିଲ୍ଲୀ, ୧୩।୮ : ଏୟାର ଇଣ୍ଡିଆ ବିମାନର ପରିଚାଳନାଗତ ତ୍ରୁଟି ଓ କ୍ରମାଗତ ସୁରକ୍ଷା ସମସ୍ୟାକୁ ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅତ୍ୟନ୍ତ ଗମ୍ଭୀର ଆଭିମୁଖ୍ୟ ଗ୍ରହଣ କରିଛି। ବିମାନ ଚଳାଚଳର ସୁରକ୍ଷା ନିଶ୍ଚିତ କରିବା ଓ କାର୍ଯ୍ୟପ୍ରଣାଳୀ ଉପରେ କଡ଼ା ନଜର ରଖିବା ପାଇଁ ସରକାର ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେବା ସହ କଡ଼ା ଚେତାବନୀ ଦେଇଛନ୍ତି। ଏହାସହିତ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଡ୍ରଗ୍‌ ଟେଷ୍ଟିଂ ନିୟମରେ ତୁରନ୍ତ ସଂଶୋଧନ କରିବା ଏବଂ ବାଧ୍ୟତାମୂଳକ ପରୀକ୍ଷା ପରିସରକୁ ବୃଦ୍ଧି କରିବାକୁ କୁହାଯାଇଛି।

ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରକୃତ କୋକେନ୍‌ କିମ୍ବା ଅନ୍ୟାନ୍ୟ ମାରାତ୍ମକ ଡ୍ରଗ୍ସ ଗ୍ରହଣ କରି ଧରାପଡୁଥିବା କର୍ମଚାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବ, ଯେଉଁଠାରେ ଔଷଧ ସେବନ ହେତୁ ପଜିଟିଭ୍‌ ଆସୁଥିବା ବ୍ୟକ୍ତିଙ୍କୁ ସୁଯୋଗ ପ୍ରଦାନ କରାଯିବ। ଗତ ଅଗଷ୍ଟ ୪ ତାରିଖରେ ୧୪୫ ଜଣ ଯାତ୍ରୀ ଓ କ୍ରିୟୁ ସଦସ୍ୟଙ୍କୁ ନେଇ ଫୁକେଟରୁ ଦିଲ୍ଲୀ ଆସୁଥିବା ଏଆଇ୨୩୭୯ ବିମାନ ଆକାଶମାର୍ଗରେ ହଠାତ୍‌ ଜରୁରୀକାଳୀନ ପରିସ୍ଥିତିର ସାମ୍ନା କରିଥିଲା। ଏହି ସମୟରେ ବିମାନର ହାଇଡ୍ରୋଲିକ୍ସ ସିଷ୍ଟମ୍‌, କବାଟ ଏବଂ ଆଲଟିଚ୍ୟୁଡ୍‌ ନିୟନ୍ତ୍ରଣ କରୁଥିବା ଏଲିଭେଟରକୁ ନେଇ ଏକାଧିକ ଚେତାବନୀ ସିଗ୍ନାଲ୍‌ ମିଳିଥିଲା ଏବଂ ଅଟୋପାଇଲଟ୍‌ ମଧ୍ୟ ବନ୍ଦ ହୋଇଯାଇଥିଲା। ବିମାନଟି ହଠାତ୍‌ ତଳକୁ ଖସିପଡ଼ିବାରୁ ଅନେକ ଯାତ୍ରୀ ଓ କ୍ରିୟୁ ସଦସ୍ୟ ଆହତ ହୋଇଥିଲେ। ତେବେ କୋ-ପାଇଲଟଙ୍କ ସୂଚନା ଓ ଧୈର୍ଯ୍ୟ ଯୋଗୁଁ ବିମାନଟି ସୁରକ୍ଷିତ ଭାବେ ଦିଲ୍ଲୀରେ ଅବତରଣ କରିପାରିଥିଲା।

# ୨ ହଜାର ବର୍ଷ ପରେ ବିଶ୍ୱରେ କେବଳ ରୋବୋଟ୍‌ ଥିବେ




ଟାଇମ୍‌ ଟ୍ରାଭେଲରଙ୍କ ବିସ୍ମୟକର ଦାବି

ନୂଆଦିଲ୍ଲୀ, ୧୩।୮ : କଳ୍ପନା କରନ୍ତୁ... ଆପଣ ହଠାତ୍‌ ୨୩୮୭ ବର୍ଷ ଆଗକୁ ଚାଲିଗଲେ। ଆପଣ ପହଞ୍ଚିଲେ ୪୪୧୩ ମସିହାରେ। କିନ୍ତୁ ସେଠାରେ ମଣିଷ କେଉଁଠି ନାହାନ୍ତି। ସହର ଅଛି, ଅତ୍ୟାଧୁନିକ ପ୍ରଯୁକ୍ତି ଅଛି, ଆକାଶରେ ଉଡୁଛି ଗାଡ଼ି, କିନ୍ତୁ ମଣିଷଙ୍କ ସ୍ଥାନ ନେଇସାରିଛି ମେସିନ୍‌ ଓ ରୋବୋଟ୍‌। ଏଭଳି ଏକ ଚମକାଇଦେବା ଦାବି କରିଛନ୍ତି ଜଣେ 'ଟାଇମ୍‌ ଟ୍ରାଭେଲର୍‌'। ତାଙ୍କ କାହାଣୀ ଦିନେ ଇଣ୍ଟରନେଟ୍‌ରେ ଭାଇରାଲ୍‌ ହୋଇଥିଲା। ୪୪୧୩ ମସିହାକୁ ଯାଇଥିବା ଦାବି କରୁଥିବା ଏହି ବ୍ୟକ୍ତି ନିଜକୁ ଲିସେଷ୍ଟରର ଲୁଇସ୍‌ ୱାକର୍‌ ବୋଲି ପରିଚୟ ଦେଇଛନ୍ତି।

ୱାକର ଦାବି କରନ୍ତି ଯେ ୧୯୭୭ ମସିହାରେ ସେ ବ୍ରିଟିଶ ପ୍ରତିରକ୍ଷା ମନ୍ତ୍ରଣାଳୟରେ କାମ କରୁଥିଲେ। ତାଙ୍କ ବାପା ସେଠାରେ ଏକ ଚାକିରି ବ୍ୟବସ୍ଥା କରିଥିଲେ। ଧୀରେ ଧୀରେ, ସେ ଗୁପ୍ତ ସୂଚନା ପାଇଲେ। ଦିନେ ତାଙ୍କୁ ଏକ କୋଠରୀକୁ ଡକାଗଲା ଯେଉଁଠାରେ ବୈଜ୍ଞାନିକମାନେ ଘୋଷଣା କଲେ ଯେ ସେମାନେ 'ଟାଇମ୍‌ ଟ୍ରାଭେଲ' ବା 'ସମୟକୁ ଯାତ୍ରା' କରି ପାରୁଥିବା ଟେକ୍ନୋଲୋଜିର ବିକଶିତ କରିଛନ୍ତି। ସେମାନେ ତାଙ୍କୁ ୬୦୦ ବର୍ଷ ଆଗକୁ ପଠାଇବାକୁ ଚାହୁଁଥିଲେ। ଏହା ବଦଳରେ ୨.୫ ଲକ୍ଷ ପାଉଣ୍ଡ ଦିଆଯିବ ବୋଲି ଅଫର ଦିଆଯାଇଥିଲା। ସଫଳତାର ସମ୍ଭାବନା କେବଳ ୫୦ ପ୍ରତିଶତ। ଯଦି ସେ ବିଫଳ ହୁଅନ୍ତି, ତେବେ ସେ ମହାକାଶ-ସମୟରେ ହଜି ଯାଇପାରନ୍ତି କିମ୍ବା କେଉଁଠି ବି ଫସି ଯାଇପାରନ୍ତି। ଅର୍ଥର ଆବଶ୍ୟକତା ଥିବାରୁ ୱାକର ରାଜି ହୋଇଯାଇଥିଲେ। ଆଗକୁ ଯାହା ହୋଇଥିଲା ତାହା ସମସ୍ତଙ୍କୁ ଚକିତ କରିଦେଇଥିଲା। ୱାକରଙ୍କ ଅନୁସାରେ, ସେହି ରାତିରେ ଏକ ହେଲିକପ୍ଟର ତାଙ୍କୁ ଇଂରାଜୀ ଚ୍ୟାନେଲ ତଳେ ଅବସ୍ଥିତ ଏକ ଗୁପ୍ତ ଘାଟିକୁ ନେଇଯାଇଥିଲା। ସେଠାରେ ପହଞ୍ଚିବା ପାଇଁ ଗୋଟିଏ ଅଦ୍ଭୁତ ଦେଖା ଯାଉଥିବା ବିଲ୍ଡିଂ, ଲମ୍ବା ସିଡ଼ି ଏବଂ ଭୂତଳ ସୁଡ଼ଙ୍ଗ ଦେଇ ଯିବାକୁ ପଡ଼ିଥିଲା। ସେ ଦାବି କରିଥିଲେ ଯେ ସେଠାରେ ଟେଲିପୋର୍ଟେସନ୍‌ ଏବଂ ମାଇଣ୍ଡ ରିଡିଂ ଭଳି ଅଜଣା ଉପକରଣ ଥିଲା। ଟାଇମ୍‌ ମେସିନ୍‌ ଏକ ବଡ଼, ତ୍ରିକୋଣୀୟ ଗଠନ ଥିଲା, ଯେଉଁଥିରେ ତାର ଲାଗିଥିଲା। ଏଥିରେ ଜଣେ ବ୍ୟକ୍ତି ବସିପାରିବେ। ତାଙ୍କୁ ଏକ ବିକିରଣ ସୁରକ୍ଷା ସୁଟ୍‌ ପିନ୍ଧାଇ ମେସିନ୍‌ ଭିତରେ ରଖାଯାଇଥିଲା। ଜୋରରେ ଏକ ଶବ୍ଦ ହୋଇଥିଲା, ଏବଂ ସବୁକିଛି ଧଳା ହୋଇଯାଇଥିଲା। ଯେତେବେଳେ ସେ ଉଠିଲେ, ସେ ଏକ ଖାଲି ହସ୍ପିଟାଲରେ ଥିଲେ। କୌଣସି ରୋବୋଟିକ୍‌ ସ୍ୱରରେ ତାଙ୍କର ନିଦ ଭାଙ୍ଗିଲା। ସେ କହିଲେ ଏହା ହେଉଛି ୪୪୧୩ ମସିହା। ହସ୍ପିଟାଲରୁ ବାହାରିବା ପରେ, ସେ ରାସ୍ତାରେ ଉଡ଼ନ୍ତା କାର ଏବଂ ମଣିଷ ପରି ରୋବୋଟ୍‌ ଦେଖିଲେ। ମଣିଷ ପ୍ରାୟ ଅସ୍ତିତ୍ୱହୀନ ଥିଲେ। ସେ ଜଣେ ବ୍ୟକ୍ତିଙ୍କୁ ଭେଟିଲେ ଯିଏ ୨୦୩୦ ରୁ ନିଜକୁ ଟାଇମ ଟ୍ରାଭେଲର ବୋଲି ଦାବି କରିଥିଲେ। ସେ କହିଥିଲେ ଯେ ୨୦୨୮ରେ 'ଟାଇମ୍‌ ଟ୍ରଭେଲ' ସାର୍ବଜନୀନ ହେବ, ଏବଂ ୪୪୧୩ ରେ ଟାଇମ୍‌ ଟ୍ରାଭେଲ ଲୋକପ୍ରିୟ ଗନ୍ତବ୍ୟସ୍ଥଳ ଥିଲା। ମଣିଷ ବହୁ ପୂର୍ବରୁ ଟେକ୍ନୋଲୋଜି ସହିତ ସହିତ ମିଶିଯାଇଥିଲା, ଆଉ ଏବେ କେବଳ ରୋବୋଟ୍‌ ଅଛନ୍ତି।

ୱାକର ସେଠାରେ କିଛି ସମୟ ବିତାଇଥିଲେ, ସେ ଏକ ରୋବଟ୍‌ ସହ କଥା ହୋଇଥିଲେ, ଯାହାକୁ ସେ ଖୁବ୍‌ ଦୟାଳୁ ଏବଂ ବୁଦ୍ଧିମାନ ବୋଲି କହିଛନ୍ତି। କରୁଥିଲେ। ତା'ପରେ ତାଙ୍କୁ ୧୯୭୭ କୁ ଫେରାଇ ଦିଆଯାଇଥିଲା। ସେ ୨୦୧୮ ରେ ଏକ ୟୁଟ୍ୟୁବ୍‌ ଚ୍ୟାନେଲରେ ଏହି କାହାଣୀ ବର୍ଣ୍ଣନା କରିଥିଲେ, ତାଙ୍କ ମୁହଁ ଝାପ୍ସା ଥିଲା। ଏହି ଦାବି ଗତ କିଛି ମାସ ମଧ୍ୟରେ ଅନେକ ଗଣମାଧ୍ୟମରେ ପୁନର୍ବାର ପ୍ରକାଶ ପାଇଛି।



ବିଶିଷ୍ଟ ଶିଳ୍ପପତି କରଣ ଆଦାନୀ ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନାରତ।

● ନିଶ୍ଚିନ୍ତକୋଇଲି ଗଣଦୁଷ୍କର୍ମ ଘଟଣା

## ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳର ଘଟଣାସ୍ଥଳ ପରିଦର୍ଶନ



କଟକ, ୧୩।୮ (ସଂଚାର ବ୍ୟୁରୋ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲିରେ ଘଟିଥିବା ଗଣଦୁଷ୍କର୍ମ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ପ୍ରତିନିଧି ଦଳ ନିଶ୍ଚିନ୍ତକୋଇଲି ଥାନାର ଆଇଆଇସି ଓ ଏସଡିପିଓଙ୍କ ସହ ଆଲୋଚନା କରି ତଦନ୍ତର ଅଗ୍ରଗତି, ଅଭିଯୁକ୍ତଙ୍କ ବିରୋଧରେ ନିଆଯାଇଥିବା ପଦକ୍ଷେପ ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ସମ୍ପର୍କରେ ବିସ୍ତୃତ ସୂଚନା ସଂଗ୍ରହ କରିଥିଲେ। ପରିଦର୍ଶନ ପରେ ତଥ୍ୟ ଅନୁସନ୍ଧାନକାରୀ ଦଳ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିକଟରେ ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଦଳରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା ପ୍ରମୁଖ ସାମିଲ୍ ଥିଲେ।

## ମୁଖ୍ୟ ନିର୍ମାଣଯନ୍ତ୍ରୀଙ୍କ କାର୍ଯ୍ୟରେ ଯୋଗଦାନ



କଟକ, ୧୩।୮ (ସଂଚାର ବ୍ୟୁରୋ): ରାଜ୍ୟ ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା କଟକ ଆର୍ ଆଣ୍ଡ ବି ସର୍କଲର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭାବେ ଇଂ ବିରଞ୍ଚି ନାରାୟଣ ପଣ୍ଡା ଯୋଗଦାନ କରିଛନ୍ତି। ଏଠାରେ ପୂର୍ବରୁ ଥିବା ଯନ୍ତ୍ରୀ ତ୍ରିନାଥ ବେହେରା ପଦୋନ୍ନତି ପାଇ ମୁଖ୍ୟ ଯନ୍ତ୍ରୀ ଭାବେ ଭୁବନେଶ୍ୱରକୁ ବଦଳି ହୋଇ ଯିବା ପରେ ଇଂ ପଣ୍ଡାଙ୍କୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ କଟକ ସର୍କଲକୁ ବଦଳି କରାଯାଇଥିଲା। ଦାୟିତ୍ୱ ନେବା ପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ମଙ୍ଗଳପ୍ରସାଦ ସହକାରୀ ସରକାରୀ ନିର୍ବାହୀ ଯନ୍ତ୍ରୀ ବିମଳ ଦାସ ପ୍ରମୁଖଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି।

## ସ୍ୱାଧୀନତା ଦିବସରେ ବ୍ରାସ୍ ବ୍ୟାଣ୍ଡ ପରିବେଷଣ

କଟକ, ୧୩।୮ (ସଂଚାର ବ୍ୟୁରୋ): ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମକୁ ସ୍ମରଣ କରିବା ସହ ଯୁବପିଢ଼ି ମଧ୍ୟରେ ଦେଶପ୍ରେମ, ଏକତା ଓ ଜାତୀୟ ଗର୍ବର ଭାବନା ସୃଷ୍ଟି ଉଦ୍ଦେଶ୍ୟରେ ଆସନ୍ତା ସ୍ୱାଧୀନତା ଦିବସ ଅବସରରେ କଟକ ସହରର ତିନିଟି ପ୍ରମୁଖ ଐତିହାସିକ ସ୍ଥଳରେ ସିଆଇଏସଏଫ ବ୍ରାସ୍ ବ୍ୟାଣ୍ଡ ଟିମ୍ ପକ୍ଷରୁ ବିଶେଷ ସଙ୍ଗୀତ ପରିବେଷଣ କରାଯିବ। ୧୫ ଅଗଷ୍ଟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବାରବାଟୀ ଦୁର୍ଗଠାରେ ପୂର୍ବାହ୍ନ ୧୦.୩୦ ରୁ ୧୧.୦୦ଟା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସ୍ମୃତିସ୍ଥଳରେ ପୂର୍ବାହ୍ନ ୧୧.୪୫ ରୁ ୧୨.୧୫, ସ୍ୱରାଜ ଆଶ୍ରମଠାରେ ଅପରାହ୍ନ ୧.୦୦ ରୁ ୧.୩୦ ପର୍ଯ୍ୟନ୍ତ ସଙ୍ଗୀତ ପରିବେଷଣ କରାଯିବ। ଦେଶର ସ୍ୱାଧୀନତା ପାଇଁ ଅମୂଲ୍ୟ ତ୍ୟାଗ ଓ ବଳିଦାନ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନୂତନ ପିଢ଼ିକୁ ଦେଶର ଗୌରବମୟ ଇତିହାସ ସହ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

## ଆଠଗଡ଼ ସାମ୍ବାଦିକ ସଂଘ ନୂତନ କାର୍ଯ୍ୟାଳୟ ଉଦ୍ଘାଟିତ



କଟକ, ୧୩।୮(ସଂଚାର ବ୍ୟୁରୋ): ଆଠଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ବାଙ୍କେଶ୍ୱରପୁରଠାରେ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଗୃହର ଉଦଘାଟନ କରାଯାଇଛି। ଉଦଘାଟନ ଅବସରରେ ଆଠଗଡ଼ ସାମ୍ବାଦିକ ସଂଘର ସଭାପତି ଅର୍ଦ୍ଧେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ମୁଖ୍ୟବକ୍ତା ଭାବେ ଆଠଗଡ଼ ଉପଖଣ୍ଡ ଲୋକସମ୍ପର୍କ ସୂଚନା ଅଧିକାରୀ ଶ୍ରୀମତୀ ଶାଶ୍ୱତୀ ପାଢ଼ୀ, ସମ୍ମାନଜନକ ଅତିଥି ଭାବେ ସମାଜସେବୀ ଭାଷ୍କରଚନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିଭୂତି ଭୂଷଣ ଖଟୁଆଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାରେ ବିଷ୍ଣୁ ପ୍ରସାଦ ଦାଶ, ମନୋରଞ୍ଜନ ମହାପାତ୍ର, ଚନ୍ଦ୍ରକାନ୍ତ ମିଶ୍ର ପ୍ରମୁଖ ସାମ୍ବାଦିକମାନେ ଖବର ସଂଗ୍ରହରେ ସେମାନଙ୍କର ମୌଳିକ ସମସ୍ୟା ନେଇ ଉଦବେଗ ପ୍ରକାଶ କରିଥିଲେ। ଆଠଗଡ଼ର ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପ୍ରଧାନ ଓ ବ୍ରହ୍ମାନନ୍ଦ ଲେଙ୍କା ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କରେ ଉପସ୍ଥିତ ଅତିଥିମାନଙ୍କୁ ସୂଚନା ଦେଇଥିଲେ। ଟିଗିରିଆର ବରିଷ୍ଠ ସାମ୍ବାଦିକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାୟକଙ୍କ ନାମକୁ ସିନେଟରୁ ପ୍ରତ୍ୟାହାର ଦାବି



କଟକ, ୧୩।୮ (ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କୁ ଦୁର୍ବ୍ୟବହାର କରିଥିବା କଟକ ସଦର ବିଧାୟକଙ୍କ ନାମକୁ ମନୋନୟନ ପତ୍ରରୁ ପ୍ରତ୍ୟାହାର କରିବା, ବିଧାୟକ ତୁରନ୍ତ ନିଃସର୍ତ୍ତ କ୍ଷମା ମାଗିବା, ରେଭେନ୍ସାରେ ଛାତ୍ର ସଂସଦ ନିର୍ବାଚନ କରିବା, ରେଭେନ୍ସାର ଗଣତାନ୍ତ୍ରିକ ଏବଂ ଶୈକ୍ଷିକ ପରିବେଶ ରକ୍ଷା କରିବା ଦାବିରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଗଠନର ରାଜ୍ୟ ପରିଷଦର ଉପ-ସଭାପତି ଭାଗ୍ୟବତୀ ଦାସ, କଟକ ଜିଲ୍ଲା କମିଟି ସଭାପତି ଇଶା ଧର, ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, କୋଷାଧ୍ୟକ୍ଷ ଶୁଭସ୍ମିତା ସାହୁ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଜ୍ୟୋତିସ୍ମାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂହ, ଜିଲ୍ଲା କମିଟି ସଦସ୍ୟ ସତ୍ୟବ୍ରତ ମୁଦୁଲି, କସକ ଜେନା, ଗାୟତ୍ରୀ ସାହୁ, ସରୋଜ ବେହେରା, ରାଜେଶ ନାୟକ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ଦେଇଥିଲେ। ସଂଗଠନ ପକ୍ଷରୁ ଉପସ୍ଥାପିତ ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବ୍ୟାପକ ଆନ୍ଦୋଳନ ହେବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି।

### ଓଡ଼ିଶାରେ ନିବେଶ କରିବ ଆଦାନୀ ଗ୍ରୁପ୍

# ଅକ୍ଷୟ ଶକ୍ତି କ୍ଷେତ୍ରରେ ଥିବା ସମ୍ଭାବନା ନେଇ ଆଲୋଚନା



ଭୁବନେଶ୍ୱର, ୧୩।୮(ସଂଚାର ବ୍ୟୁରୋ): ବିଶିଷ୍ଟ ଶିଳ୍ପପତି କରଣ ଆଦାନୀ ଓ ତାଙ୍କ ଟିମ୍ ଆଜି ଖାରବେଳ ଭବନଠାରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରିଛନ୍ତି। ଶକ୍ତି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ଶକ୍ତି ବିଭାଗର ବରିଷ୍ଠ ନେତୃବୃନ୍ଦ ଏବଂ ଆଦାନୀ ଗ୍ରୁପର କାର୍ଯ୍ୟନିର୍ବାହୀ ଟିମ୍ ସହ କରଣ ଆଦାନୀଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଦୀର୍ଘକାଳୀନ ଶକ୍ତି ସୁରକ୍ଷା, ଗ୍ରିଡ୍ ସ୍ଥିରତା ଓ ସ୍ଥାୟୀ ଶକ୍ତି ବିକାଶର ଲକ୍ଷ୍ୟକୁ ସୁଦୃଢ଼ କରିବା ପାଇଁ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମି, ବିଶେଷ କରି ପମ୍ପଡ୍ ଷ୍ଟୋରେଜ୍ ପ୍ଲାଣ୍ଟ (ପିଏସପି), ସୌର ଶକ୍ତି ଉତ୍ପାଦନ ଏବଂ ପରମାଣୁ ଶକ୍ତି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଆଦାନୀ ଗ୍ରୁପ ପୂର୍ବରୁ ଥରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରି ଓଡ଼ିଶାର ଶକ୍ତି କ୍ଷେତ୍ରରେ ନିବେଶ କରିବା ପାଇଁ ଆଗ୍ରହୀ ଥିବା ପ୍ରକାଶ କରିଥିଲେ। ଆଜିର ବୈଠକରେ ମଧ୍ୟ ଓଡ଼ିଶାର ସ୍ୱଚ୍ଛ ଶକ୍ତିରେ ନିବେଶ ଯଥା ୩୦୦୦ ମେଗାୱାଟ ବିଶିଷ୍ଟ ଦୁଇଟି ପାୱାର ପ୍ଲାଣ୍ଟ ସ୍ଥାପନ କଥାକୁ ଦୋହରାଇଛନ୍ତି। ନିରବଚ୍ଛିନ୍ନ ତଥା କାର୍ବନ ମୁକ୍ତ ବେସଲୋଡ୍ ଶକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନେତୃବୃନ୍ଦ ଅକ୍ଷୟ ଶକ୍ତି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ।

# ବନ ଉନ୍ନୟନ ନିଗମର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ଓଡ଼ିଶା ବନ ଉନ୍ନୟନ ନିଗମର ବିଭିନ୍ନ ପ୍ରଶାସନିକ ଓ କର୍ମଚାରୀ ସମ୍ପର୍କୀତ ସମସ୍ୟାର ସମାଧାନ ନେଇ ଆଜି ଓଡ଼ିଶା ବନ ନିଗମ କର୍ମଚାରୀ ସଂଘର ଏକ ପ୍ରତିନିଧିମଣ୍ଡଳୀ ଲୋକସେବା ଭବନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ସିଂହ ଖୁଣ୍ଟିଆଙ୍କୁ ସାକ୍ଷାତ କରିଛନ୍ତି।

ପୂର୍ବତନ ବିଧାୟକ ତଥା ଓଡ଼ିଶା ବନ ନିଗମ କର୍ମଚାରୀ ସଂଘର ସଭାପତି ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ମନ୍ତ୍ରୀଙ୍କୁ ଭେଟି ନିଗମର ସାମଗ୍ରିକ ଉନ୍ନତି, ପ୍ରଶାସନିକ ଓ ସାଂଗଠନିକ ସମସ୍ୟା ସମେତ କର୍ମଚାରୀମାନଙ୍କ ଦୀର୍ଘଦିନର ବିଭିନ୍ନ ଦାବି ଓ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଆଲୋଚନା ସମୟରେ କର୍ମଚାରୀମାନଙ୍କ ନ୍ୟାଯ୍ୟ ଅଧିକାର, ସେବାଗତ ସମସ୍ୟା, ନିଗମର କାର୍ଯ୍ୟକ୍ଷମତା ବୃଦ୍ଧି ଓ କର୍ମଚାରୀଙ୍କ ହିତ ସୁରକ୍ଷା ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା।

ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ପ୍ରତିନିଧିମଣ୍ଡଳୀ ପକ୍ଷରୁ ଉପସ୍ଥାପିତ ସମସ୍ତ ଦାବି ଓ ସମସ୍ୟାକୁ ଗୁରୁତ୍ୱର ସହ ଶୁଣିବା ସହ ଏ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ। ନିଗମ ଓ କର୍ମଚାରୀଙ୍କ ସ୍ୱାର୍ଥ ସମ୍ପର୍କିତ ବିଷୟଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଏ ନେଇ ଆଲୋଚନା କରିବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ।

# ରଣପୁର ନିର୍ବାଚନମଣ୍ଡଳୀରେ 'ହର ଘର ତ୍ରିରଙ୍ଗା' ଯାତ୍ରାର ଶୁଭାରମ୍ଭ

### କାର୍ଯ୍ୟକ୍ରମକୁ ସଫଳ କରିବାକୁ ବାଚସ୍ପତିଙ୍କ ଗୁରୁତ୍ୱାରୋପ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଆଜି ରାଜସୁନାଖଳା ମଣ୍ଡଳ, ଗୋଡ଼ିପଡ଼ା ମଣ୍ଡଳ ଓ ଲଡୁବାବା ମଣ୍ଡଳଠାରେ 'ହର ଘର ତ୍ରିରଙ୍ଗା' ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଜସୁନାଖଳା ମଣ୍ଡଳର ଲୋଧାଚୁଆଠାରୁ ଆରମ୍ଭ ହୋଇ ଦହିଖାଇ ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟର ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ମଣ୍ଡଳ ସଭାପତି ଜ୍ୟୋତିର୍ମୟ ସାହୁ, ନୟାଗଡ଼ ଜିଲ୍ଲା ବିଜେପି ସମ୍ପାଦକ ଜୟନ୍ତ କୁମାର ନାୟକ, ଶରଣକୁଳ ଗ୍ରାମ ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସହ ପ୍ରାୟ ୫୦୦ରୁ ଅଧିକ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

ସେହିପରି ଗୋଡ଼ିପଡ଼ା ଓ ଲଡୁବାବା ମଣ୍ଡଳର ରାଲି ପଞ୍ଚମୁଁ ଗ୍ରାମ ପଞ୍ଚାୟତର ମଝିଆଖଣ୍ଡ ଗ୍ରାମଠାରୁ ଆରମ୍ଭ ହୋଇ ଭାଲିଆଡିହି ଗ୍ରାମପଞ୍ଚାୟତର ମଠସାହି ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଡ଼ିପଡ଼ା ମଣ୍ଡଳ ସଭାପତି ମନୋଜ ସାହୁ, ନୟାଗଡ଼ ବିଜେପି ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ମାଝୀ, ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ଏକ ହଜାରରୁ ଅଧିକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଜନସାଧାରଣଙ୍କ ମଧ୍ୟରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ସହ ଦେଶପ୍ରେମ ଓ ଭାତୃତ୍ୱ ଭାବର ବାର୍ତ୍ତା ବହନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କିପରି ସଫଳତାର ସହିତ ସମ୍ପନ୍ନ କରାଯିବ ରଣପୁର ବିଧାୟିକା ତଥା ବାଚସ୍ପତି ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ।

# ମାଥିଲିରେ ଇଭି ଟେକ୍ନୋଲୋଜି ଉତ୍କର୍ଷ କେନ୍ଦ୍ର



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ମାଲକାନଗିରି ମାଥିଲି ସରକାରୀ ଆଇଟିଆଇରେ ୪.୮ କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ହେବାକୁ ଥିବା 'ଇଲେକ୍ଟ୍ରିକ୍ ଭେହିକିଲ୍ ଟେକ୍ନୋଲୋଜି'ର ଉତ୍କର୍ଷ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏହାସହ ଅନୁଷ୍ଠାନର ଶିକ୍ଷାଦାନ ଓ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମନ୍ତ୍ରୀ ସେଠାରେ ଇଞ୍ଜିନିୟରିଂ ଡ୍ରଇଂ ଲ୍ୟାବ୍, ଅନଲାଇନ୍ କ୍ଲାସରୁମ୍ ଏବଂ ସମ୍ମିଳନୀ କକ୍ଷର ଉଦ୍‌ଘାଟନ କରିଛନ୍ତି।

ଶିଳ୍ପମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇଟିଆଇ ମାଥିଲି, ଆଇଟିଆଇ ମାଲକାନଗିରି ଓ ମାଲକାନଗିରି ସରକାରୀ ପଲିଟେକ୍ନିକର କାର୍ଯ୍ୟକଳାପ ଏବଂ ତାଲିମ୍ ସୁବିଧା ନେଇ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଅନୁଷ୍ଠାନର ଅଧ୍ୟକ୍ଷମାନେ ସେମାନଙ୍କର ଶୈକ୍ଷିକ ଓ ତାଲିମ୍ ସମ୍ବନ୍ଧୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏଥିସହ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ମାନ୍ୟବର ମନ୍ତ୍ରୀ ମାଲକାନଗିରି ଜିଲ୍ଲାରେ ଶିଳ୍ପ କାର୍ଯ୍ୟକଳାପ ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଜିଏମ୍ ଓ ଇଡ୍‌କୋର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ଦକ୍ଷତା ବିକାଶ ଓ ଶିଳ୍ପ ଇକୋସିଷ୍ଟମକୁ ଆହୁରି ସୁଦୃଢ଼ କରିବା ଦିଗରେ କାମ କରିବା ପାଇଁ ଶିଳ୍ପ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

● ଖଣିଜଜାତ ପଦାର୍ଥ ବିକାଶ ସଂଶୋଧନ ବିଲ୍

## କେମିତି ସମର୍ଥନ କଲେ ନିର୍ବାଚିତ ୨୦ ସାଂସଦ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): କଂଗ୍ରେସ ଭବନଠାରେ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଖଣିଜ ଦ୍ରବ୍ୟ ସମ୍ପର୍କୀତ ଏକ ବିଧେୟକକୁ ନେଇ ଓପିସିସି ଗଣମାଧ୍ୟମ ବିଭାଗ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ଡ.ପଞ୍ଚାନନ କାନୁନଗୋ ଓ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଦାସ କହିଛନ୍ତି ଯେ, ଗତ ୧୨ ଅଗଷ୍ଟ ୨୦୨୬ ଖଣି ଓ ଖଣିଜଜାତ ପଦାର୍ଥ ବିକାଶ ସଂଶୋଧନ ବିଲ୍ ଲୋକସଭାରେ ଗୃହିତ ହୋଇଛି। ଏହା ରାଜ୍ୟବାସୀଙ୍କ ସ୍ୱାର୍ଥର ପରିପନ୍ଥୀ। ଓଡିଶା ଭଳି ଗରିବ ରାଜ୍ୟ ବାର୍ଷିକ ପ୍ରାୟ ୧୫ ହଜାର କୋଟି ଟଙ୍କାର କ୍ଷତି ସହିବ। ଏଥିରୁ ଯେଉଁ ରାଜସ୍ୱ ମିଳୁଥିଲା ତାହା କେନ୍ଦ୍ର ନିଜ ହାତକୁ ନେଇଗଲା। ତେଣୁ ଏଥିରେ ବଡ଼ ଦୁର୍ନୀତିର ଆଶଙ୍କା କେନ୍ଦ୍ରୀଭୂତ ହେଉଛି। ଏହି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବିଲକୁ ରାଜ୍ୟରୁ ନିର୍ବାଚିତ ୨୦ ଜଣ ସାଂସଦ କେମିତି ସମର୍ଥନ କଲେ ବୋଲିଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ଶ୍ରୀ କାନୁନଗୋ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୂର୍ବରୁ ସଂଘୀୟ ବ୍ୟବସ୍ଥା ଅନୁଯାୟୀ ସବୁ ଚାଲିଥିଲା। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟିକସ ଆଦାୟ ତାଲିକା ତିଆରି ହୋଇଥିଲା କିନ୍ତୁ ଏ ସବୁ ଭାଙ୍ଗିକି ସମସ୍ତ ଟିକସ କେନ୍ଦ୍ର ମୁହାଁ ହେଉଛି। ଓଡିଶାର ମୁଖ୍ୟ ରାଜସ୍ୱ ଖଣିଜ ସମ୍ପଦରୁ ମିଳିଥାଏ ଓ ତାହା ରାଜ୍ୟର ବିକାଶ କାର୍ଯ୍ୟରେ ଲାଗିଥାଏ। ଏହି ନୂତନ ବିଲ ଅନୁସାରେ ଖଣିଜ ସମ୍ପଦ ଉପରେ ରାଜ୍ୟ ଆଉ ଟିକସ ବସାଇ ପାରିବ ନାହିଁ।

## ଉଲୁବେଡିଆରେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ



କୋଲକାତା, ୧୩।୮ (ସଂଚାର ବ୍ୟୁରୋ): ଜଣେ ପରୀକ୍ଷାର୍ଥୀ ରେଳବାଇ ପରୀକ୍ଷା ଦେବାକୁ ଯାଉଥିବା ସମୟରେ ଏକ ବଡ଼ ମାଲବାହୀ ଗାଡ଼ି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ବାଗନାନ୍ ଥାନା ଅନ୍ତର୍ଗତ ମାନକୁର-ବାଗନାନ୍ ରୋଡର ପାଟିନାନ୍ ଠାରେ ଏହି ଦୁଃଖଦ ଘଟଣା ଘଟିଛି। ପୁଲିସ ମୃତକଙ୍କୁ ସାବଶିଷ୍ଟର ସତ୍ୟପିତଳା ଅଞ୍ଚଳର ବାସିନ୍ଦା ଅବଦୁଲ୍ ଆକିବ୍ (୩୧) ବୋଲି ଚିହ୍ନଟ କରିଛି। ତାଙ୍କ ପରୀକ୍ଷା କେନ୍ଦ୍ର ସଲ୍ଟଲେକ୍ ସେକ୍ଟର ପାଞ୍ଚ ସ୍ଥିତ ଟିସିଏସ୍ ଗୀତାବିତାନରେ ଅବସ୍ଥିତ ଥିଲା। ସେ ଏକ ଅଟୋ-ରିକ୍ସାରେ ବାଗନାନ୍ ଅଭିମୁଖେ ଯାତ୍ରା କରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା।

# ୱାହାବଙ୍କର ପାକିସ୍ତାନ ସେନାରେ ଯୋଗଦେବାର ଇଚ୍ଛା ଥିଲା

କୋଲକାତା, ୧୩।୮ (ସଂଚାର ବ୍ୟୁରୋ): ବେଙ୍ଗଲ ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିବା ରାଣା ରୌଫ ଓରଫ ୱାହାବ ଆଲାମ ପାଞ୍ଚଥର ଭାରତ ଗସ୍ତ କରିଥିଲେ। ପ୍ରତ୍ୟେକ ଥର ସେ ତିଲଜାଲାରେ ଥିବା ଇଜାଜର ଘରେ ରହୁଥିଲେ। ସେ ୨୦୧୪, ୨୦୧୮, ୨୦୨୨, ୨୦୨୪ ଏବଂ ୨୦୨୬ ମସିହା ଜାନୁଆରୀରେ କୋଲକାତା ଗସ୍ତ କରିଥିଲେ। ସେ ଗିରଫ ହୋଇଥିବା ଇଜାଜର ପିତା ଯୁବର୍ ଆଲାମଙ୍କୁ ତାଙ୍କ ନିଜ ପିତା ବୋଲି ଦାବି କରି ଏକ ଭୋଟର ପରିଚୟ ପତ୍ର ପାଇଥିଲେ। ପରବର୍ତ୍ତୀ ସମୟରେ, ସେ ଏକ ପ୍ୟାନ୍ କାର୍ଡ ଏବଂ ଏକ ଆଧାର କାର୍ଡ ମଧ୍ୟ ହାସଲ କରିଥିଲେ। ବେଙ୍ଗଲ ଏସ୍‌ଟିଏଫ୍ ଦ୍ୱାରା ପଚରାଉଚରା ସମୟରେ, ରାଣା ରୌଫ ସ୍ୱୀକାର କରିଛନ୍ତି ଯେ ସେ ଏକ ସମୟରେ ପାକିସ୍ତାନ ସେନାରେ ସେବା କରିବାର ସ୍ୱପ୍ନ ଦେଖିଥିଲେ କିନ୍ତୁ ବିଭିନ୍ନ ଶାରୀରିକ ସମସ୍ୟା ଯୋଗୁଁ ଚାକିରି ପାଇପାରି ନଥିଲେ।

## ବାସଭବନରେ ତ୍ରିରଙ୍ଗା ଉତ୍ତୋଳନ କଲେ ଗୃହମନ୍ତ୍ରୀ



ନୂଆଦିଲ୍ଲୀ, ୧୩।୮: 'ହର ଘର ତିରଙ୍ଗା' ଅଭିଯାନରେ ସାମିଲ ହୋଇ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହ ଗୁରୁବାର ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଛନ୍ତି। 'ଏକ୍ସ' ରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, ଆଜି ନୂଆଦିଲ୍ଲୀସ୍ଥିତ ମୋ ବାସଭବନରେ ମୁଁ ହର ଘର ତିରଙ୍ଗା ଅଭିଯାନ ଅଧୀନରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଛି। ମୋଦି ଜୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମ ଏବଂ ଗୌରବର ଭାବନାକୁ ଆହୁରି ମଜବୁତ କରୁଛି। ଆଜି କୋଟି କୋଟି ଦେଶବାସୀ ତ୍ରିରଙ୍ଗା ସହିତ ଯୋଡ଼ି ହେଉଛନ୍ତି, ଏକ ଭାରତ, ଶ୍ରେଷ୍ଠ ଭାରତର ଭାବନାକୁ ସଶକ୍ତ କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ଧୁକ କାଢ଼ି...

ବି ବୁଝିଥିଲେ। ଅନ୍ଧକାରରୁ ଆଲୋକ ଆଡ଼କୁ ଏହି ଯାତ୍ରା କେବଳ ସେମାନଙ୍କର ବସ୍ତ୍ର ବଦଳାଇ ନାହିଁ, ବରଂ ସେମାନଙ୍କର ଆତ୍ମା ଓ ପରିଚୟକୁ ବଦଳାଇ ଦେଇଛି। କାନ୍ଧରେ ବନ୍ଧୁକ ଥିବାବେଳେ ସେମାନେ ଥିଲେ ଭୟର ଚେହେରା, ଆଉ ଆଜି ର୍‍ୟାମ୍ପ ଉପରେ ସେମାନେ ସାଜିଛନ୍ତି ସ୍ୱାଭିମାନର ରାଣୀ।

### ହଙ୍ଗେମାରେ ସରିଲା...

ସ୍ୱଚ୍ଛତା ଆଣିବା ପାଇଁ ସରକାର ଏକ ବଡ଼ ପଦକ୍ଷେପ ନେଇ 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍-୨୦୨୬'କୁ ଉଭୟ ଗୃହରେ ପାରିତ କରାଇବା ସହିତ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଜଡ଼ିତ ବ୍ୟକ୍ତିବିଶେଷ ଓ ସିଣ୍ଡିକେଟ୍ ପାଇଁ କଠୋର ଦଣ୍ଡ ବ୍ୟବସ୍ଥାର ପ୍ରାବଧାନ କରିଛନ୍ତି। ଏହି ବିଲ୍ ସଂସଦର ଉଭୟ ଗୃହରେ ପାରିତ ହେବା ସହ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଏକ ସ୍ୱୟଂସମ୍ପୂର୍ଣ୍ଣ ଆଇନରେ ରୂପାନ୍ତରିତ ହୋଇଛି। ସେହିଭଳି ମୌସୁମୀ ଅଧିବେଶନ କାଳରେ ଉଭୟ ଗୃହ ଦ୍ୱାରା ରାଷ୍ଟ୍ରୀୟ ସମ୍ମାନ ଅବମାନନା ପ୍ରତିରୋଧ (ସଂଶୋଧନ) ବିଲ୍, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍, ବ୍ୟାଙ୍କର୍ସ ବୁକ୍ସ ଏଭିଡେନ୍ସ ବିଲ୍, କେରଳ (ନାମ ପରିବର୍ତ୍ତନ) ବିଲ୍, ଜାତୀୟ ସମବାୟ ବିକାଶ ନିଗମ (ସଂଶୋଧନ) ବିଲ୍, ଟ୍ରିବ୍ୟୁନାଲ ସଂସ୍କାର ବିଲ୍, ଓ ଖଣି ଏବଂ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍‌ଗୁଡ଼ିକ ପାରିତ ହୋଇଛି।

ବାଚସ୍ପତି ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବୀ ଘୋଷଣା କରିଥିଲେ ମଧ୍ୟ ଅଧିବେଶନର କାର୍ଯ୍ୟଦକ୍ଷତା ଓ ଉତ୍ପାଦକତାକୁ ଉଲ୍ଲେଖ କରୁଥିବା ନେଇ ତାଙ୍କର ପାରମ୍ପରିକ ବିଦାୟ ଭାଷଣ ଦେଇ ନାହାନ୍ତି। ଆଜିର ସଂସଦର ସଂକ୍ଷିପ୍ତ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉପସ୍ଥିତ ଥିଲେ। ଶେଷ ଦିନରେ ମଧ୍ୟ ବିରୋଧୀ ଦଳ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଜୁଲାଇ ୨୦ ତାରିଖରେ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନ ମୋଟାମୋଟି ଭାବରେ ବିରୋଧୀଦଳଙ୍କ ନିଟ୍ ପେପର ଲିକ୍‌ର ବିରୋଧରେ ଧୋଇ ହୋଇଯାଇଛି ବୋଲି କୁହାଯାଉଛି। ତମାମ ଅଧିବେଶନରେ ବିରୋଧୀ ଦଳଗୁଡ଼ିକ ଛାତ୍ରଙ୍କ ଉପରେ ଆକ୍ରମଣକୁ ନେଇ ଗୃହମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରିଥିବା ବେଳେ ବୁଧବାର ଅମିତ ଶାହ ବିତର୍କ ଲାଗି ବିରୋଧୀ ଦଳକୁ ଆହ୍ୱାନ ଦେଇଥିଲେ। ମାତ୍ର ବିରୋଧୀ ଦଳଗୁଡ଼ିକ ତାଙ୍କର ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି ଗୃହକୁ ଅଚଳ କରିଦେଇଥିଲେ।

### ଉତ୍ତର ଓଡ଼ିଶାରେ...

ବର୍ଷାଜନିତ ବନ୍ୟା ଶେଷ ହେବାର ନା ନେଉନାହିଁ। ଗୋଟେ ବନ୍ୟାକୁ ମୁକାବିଲା କଲା ବେଳକୁ ଆଉ ଏକ ବନ୍ୟା ଆସି ପହଞ୍ଚି ଯାଉଛି। ସମ୍ପୂର୍ଣ୍ଣ ପାଣି ନଛାଡ଼ିବାରୁ କ୍ଷୟକ୍ଷତି ଆକଳନ ପାଇଁ ବିଳମ୍ବ ହେଉଛି। ବିଶେଷ କରି ଉତ୍ତର ଓଡ଼ିଶାରେ ଏଭଳି ବିଳମ୍ବ ଦେଖିବାକୁ ମିଳୁଛି।

### ୨୦୩୦ ସୁଦ୍ଧା ରାଜ୍ୟର...

୨ଟି ଟେଣ୍ଡର ଷ୍ଟେଜ୍‌ରେ ଅଛି। ଆଗକୁ ଆହୁରି ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ କରିବାର ଯୋଜନା ରହିଛି। ଏସବୁ ସବ୍‌ଷ୍ଟେସନ୍‌ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ।

ସେହିଭଳି ବିଭିନ୍ନ ଗ୍ରୀଡ୍‌ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି। ୨୦୩୦-୩୧ ସୁଦ୍ଧା ରାଜ୍ୟରେ ପ୍ରାୟ ୫୯୦ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି। ଏହି ଶିଳ୍ପ ସଂସ୍ଥା ତଥା ଉପଭୋକ୍ତାମାନଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୬ ହଜାର କୋଟି ଟଙ୍କାର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି।

ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଡିଜିପି ଚୟନରେ...

ଜନସ୍ୱାର୍ଥ ମାମଲାର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ନୂଆ ଡିଜି ନିଯୁକ୍ତି ନହେଲେ ରାଜ୍ୟରେ କାର୍ଯ୍ୟକାରୀ ଡିଜିପିଙ୍କ ଦ୍ୱାରା କାର୍ଯ୍ୟ ଚଳାଇବାକୁ ପଡ଼ିବ, ଯାହାକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଂଘନ ବୋଲି ଶ୍ରୀ ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ।

ଏସବୁ ଶୁଣିବା ପରେ, କୌଣସି ପ୍ରଭାବିତ ଅଫିସର କୋର୍ଟଙ୍କ ଦ୍ୱାରସ୍ଥ ହୋଇନଥିବାରୁ ଜନସ୍ୱାର୍ଥ ମାମଲାର ଗ୍ରହଣଯୋଗ୍ୟତାକୁ ନେଇ ଖଣ୍ଡପୀଠ ସନ୍ଦେହ ବ୍ୟକ୍ତ କରିଥିଲେ। ଆଉ ଏନେଇ ଉକ୍ତ ମାମଲାର ଆମିକସକ୍ୟୁରୀ ବରିଷ୍ଠ ଓକିଲ ରାଜୁ ରାମଚନ୍ଦ୍ରନ୍‌ଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଶ୍ରୀ ରାମଚନ୍ଦ୍ରନ୍ ମଧ୍ୟ ଏହି ଜନସ୍ୱାର୍ଥ ମାମଲା ସଂକ୍ରାନ୍ତ ଆବେଦନକୁ ସମର୍ଥନ କରି ରାଜ୍ୟ ସରକାର ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ଉଲ୍ଲଂଘନ କରିଥିବା ନେଇ ସମ୍ମତି ଦେବା ପରେ ଖଣ୍ଡପୀଠ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ।

ଡିଜିପି ନିଯୁକ୍ତିରେ କୌଣସି ପ୍ରକାରର ବ୍ୟାକ୍‌ଡୋର ଏଣ୍ଟ୍ରି ଗ୍ରହଣଯୋଗ୍ୟ ନୁହେଁ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୟୁପିଏସସି ନିଜର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ ନାହିଁ ବୋଲି କହିଛି। ଖଣ୍ଡପୀଠଙ୍କ ଆଦେଶ ଅନୁରୂପ ଆସନ୍ତା ଅଗଷ୍ଟ ୧୮ତାରିଖର ଶୁଣାଣି ପୂର୍ବରୁ କୌଣସି ଚୂଡ଼ାନ୍ତ ବୈଠକ କରାଯିବ ନାହିଁ ବୋଲି ୟୁପିଏସସି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ନୂଆ ଡିଜିପି ଚୟନ ବୈଠକରେ ଯୋଗ ଦେବା ପାଇଁ ମୁଖ୍ୟ ସଚିବ ଅନୁ ଗର୍ଗ, ପୁଲିସ ଡିଜି ୱାଇବି ଖୁରାନିଆଙ୍କ ସମେତ ରାଜ୍ୟ ସରକାରଙ୍କ ଏକ ଟିମ୍ ଦିଲ୍ଲୀ ଗସ୍ତ କରିଥିଲେ। ଡିଜି ଶ୍ରୀ ଖୁରାନିଆଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୬ତାରିଖରେ ଶେଷ ହେଉଛି। ଓଡ଼ିଶା ଇତିହାସରେ ପ୍ରଥମଥର ପାଇଁ ରାଜ୍ୟର ପୁଲିସ ଡିଜି ଚୟନ ମାମଲାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି।

### ଇନଷ୍ଟାଗ୍ରାମ୍ ଭ୍ୟୁ...

ପୋଷ୍ଟରେ ଟାର୍ଗେଟ୍ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ମେଟା କେଉଁ କଣ୍ଟେଣ୍ଟକୁ ବଢ଼ାଇବ ଓ କାହାକୁ କମାଇବ ତାହା କ'ଣ ମେଟା ଉପରେ ନିର୍ଭର କରୁଛି କି? ଭାରତର ସାଧାରଣ ଜନମତ ଓ ଚର୍ଚ୍ଚାକୁ ନିୟନ୍ତ୍ରଣ କରିବାକୁ ମେଟା ଚେଷ୍ଟା କରୁଛି। ଝାଡ଼ଖଣ୍ଡର ପ୍ରକୃତ ଛାତ୍ର ବିକ୍ଷୋଭକୁ ଦବାଇ ଦିଆଯାଇଛି; ଅଥଚ ଦିଲ୍ଲୀର ରାଜନୈତିକ ଏଜେଣ୍ଡାକୁ ପ୍ରମୋଟ୍ କରାଯାଉଛି ବୋଲି ଅଭିଯୋଗ ହେଉଛି।

ଜାତୀୟ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ଶ୍ରେଷ୍ଠ ଶହେ ଆକାଉଣ୍ଟଗୁଡ଼ିକ ମଧ୍ୟରୁ ପ୍ରତି ୩ଟି ରିଲ୍ସରେ ଗୋଟିଏ ରିଲ୍ସ ଜନ୍ତର-ମନ୍ତର ବିକ୍ଷୋଭ ଉପରେ ଥିଲା। ଗୋଟିଏ ରିଲ୍‌ରେ ସର୍ବାଧିକ ୩ ଲକ୍ଷ ଯାଏଁ ଭିଉ ଛୁଇଁଥିଲା। କିନ୍ତୁ ଝାଡ଼ଖଣ୍ଡ ମାମଲାରେ ପୁଲିସ ଆକ୍ରମଣ ଓ ଲାଠିଚାଳନା ପରେ ବି ଏହା ମାତ୍ର ୩% ଶେୟାରରେ ରହି ପ୍ରାୟ ଗାୟବ ହୋଇଯାଇଥିଲା। ଏବେ ପ୍ରଶ୍ନ ଉଠିଲାଣି ଯେ, ସୋସିଆଲ୍ ମିଡିଆ ପ୍ରକୃତରେ ଗାଣତାନ୍ତ୍ରିକ ତ? ନା ଏହା ପଛରେ ରହିଛି କିଛି କର୍ପୋରେଟ୍ ଗଣିତର ପକ୍ଷପାତିତା? ବର୍ତ୍ତମାନ ସୁଦ୍ଧା ବିଜେପିର ତୁଙ୍ଗ ନେତାମାନେ କୌଣସି ମତ ରଖି ନଥିବାବେଳେ ସାଧାରଣ ଲୋକେ କିନ୍ତୁ ଏହାର ହିସାବ ନିକାଶ ଆରମ୍ଭ କରି ଦେଇଛନ୍ତି।

### ପାଇଲଟଙ୍କର ଡୋପ୍...

କୌଣସି ଅଣ ଅନୁମୋଦିତ ଔଷଧ ଅଥବା ନିଶା ସାମଗ୍ରୀ ସେବନ କରୁନଥିବା ପ୍ରମାଣିତ ହେବା ଏୟାର ଲାଇନ ସ୍ପଷ୍ଟ କରିଛନ୍ତି ଯେ ଏହି ଯାଞ୍ଚ ପ୍ରକ୍ରିୟା ଗୁରୁଗ୍ରାମସ୍ଥିତ ଆକାଡେମୀ ସହିତ ଉଡାଣ ପରେ ଏୟାର ଇଣ୍ଡିଆର ଫ୍ଲାଇଟ ବ୍ରିଫିଂ କେନ୍ଦ୍ର ଓ କାର୍ଯ୍ୟାଳୟମାନଙ୍କରେ ଆୟୋଜନ କରାଯିବ। ଏଥିରେ କମ୍ପାନୀ କହିଛି ଯେ ନିୟାମକୀୟ ମାନକରୁ ଅଗକୁ ଯାଇ ନିଆଯାଇଥିବା ପଦକ୍ଷେପ ଆମର ସୁରକ୍ଷା ଓ ବ୍ୟବସାୟିକତାର ଉଚ୍ଚ ମାନଦଣ୍ଡକୁ ଦର୍ଶାଉଛି।

ଏହାର ମୁଖ୍ୟ ଉଦ୍ଦେଶ୍ୟ ଆମର ଯାତ୍ରୀ, ହିତାଧିକାରୀ ଓ ସମାଜକୁ ଏହି ବିଶ୍ୱାସ ଦେବା ଯେ ଏୟାର ଇଣ୍ଡିଆ ସୁରକ୍ଷା ସହିତ କୌଣସି ବୁଝାମଣା କରନ୍ତି ନାହିଁ। ଏୟାର ଇଣ୍ଡିଆ ଦୀର୍ଘ ଦଶନ୍ଧୀରୁ ଭାରତୀୟ ଏଭିଏସନର ଧ୍ୱଜ ବାହକ ହୋଇ ରହିଛି। ଏହି ସମୟରେ ଆମ ପାଇଲଟ ଓ ଅନ୍ୟ କର୍ମଚାରୀଙ୍କ କୌଶଳ ଓ ସୁରକ୍ଷା ପ୍ରତି ସଂକଳ୍ପବଦ୍ଧତା ଲକ୍ଷଲକ୍ଷ ଯାତ୍ରୀ ଓ ଜନତାଙ୍କ ବିଶ୍ୱାସ ଜିତି ପାରିଛି। ଏହି ବିଶ୍ୱାସ ହିଁ ଆମର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି।

# ଲଗାଣ ବର୍ଷାରେ ଭାସୁଛି ଯୋଡ଼ା ସହର




**ଯୋଡ଼ା,୧୩।୭ (ସଂଚାର ବ୍ୟୁରୋ):** ଘନୀଭୂତ ବାତ୍ୟା ପ୍ରଭାବ ସହ ଗତରାତିରୁ ଲଗାଣ ପ୍ରବଳ ବର୍ଷା ଯୋଗୁଁ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୪ଟି ଯାକ ୱାର୍ଡରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ସହରର ବିଭିନ୍ନ ଅଞ୍ଚଳରେ ରାସ୍ତାଘାଟ ଓ ନିମ୍ନାଞ୍ଚଳ ଜଳମଗ୍ନ ହେବା ସହ ନଦୀକୂଳବର୍ତ୍ତୀ ବସ୍ତିଗୁଡ଼ିକରେ ଘର ଭିତରକୁ ମଧ୍ୟ ପାଣି ପଶିଥିବା ଜଣାପଡ଼ିଛି। ଯୋଡ଼ାକୁ ସଂଯୋଗ କରୁଥିବା ସୁନା ନଦୀ ବର୍ଷାଜଳରେ ପୂର୍ଣ୍ଣ ହୋଇଥିବା ବେଳେ ଆଖପାଖ ପାହାଡ଼ ଓ ପର୍ବତ ଅଞ୍ଚଳରୁ ପ୍ରବଳ ବେଗରେ ନାଳିପାଣି ଝରିଆସି ନଦୀରେ ମିଶୁଛି। ଫଳରେ ନଦୀର ଜଳପ୍ରବାହ ଆହୁରି ବଢ଼ିଥିବାରୁ ନଦୀକୂଳରେ ଥିବା ବସ୍ତିଗୁଡ଼ିକରେ ଜଳବନ୍ଦୀ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ସେହିପରି ବାଂଶପାଣି ୧୨ ନମ୍ବର ୱାର୍ଡ ଓ କମାରଯୋଡ଼ା ୧୧ ନମ୍ବର ୱାର୍ଡର ପାହାଡ଼ ଅଞ୍ଚଳରୁ ଆସୁଥିବା ବର୍ଷାଜଳ ନାଳକୁ ଏଡ଼ିପି ପେଟ୍ରୋଲ ପମ୍ପ ପଛପଟ ବସ୍ତି, ରେଳ ସାଇଡିଂ, ରେଲୱେଗେଟ, ରେଳ କଲୋନୀ, କୋଇଲା ହାଟ, ଦୁର୍ଗାପୂଜା ମଣ୍ଡପ ନିକଟ ଅଞ୍ଚଳ ଏବଂ ରେଳ ଷ୍ଟେସନ ସମ୍ମୁଖରେ ଥିବା ଦୁଇଟି ପୋଖରୀ ଅଞ୍ଚଳକୁ ଜଳମଗ୍ନ କରିଛି। ଏଥିସହିତ ସ୍କୁଲ ଘର ମଧ୍ୟ ଜଳବନ୍ଦୀ ହୋଇଥିବା ଦେଖାଯାଇଛି। ୪ ନମ୍ବର ୱାର୍ଡର ଯୋଡ଼ା ମାର୍କେଟ, ସାଇମନ୍ଦିର ଛକ ନିକଟ ଯୋଡ଼ା ମହିଳା ମହାବିଦ୍ୟାଳୟକୁ ଯୋଡ଼ା ମୁଖ୍ୟରାସ୍ତା ସହ ସଂଯୋଗ କରୁଥିବା ଏକମାତ୍ର ଛେଳପିପୋଲ, ଆମ୍ବଗାନ ବସ୍ତି, ସହିଦନଗର, କୁନ୍ଦୁରନାଳା, ଅଳାବସ୍ତି ଓ ବିଜ୍ଞାକୁଣ୍ଡ ସମେତ ବିଭିନ୍ନ ଅଞ୍ଚଳରେ ମଧ୍ୟ ଜଳବନ୍ଦୀ ପରିସ୍ଥିତି ଦେଖାଦେଇଛି। ପରିସ୍ଥିତି ଗମ୍ଭୀର ହେବା ପରେ ଯୋଡ଼ା ସହରର ବିଭିନ୍ନ ଜଳବନ୍ଦୀ ଅଞ୍ଚଳ ଅନୁଧ୍ୟାନ କରିଛନ୍ତି ଯୋଡ଼ା ପୌରାଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ, ଜାଟୁଆ ସମ୍ପାଦକ ସୁଶାନ୍ତ କୁମାର ବାରିକ, ବିଜେପି କର୍ମୀ ଚର୍ଚ୍ଚିକ ମହାକୁଡ଼ଙ୍କ ସମେତ ଅନ୍ୟ ବିଜେପି କର୍ମକର୍ତ୍ତା ଓ ପୌରପାଳିକା କର୍ମଚାରୀ। ଜଳ ନିଷ୍କାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ଜଳବନ୍ଦୀ ଅଞ୍ଚଳର ଲୋକଙ୍କୁ ଯଥାଶୀଘ୍ର ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଲଗାଣ ବର୍ଷା ଆହୁରି ଜାରି ରହିଲେ ପରିସ୍ଥିତି ଅଧିକ ଗମ୍ଭୀର ହେବା ଆଶଙ୍କା ଥିବାରୁ ଜଳ ନିଷ୍କାସନ ସହ ତଳିଆ ଅଞ୍ଚଳରେ ଆବଶ୍ୟକ ସୁରକ୍ଷା ଓ ରିଲିଫ୍ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଯୌତୁକ ନିର୍ଯାତନା ମାମଲା ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

**ରାଇଘର,୧୩।୭ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ପ୍ରଥମ ଶ୍ରେଣୀ ବିଚାରପତି ବୁଧବାର ଏକ ଯୌତୁକ ନିର୍ଯାତନା ମାମଲାର ଶୁଣାଣି ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୧ ଜଣଙ୍କ ସାକ୍ଷୀଙ୍କ ବୟାନ ଓ ପ୍ରମାଣଙ୍କୁ ଆଧାର କରି ବିଚାରପତି ଆଦିତ୍ୟ ନାରାୟଣ ମହାରଣା ଏହି ରାୟ ଶୁଣାଇଛନ୍ତି। ଏଥିସହ ଅଭିଯୁକ୍ତମାନେ ୫୦୦୦ ଦେବା ସହ ଟଙ୍କା ଜରିମାନା ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୧୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ଗଣ୍ଡ କହିଛନ୍ତି।



ସୂଚନାଯୋଗ୍ୟ, ରାଇଘର ଝୁନକିପାରା ନୂଆପାରା ଗ୍ରାମର ଶଶୀଶେଖର ସାହୁଙ୍କ ଝିଅ ମନ୍ଦାକିନୀ ସାହୁ ୨୦୧୬ରେ ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅନ୍ତର୍ଗତ କୋଇଡିପାଲି ନୂଆଗାଁର ପ୍ରମୋଦ ସାହୁଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ ଯୌତୁକ ଦାବିକରି ଶାରୀରିକ, ମାନସିକ ନିର୍ଯାତନା ଦେଉଥିବାରୁ ୨ ବର୍ଷ ପରେ ନିଜ ଘରକୁ ଫେରି ଆସିଥିଲେ। ୨୦୧୮ରେ ସେ ଶ୍ୱଶୁର ସୁବାଷ ସାହୁ, ଶାଶୁ ମଞ୍ଜୁଳା ସାହୁ, ସ୍ୱାମୀ ପ୍ରମାଦ ଓ ନଣନ୍ଦ ସୁରେନ୍ଦ୍ର ସାହୁଙ୍କ ନାମରେ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ



**ରାଇଘର,୧୩।୭ (ସଂଚାର ବ୍ୟୁରୋ):** ରାଇଘର ଥାନା ଅଧୀନରେ ଥିବା ବୀରପୁର ନିକଟ ଭାରତମାଳା ରାସ୍ତାରେ ଜଣେ ବାଇକ ଚାଳକ ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।ପୋଲିସ ସୂତ୍ରରୁ ପ୍ରକାଶ ଯେ ସକାଳ ପ୍ରାୟ ୮.୩୦ ସମୟରେ ଏହିଘାଟଣା ଘଟିଥିବାବେଳେ ମୃତକ ଜଣକ ଉମରକୋଟ ଡ଼ି ଏନ କେ ର ମଦନ କରାଟି (୬୦)ସେ ନିଜ ବ୍ୟକ୍ତିଗତ କାମରେ ନିରାଡ଼ିହି ଅସୁଧିବାବେଳେ ବୀରପୁର ନିକଟ ଭାରତମାଳା ରାସ୍ତା ରେ ବାଇକ ଟି ହଟାତ ସ୍ଲିପ ହୋଇଯାଇଥିଲା ଯାହା ଫଳରେ ଚାଳକ ମଦନ ରାସ୍ତାରେ ପଡ଼ିଯାଇଥିଲେ।ଏବଂ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା ଏହାପରେ ଘଟଣା ସ୍ଥଳରେ ଥିବା ଲୋକେ ଖବର ଦେବାପରେ ପୋଲିସ ପହଞ୍ଚି ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉକ୍ତ ଘଟଣାକୁ ନେଇ ରାଇଘର ପୋଲିସ ଏକ ମାମଲା ୧୯୯/୨୬ରେ ରୁଜୁ କରି ତଦନ୍ତ ଚଳାଇଛି।

## ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୩।୭ (ସଂଚାର ବ୍ୟୁରୋ):** ଯୁବପିଢ଼ି ମଧ୍ୟରେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ କ୍ୟାମ୍ପସ, ଫୁଲନଖରା ପରିସରରେ ନିଶାମୁକ୍ତ ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଡକ୍ଟର କୃତି ଏସ୍ଏନ୍ସି କ୍ୟାମ୍ପସ-୨ ଆସି ଛାତ୍ରଛାତ୍ରୀମାନଙ୍କୁ ନିଶାସେବନର କୁପ୍ରଭାବ ଉପରେ ଏକ ପ୍ରେରଣାଦାୟକ ଏବଂ ସଚେତନତା ମୂଳକ ଭାଷଣ ପ୍ରଦାନ କରିଥିଲେ। ନିଶାସେବନ ଦ୍ୱାରା ହେଉଥିବା ଶାରୀରିକ, ମାନସିକ, ସାମାଜିକ ଓ ଭାବନାତ୍ମକ କ୍ଷତି ସମ୍ପର୍କରେ ସେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହ ସୁସ୍ଥ ଜୀବନ ଶୈଳୀ, ସକାରାତ୍ମକ ଚିନ୍ତାଧାରା ଓ ଆତ୍ମସଂଯମ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଡକ୍ଟର କୃତି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ନିଶା ବିରୋଧୀ ସଚେତନତା ପ୍ରସାରରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଏକ ନିଶାମୁକ୍ତ ପରିବେଶ ଗଠନ ନିମନ୍ତେ ସମସ୍ତଙ୍କ ସାମୂହିକ ଦାୟିତ୍ୱ ଓ ପ୍ରତିବଦ୍ଧତାର ବାର୍ତ୍ତା ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ଏସ୍ଏନ୍ସି କ୍ୟାମ୍ପସ୨ର ଡିନ୍ ପ୍ରଫେସର ଅନୁରାଧା ପଣ୍ଡା, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ। ଯୁବପିଢ଼ିଙ୍କୁ ସଚେତନ, ଦାୟିତ୍ୱବାନ ଓ ନିଶାମୁକ୍ତ ଜୀବନ ନିମନ୍ତେ ପ୍ରେରିତ କରିବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ସାର୍ଥକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା।

## ନକଲି ସାର ଯୋଗାଣକୁ ନେଇ ଜନ ଶୁଣାଣିରେ ଝଡ଼



**ନୀଳଗିରି,୧୦।୮ (ସଂଚାର ବ୍ୟୁରୋ):** ଓଡ଼ିଶାର ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସାର ର କଳାବଜାରୀ କଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ କହିବା ସହ ନକଲି ଓ ସାର କଳାବଜାରୀ ପାଇଁ ଏକ ଏନଫୋର୍ସ ଟିମ୍ ଗଠନ କରାଯାଇଛିବୋଲିସରକାର ଡିଣ୍ଡିମ୍ବ ପିଟୁଥିବା ବେଳେ ବାଲେଶ୍ୱର ଜିଲ୍ଲା ନିଳଗିରି ଅଞ୍ଚଳରେ ଏବେ ନକଲି ସାର କୁ ନେଇ ଚାଷୀମାନେ ଜନଶୁଣାଣୀ ଶିବିରରେ ଝଡ଼ ସୃଷ୍ଟି କରିବା ସହିତ ଥାନାରେ ଅଭିଯୋଗ ଘଟଣା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ କରିଛି।ସରକାରଙ୍କ ନିର୍ଦ୍ଦେଶରେ ଓରମାସ ପକ୍ଷରୁ ଚାଷୀଙ୍କୁ ଡି.ଏ.ପି (୧୮୪୬) ୧୪୨୦ ଟଙ୍କାରେ, ୟୁରିଆ ୩୪୦ଟଙ୍କା, ଓ ପଟାସ୍ ବସ୍ତା ପିଛା ୧୯୦୦ରେ ବିକ୍ରି କରାଯାଉଥିବା ବେଳେ ଚାଷୀ ମାନେ ଏହା ନକଲି ବୋଲି ଜଣା ପଡ଼ିବା ପରେ ସୋମବାର ଦିନ ନୀଳଗିରି ବ୍ଲକକନଫରେନ୍ସ ହୋଲରେ ଚାଲିଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ରେ ଅନେକଚାଷୀ ଅଟୋରେ ସାର ଲୋଡ୍ କରି ଆଣି ଉପସ୍ଥିତ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ତୁରନ୍ତ ସରକାରଙ୍କ ତରଫରୁ କିଏ ଚାଷୀଙ୍କୁ ନକଲି ସାର ଦେଉଛି ତଦନ୍ତ କରି କାର୍ଯ୍ୟନୁଷ୍ଠାନ ପାଇଁ ଚାଷୀ ମାନେ ଦାବି କରିଥିଲେ।ନୀଳଗିରି ବ୍ଲକର କେଉଁ ଅଧିକାରୀଙ୍କ ଇଙ୍ଗିତରେ ଏମ୍.ବି.କେ ମାନଙ୍କ ଜରିଆରେ ଏହି ସାର ପ୍ରଦାନ କରାଯାଉଛି ତାହା ତଦନ୍ତ ସାପେକ୍ଷ। ଏସବୁ ସାରର ଲୁଣ ମିଶିଥିବାର ଚାଷୀମାନେ ଅଭିଯୋଗକୁ ଉପସ୍ଥିତ ବାଲେଶ୍ୱର ଏ.ଡି.ଏମ୍ ତପନ କୁମାର ଖୁଣ୍ଟିଆ ତୁରନ୍ତ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏନେଇ ଉପଯୁକ୍ତ ତଦନ୍ତ କରି ସହ ଯଦି ସତ୍ୟତା ଥାଏ। ତାହାଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଜନ ଶୁଣାଣି ଶିବିର ସ୍ୱାଭାବିକ ହୋଇଥିଲା।

## ୨୦୦ କେଜି ଗଞ୍ଜେଇ ଜବତ ସହ ୨ ଯୁବକ ଗିରଫ



**ମାଲକାନଗିରି,୧୩।୭ (ସଂଚାର ବ୍ୟୁରୋ):** ମହାରାଷ୍ଟ୍ରକୁ ଆମ୍ବୁଲାନ୍ସ ଯୋଗେ ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବା ବେଳେ କାଲିମେଲା ପୁଲିସ ବଡ ଧରପକଡ କରିଛି। ଏହି ଘଟଣାରେ ୨୦୦ କେଜି ଗଞ୍ଜେଇ ସହ ଗୋଟିଏ ଆମ୍ବୁଲାନ୍ସ ଜବତ କରାଯାଇଥିବା ବେଳେ ୨ ଜଣଙ୍କୁ ଗିରଫ କରାଯାଇଛି। ବୁଧବାର ରାତିରେ କାଲିମେଲା ପୁଲିସ କର୍ମଚାରୀମାନେ ପେଟ୍ରୋଲିଂ କରୁଥିବା ବେଳେ ସୁଧାକୋଣ୍ଡା ଗ୍ରାମ ନିକଟରେ ଗୋଟିଏ ସନ୍ଦେହଜନକ ଆମ୍ବୁଲାନ୍ସକୁ ଅଟକାଇଥିଲେ। ଯାଞ୍ଚ ସମୟରେ ଆମ୍ବୁଲାନ୍ସ ଭିତରୁ ୨୦୦ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମହାରାଷ୍ଟ୍ର ରେଜିଷ୍ଟ୍ରେସନ୍ ନମ୍ବର ଏମ୍ଏଚ୍-୦୪ଏଚ୍-୦୯୯୭। ଏସଡିପିଓ ଦିବ୍ୟରଞ୍ଜନ ଦଳେଇ ଓ କାଲିମେଲା ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ସୋମନାଥ ସାହେବରାଓ ଘାଲ୍ (୩୧) ଓ ସୌରଭ ନିର୍ମଳ (୨୯) ଉଭୟ ମହାରାଷ୍ଟ୍ର ଅଞ୍ଚଳର ହୋଇଥିବା ବେଳେ ତାଙ୍କ ଠାରୁ ୨୦୦ କେଜି ଗଞ୍ଜେଇ, ଗୋଟିଏ ଫୋର୍ସ କମ୍ପାନୀ ଆମ୍ବୁଲାନ୍ସ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି ପୁଲିସ। ଏ ସମ୍ପର୍କରେ କାଲିମେଲା ଥାନାରେ କେସ ନଂ- ୧୮୦/୨୬ ଏନଡିପିଏସ ଆଇନର ଧାରା ଅନୁସାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛନ୍ତି।

## ଖାଲରେ ପଡ଼ିଲା ଛୁଆ ହାତୀ
### ବନବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି



**ସୁନ୍ଦରଗଡ଼,୧୩।୭ (ସଂଚାର ବ୍ୟୁରୋ):** ଜଙ୍ଗଲ ଭିତରେ ଏକ ଖାଲରେ ପଡ଼ିଲା ଛୁଆ ହାତୀ, ଘଟଣା ସ୍ଥଳରେ ବନବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ସୁନ୍ଦରଗଡ଼ ବନଖଣ୍ଡ ଅଧୀନ ସବଡେଗା ବ୍ଲକ୍ ହମିରପୁର ପଞ୍ଚାୟତ ର ଗୋପପୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ଛୁଆ ହାତୀ ଖାଲରେ ପଡ଼ିଯାଇଥିବା ସୂଚନା ମିଳିଛି। ଛୁଆ ହାତୀଟି ଖାଲରୁ ବାହାରି ନପାରି ଫସି ରହିଥିବା ବେଳେ ପାଖରେ ମା' ହାତୀ ଜଗି ରହି ଥିବା ସୂଚନା। ଛୁଆ ହାତୀକୁ ଉଦ୍ଧାର କରିବା ପାଇଁ ମା' ହାତୀ ନିଜେ ମଧ୍ୟ ଉଦ୍ୟମ କରୁଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ବନବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମା' ହାତୀର ଆକ୍ରମଣ ଆଶଙ୍କା ଥିବାରୁ ବନବିଭାଗ ସତର୍କତାର ସହ ପରିସ୍ଥିତି ଉପରେ ନଜର ରଖିଛି। ବନବିଭାଗର ପ୍ରାଥମିକ ଅନୁମାନ ଅନୁଯାୟୀ, ମହାବୀର ପାହାଡ଼ ଅଞ୍ଚଳରୁ ହାତୀପଲକୁ ଘଉଡ଼ାଇ ଦିଆଯାଉଥିବା ବେଳେ ସେମାନେ ଏହି ଅଞ୍ଚଳକୁ ଆସିଥିବା ସମ୍ଭାବନା ରହିଛି। ଏହି ସମୟରେ ଛୁଆ ହାତୀଟି ଖାଲରେ ପଡ଼ିଯାଇଥିବା ଅନୁମାନ କରାଯାଉଛି। ଛୁଆ ହାତୀଟିକୁ ସୁରକ୍ଷିତ ଭାବେ ଖାଲରୁ ବାହାର କରିବା ସହ ହାତୀପଲକୁ ମଧ୍ୟ ସୁରକ୍ଷିତ ଭାବେ ଜଙ୍ଗଲ ଅଭିମୁଖେ ଘଉଡ଼ାଇବା ପାଇଁ ବନବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଝିପି ଝିପି ବର୍ଷା ଲାଗିରହିଥିବାରୁ ବନବିଭାଗକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି,

**କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ଦୁର୍ଦ୍ଦଶା**

## ପାଠପଢ଼ାକୁ ମୁହଁ ମୋଡ଼ିଦେଲେ ୩୮୨୦ ଛାତ୍ରଛାତ୍ରୀ

**ଭବାନୀପାଟଣା,୧୩।୭ (ସଂଚାର ବ୍ୟୁରୋ):** ଅଧାରୁ ପାଠପଢ଼ା ଛାଡ଼ିଥିବେ, ସ୍କୁଲ ମୁଁହ ମାଡ଼ିନଥିବେ, ଏମିତି ଛାତ୍ର ଛାତ୍ରୀ ମାନଙ୍କୁ ଚିହ୍ନଟ ପାଇଁ ବ୍ୟାପକ ଅଭିଯାନ ହାତକୁ ନିଆଯାଇଥିଲା। ସଚେତନା ସହ ଛାତ୍ର ଛାତ୍ରୀ ମାନଙ୍କୁ ସ୍କୁଲ ମୁହାଁ କରିବା ପାଇଁ ଉତ୍ସାହିତ କରାଯାଇଥିଲା। ତେବେ କଳାହାଣ୍ଡି ଜିଲ୍ଲାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ସ୍କୁଲ ମୁହାଁ ହେବେ କଣ, ଜିଲ୍ଲାରେ ୩୮୨୯ ଛାତ୍ର ଛାତ୍ରୀ ବିଦ୍ୟାଳୟରୁ ବହି ବସ୍ତା ନେଇ ଧରି ଘରକୁ ଫେରି ଆସିଥିବା ଜଣାପଡ଼ିଛି।ବିଦ୍ୟାଳୟ ମୁହାଁ କରିବା ପାଇଁ ମାଗଣା ବହି, ପୋଷାକ, ମଧ୍ୟାହ୍ନ ଭୋଜନ, ସହ ଆନୁସଙ୍ଗିକ, ବ୍ୟବସ୍ଥା କୁ ହେୟଜ୍ଞାନ କରି ଛାତ୍ର ଛାତ୍ରୀ ବିଦ୍ୟାଳୟ




ଛାଡ଼ିବା ଘଟଣା ଜିଲ୍ଲା ଶିକ୍ଷା ବିଭାଗକୁ ଚିନ୍ତାରେ ପକାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସତ୍ତ୍ୱେ କଳାହାଣ୍ଡି ଜିଲ୍ଲାର ସ୍କୁଲ ମାନଙ୍କରେ ଡ୍ରପ ଆଉଟ୍ ବୃଦ୍ଧି ପାଇବା ଉଦ୍ ବେଗର ବିଷୟ ହୋଇଛି। ମୋଟ ଜିଲ୍ଲାର ୧୩ ଟି ବ୍ଲକରେ ବର୍ତ୍ତମାନ ୩୮୨୦ ଜଣ ଡ୍ରପ ଆଉଟ ଛାତ୍ରଛାତ୍ରୀ ଅଛନ୍ତି। ଥୁଆମୂଳ ରାମପୁର ବ୍ଲକ ରେ ୬୭୮ ଜଣ ଛାତ୍ର ଛାତ୍ରୀ ଡ୍ରପ ଆଉଟ୍ ଥିବା ବେଳେ କର୍ଲାମୁଣ୍ଡା ବ୍ଲକରେ ସର୍ବନିମ୍ନ ୨୩ ଜଣ ଛାତ୍ର ଛାତ୍ରୀ ଅଧାରୁ ପାଠପଢ଼ା ରେ ଡୋରି ବାନ୍ଧିଛନ୍ତି। ପରିସଂଖ୍ୟାନ ହିସାବ ରେ ଭବାନୀପାଟଣା ସହର ବ୍ଲକ ରେ ୭ ରୁ ୧୪ ବର୍ଷ ୧୬୪ ଜଣ ୧୪ ରୁ ୧୬ ବର୍ଷ ୩୩୬ ଜଣ କୁ ମିଶାଇ ମୋଟ ୫୦୦ ଜଣ ଅଧାରୁ ପାଠପଢ଼ା ଛାଡ଼ିଛନ୍ତି। ଥୁଆମୂଳ ରାମପୁର ବ୍ଲକରେ ୭ ରୁ ୧୪ ବର୍ଷର ୩୧୧ ଜଣ, ୧୪ ରୁ ୧୬ ବର୍ଷର ୩୬୭ ଜଣ ସମେତ ୬୭୮ ଜଣ ଏମିତି ବିଭିନ୍ନ ଜିଲ୍ଲାରୁ ଛାତ୍ର ଛାତ୍ରୀ ଅଧାରୁ ପାଠ ଛାଡିଛନ୍ତି। ଜିଲ୍ଲାରେ ୭ ରୁ ୧୪ ବର୍ଷର ୧୧୨୯ ଜଣ ଛାତ୍ର ଛାତ୍ରୀ ପାଠ ଛାଡିଥିବାବେଳେ, ୧୪ ରୁ ୨୬ ବର୍ଷର ୨୬୯୧ ଜଣ ଅଧାରୁ ସ୍କୁଲ ଯାଇନାହାନ୍ତି।

## ପ୍ରବଳ ବର୍ଷାରେ ଧୋଇ ଗଲା ବ୍ରିଟିଶ୍ ଅମଳର ସୁଇଜଗେଟର ଗାଡ୍ଡୁଆଲ



**ବାଲିଆପାଳ,୧୩।୮ (ସଂଚାର ବ୍ୟୁରୋ):** ବୁଧବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡାଶ ପଞ୍ଚାୟତର ପାକମୁଣ୍ଡି ଠାରେ ଇରିଗେସନ ବିଭାଗ ଅଧିନରେ ଥିବା ପ୍ରାୟ ୧୫୦ ବର୍ଷର ବୀଟ୍ରିସ ଅମଳର କଡୁଆ ପୋଲର ଗାଡ୍ଡୁଆଲଟି ଭୁଷୁଡି ଯାଇଛି। ଏହି ପୋଲ ଦେଇ ଶୋଳଷା ପାଣ୍ଡ ରୁ ପାଣି ନିଷ୍କାସନ ହୋଇଥାଏ। ପୂର୍ବରୁ ଏହି ସୁଇଜ ଗେଟ ଟି ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ହୋଇଯାଇଥିଲା। ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କଲା ପରେ ଇରିଗେସନ ବିଭାଗ ପକ୍ଷରୁ କେବଳ ସିମେଣ୍ଟ ମାରି ଫାଟକୁ ବୁଜାଯାଇଥିଲା। ଯଦି ଅଧିକ ବର୍ଷା ଲାଗି ରୁହେ ତେବେ ସୁଇଜଗେଟ କୁ ସଂଯୋଗ କରୁଥିବା ରାସ୍ତାଟି ଧୋଇ ଯିବାର ଆଶଙ୍କା ସୃଷ୍ଟି ହୋଇଛି। ଯୁଦ୍ଧ କାଳୀନ ଭିତ୍ତିରେ ଏହି ପୋଲ କାମକୁ ନକରା ଯାଏ ତେବେ ହେକ୍ଟର ହେକ୍ଟର ଚାଷ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି ବୋଲି ସରୋଜ କର, ସୁବ୍ରତ ପ୍ରଧାନ, ଗୌରାଙ୍ଗ କରଣ, ସମ୍ଭୁନାଥ ଜେନା, କୀର୍ତ୍ତନ କରଣ ପ୍ରମୁଖ ଗ୍ରାମବାସୀ କହିଛନ୍ତି ଏନେଇ ବିଭାଗୀୟ ଅଧିକାରୀ ନନିଗୋପାଳ ସେନ କହିଛନ୍ତି ଉପସ୍ଥିତ ଅଧିକାରୀ ଙ୍କ ସହିତ ଆଲୋଚନା କରି ଏବେ ଅସ୍ଥାୟୀ ଭାବେ ମରାମତି କାର୍ଯ୍ୟ କରାଯିବ ବର୍ଷା କମିଲା ପରେ ଗାଡ୍ଡୁଆଲ ର ପୂନୋରଉଦ୍ଧାର କାର୍ଯ୍ୟ କରାଯିବ।

## ଭେଦଭାବ ନୁହେଁ, ସଚେତନତାରେ ଏଡ୍ସ ମୁକାବିଲା




**ଖୋର୍ଦ୍ଧା,୧୩।୭ (ସଂଚାର ବ୍ୟୁରୋ):** ଏଚ୍ଆଇଭି/ଏଡ୍ସ ଓ ଯୌନ ସଂକ୍ରମିତ ରୋଗ (ଏସ୍ଟିଆଇ) ସମ୍ପର୍କରେ ଜନସଚେତନତା ବୃଦ୍ଧି, ପ୍ରତିରୋଧମୂଳକ ଆଚରଣକୁ ପ୍ରୋତ୍ସାହନ ଏବଂ ଏଚ୍ଆଇଭି ସଂକ୍ରମିତଙ୍କ ପ୍ରତି ଭେଦଭାବ ଦୂର କରିବା ଲକ୍ଷ୍ୟରେ ରାଜ୍ୟସ୍ତରୀୟ ବ୍ୟାପକ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ଅଭିଯାନ-୨୦୨୬ ବୁଧବାର ଖୋର୍ଦ୍ଧା ଜୟୀ ରାଜଗୁରୁ ଟାଉନ୍ ହଲ୍ ପରିସରରୁ ଶୁଭାରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍ଘାଟନ କରିଥିଲେ। ଜୟୀ ରାଜଗୁରୁ ଟାଉନ୍ ହଲ୍ରୁ ବାହାରିଥିବା ଶୋଭାଯାତ୍ରା ବନଖଣ୍ଡ କାର୍ଯ୍ୟାଳୟ ଦେଇ ପୁନର୍ବାର ଟାଉନ୍ ହଲ୍ ପରିସରରେ ପହଞ୍ଚିଥିଲା। ଅଭିଯାନର ବାର୍ତ୍ତା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପହଞ୍ଚାଇବା ପାଇଁ ସଜ୍ଜିତ ସଚେତନତା ଭ୍ୟାନ୍ର ମଧ୍ୟ ଶୁଭାରମ୍ଭ କରାଯାଇଥିଲା।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ହୁଇଲ ଚେୟାର ପ୍ରଦାନ



**ଯାଜପୁର ରୋଡ଼, ୧୩।୮(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରର ନବ ଉତ୍କଳ ମହିଳା ସମିତି ପକ୍ଷରୁ ବ୍ୟାସନଗର ପୌରାଞ୍ଚଳ ଏରିଆର ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ବ୍ୟବହାର ସେବା ନିମନ୍ତେ ଦୁଇଟି ହୁଇଲ ଚେୟାର ଯୋଗାଇ ଦିଆଯାଇଛି। ଏହି ଚେୟାର ପ୍ରଦାନ ସମୟରେ ନବ ଉତ୍କଳ ମହିଳା ସମିତିର ଉପଦେଷ୍ଟା ଶାନ୍ତିଲତା ମାଝୀ, ସଭାପତି ଅମୃଲୀ ପହି, ସମ୍ପାଦିକା ଜୟନ୍ତୀ ଜେନା, କୋଷାଧ୍ୟକ୍ଷା କବିତା ପାତ୍ର ଓ ସୁଷମା ବଳ, ଚନ୍ଦନା ଜେନା, ରମା ଓଝା, ସନ୍ଧ୍ୟା ଦାସ, ମେଡିକାଲ ଅଫିସର ଶ୍ରୀଯୁକ୍ତ ଗୌତମ ସାହୁ, ନର୍ସିଙ୍ଗ ଅଫିସର ଶ୍ରୀମତୀ ପୂର୍ଣ୍ଣିମା ପଣ୍ଡା, ସ୍ୱେଚ୍ଛାସେବୀ ରାଜେଶ କୁମାର ରାଉତ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୋରେଇର ପ୍ରସୂତି ବିଭାଗର ଡାକ୍ତର ସୌଭାଗ୍ୟ ସୁବୁଦ୍ଧି, ଆୟୁଷ ମେଡିକାଲ ଅଫିସର ଡାକ୍ତର ଶ୍ରୀମତୀ ଚିତ୍ରଲେଖା ମଲ୍ଲ, ନର୍ସିଙ୍ଗ ଅଫିସର ସସ୍ମିତା ମଲ୍ଲୀକ, କ୍ଷୀରବ୍ଧି ତନୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଫୋଟୋ ଉଠେଇବାକୁ ଯାଇ ଜଳପ୍ରପାତରେ ଖସିପଡି ଜଣେ ଯୁବକ ମୃତ, ଜଣେ ଗୁରୁତର



**ଫୁଲବାଣୀ,୧୩।୭ (ସଂଚାର ବ୍ୟୁରୋ):** ଫୁଲବାଣୀ ସଦର ବ୍ଲକ ଗୋଛାପଡା ଥାନା କଟ୍ରିଙ୍ଗିଆ ପଞ୍ଚାୟତ ଅଧୀନରେ ଥିବା ଐତିହାସିକ ଉର୍ମାଗଡ଼ ଜଳ ପ୍ରପାତ ରୁ ଖସି ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ଯୁବକ ଜଣକ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଧୀନରେ ଥିବ ରତଙ୍ଗ ପଞ୍ଚାୟତ ଦାଙ୍ଗିଡ଼ିକିଆ ବରସାହି ର କୁମର ପ୍ରଧାନ ଙ୍କ ପୁଅ ଶାନ୍ତନୁ ପ୍ରଧାନ ବୋଲି ଜଣାପଡିଥିବା ବେଳେ ଗୁରୁତର ଆହତ ହୋଇଥବା ଯୁବକ ଜଣକ ମଧ୍ୟ ସେହି ଗାଁ ର ଭରତ କହଁର ବୋଲି ଜଣାପଡିଛି । ସୂଚନା ଅନୁସାରେ ବୁଧବାର ଅପରାହ୍ନ ଦୁଇଟା ସମୟରେ ଉଭୟ ମୃତକ ଏବଂ ଆହତ ଯୁବକ ଉର୍ମାଗଡ଼ ବୁଲିବାକୁ ଯାଇଥିଲେ । ଜଳପ୍ରପାତ ରେ ଫୋଟୋ ଉଠୁଥିବା ବେଳେ ଶାନ୍ତନୁ ପ୍ରଧାନ ଙ୍କ ଗୋଡ଼ ଖସିଯିବାରୁ ସେ ପ୍ରାୟ ଚାରିସହ ଫୁଟ ତଳେ ପଡିଯାଇଥିଲେ । ତାକୁ ବଞ୍ଚାଇବାକୁ ଯାଉଥିବା ବେଳେ ଭରତ କହଁର ଙ୍କ ମଧ୍ୟ ଗୋଡ଼ ଖସି ଯାଇଥିଲା ଓ ସେମଧ୍ୟ ଝରଣା ତଳେ ପଡିଯାଇଥିଲେ। ତେବେ ଯୁବକ ଙ୍କ ଚିତ୍କାର ଶୁଣି ଉର୍ମାଗାଡ଼ ର ସୁରକ୍ଷା ଦାୟିତ୍ୱ ରେ ଥିବା ସିକ୍ୟୁରିଟି ଗାର୍ଡ ଗୋପୀନାଥ ଜାଲ ଙ୍କ ସହ ସ୍ଥାନୀୟ କିଛି ଯୁବକ ଭରତ କହଁର ଙ୍କୁ ବଞ୍ଚାଇବାରେ ସଫଳ ହୋଇଥିବା ବେଳେ ଶାନ୍ତନୁ ପ୍ରଧାନ ପାଣି ରେ ବୁଡି ଯାଇଥିବାରୁ ତାଙ୍କୁ ବଞ୍ଚାଇ ପାରିନଥିଲେ। ତେବେ ଖବର ପାଇ ଘଟଣା ସ୍ଥଳରେ ଗୋଛାପଡା ପୋଲିସ ସହ ଫିରିଙ୍ଗିଆ ଅଗ୍ନିଶମ ବାହିନୀ ପହଂଚି ଜଳ ପ୍ରପାତ ଭିତରୁ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦପାଇଁ ପୋଲିସ ଗାଡ଼ିରେ ହିଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ବ୍ୟବଚ୍ଛେଦ ପାଇଁ ନେଇଥିବା ବେଳେ ଆହତ ଯୁବକ ଙ୍କୁ ଦମକଳ ବାହିନୀ ଫିରିଙ୍ଗିଆ ଗୋଷ୍ଟି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅଣିଥିଲେ ।

## ପୋଲ ଉପରେ ୫ ଫୁଟର ବନ୍ୟା ଜଳ, ହନ୍ତସନ୍ତ ଶତାଧିକ ଗ୍ରାମବାସୀ



**ବେତନଟୀ,୧୩।୭ (ସଂଚାର ବ୍ୟୁରୋ):** ଗତ କିଛି ଦିନ ହେବ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବେତନଟୀ-ଦହିକୁଟି ମୁଖ୍ୟ ରାସ୍ତାରେ ଥିବା ବାଉଁଶ ନଦୀ ପୋଲ ଉପରେ ପ୍ରାୟ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଏହି ପ୍ରମୁଖ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ପୋଲ ଉପରେ ଜଳର ପ୍ରବଳ ସ୍ରୋତ ପ୍ରବାହିତ ହେଉଥିବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଯାତ୍ରୀ, ଗାଡ଼ିମୋଟର ଓ ସ୍ଥାନୀୟ ଲୋକେ ଅଟକି ରହିଛନ୍ତି। ଦହିକୁଟି ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ ନିତ୍ୟାବଶ୍ୟକ ସାମଗ୍ରୀ, ସ୍ୱାସ୍ଥ୍ୟସେବା ଏବଂ ଗମନାଗମନ ପାଇଁ ନାହିଁ ନଥିବା ହନ୍ତସନ୍ତ ହେଉଛନ୍ତି। ଜରୁରୀ କାର୍ଯ୍ୟ ପାଇଁ ବାହାରକୁ ବାହାରିଥିବା ଲୋକମାନେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇରହିବାକୁ ବାଧ୍ୟ ହେଉଛନ୍ତି।

# ଷ୍ଟ୍ରେଚରରେ ରୋଗୀର ଜୀବନ, ଫାଇଲରେ ରାସ୍ତା!

**ଲୋକଙ୍କ ଜୀବନ ସହ ଖେଳୁଛି ବ୍ଲକ ପ୍ରଶାସନ**

**କାକଟପୁର/ଅସ୍ତରଙ୍ଗ ,୧୩।୭ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ଦୀର୍ଘ ବର୍ଷ ପୂରିଲା, କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତ ମଠ ସାହି ଆଜି ବି ପଥର ଯୁଗରେ ବଞ୍ଚୁଛି। ଏଠାରେ ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଆମ୍ବୁଲାନ୍ସ ନୁହେଁ, କାନ୍ଧ ହିଁ ଭରସା। ରାସ୍ତା ନଥିବାରୁ ଗୁରୁତର ରୋଗୀଙ୍କୁ ଗ୍ରାମବାସୀ ଷ୍ଟ୍ରେଚରରେ ବୋହି ବିଲ ମଝିରେ କାଦୁଅ ଫଙ୍କ ରେ ନେଲେ। ଏହା କୌଣସି ସିନେମାର ଦୃଶ୍ୟ ନୁହେଁ, ଏହା ୨୦୨୬ର ଓଡ଼ିଶା। ଘଟଣା ଗୁରୁବାର ସକାଳର।ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତ ମଠ ସାହିର ଜଣେ ବୟସ୍କ ରୋଗୀ ହଠାତ ଛାତି ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ। ପରିବାର ଲୋକେ ତୁରନ୍ତ ୧୦୮କୁ ଡାକିଲେ। ଆମ୍ବୁଲାନ୍ସ ଆସି ଗାଁ ମୁଣ୍ଡରେ ଥିବା ରାସ୍ତାରେ ଠିଆ ହୋଇଗଲା। ଆଗକୁ ରାସ୍ତା ନାହିଁ, କେବଳ କାଦୁଅ ଓ ପାଣି ଜମା ବିଲ। ବାଧ୍ୟ ହୋଇ ଯୁବକମାନେ ଆମ୍ବୁଲାନ୍ସରୁ ଷ୍ଟ୍ରେଚର ଖୋଲି ଆଣିଲେ। ତା'ପରେ ପ୍ରାୟ ୧ଶହ ମିଟର ବିଲ ଓ ଚିକିଟା କାଦୁଅ ଦେଇ ରୋଗୀଙ୍କୁ ବୋହି ଆଣି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଂଚାଇଲେ। ମୁହୂର୍ତ୍ତର ବିଳମ୍ବ ହୋଇଥିଲେ ହୁଏତ ଆଉ ଗୋଟିଏ ଜୀବନ ଯାଇଥାନ୍ତା। ଏହା ପଛରେ ଅଛି ବର୍ଷ ବର୍ଷର ଅବହେଳା ଓ ରାଜନୀତି। ମଠ ସାହିର ପ୍ରାୟ ୫୦ ପରିବାର ରହୁଛନ୍ତି। କିନ୍ତୁ ଗାଁକୁ ଯୋଡୁଥିବା ଗୋଟିଏ ପକ୍କା ରାସ୍ତା ନାହିଁ। ଗାଁ ଲୋକେ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ବାରମ୍ବାର ଦରଖାସ୍ତ ଦେଇସାରିଲେଣି। କିନ୍ତୁ ଫାଇଲ କେବଳ ବାବୁମାନଙ୍କ ଟେବୁଲରେ ଧୂଳି ମାଡୁଛି। ଅଭିଯୋଗ ହେଉଛି, ନିର୍ବାଚନ ବେଳେ ନେତା ଆସି ପ୍ରତିଶ୍ରୁତି ଦେଇ ଚାଲିଯାଉଛନ୍ତି, କିନ୍ତୁ କାମ ହେଉନାହିଁ। ଏହା ଶହ ଜମିଜମା ସମସ୍ୟା ମଧ୍ୟ ରହିଛି। ଘଟଣା ପରେ ଗଣମାଧ୍ୟମ ବିଡିଓଙ୍କୁ ଫୋନ କଲେ। ଉତ୍ତର ମିଳିଲା ନାହିଁ। ଲୋକଙ୍କ ଜୀବନ ଯାଉଥିଲେ ବି ଦାୟିତ୍ୱରେ ଥିବା ଅଧିକାରିଣୀ ନିର୍ବାକ। ଏହି ପ୍ରଶାସନ କାହାକୁ ଡରୁଛି? କ'ଣ କେବଳ କାଗଜରେ ବିକାଶ ଦେଖାଇଲେ ହେବ? 'ଆମେ କ'ଣ ମଣିଷ ନୁହେଁ?' ସ୍ଥାନୀୟ ଲୋକ ବସନ୍ତ କୁମାର ଦାସ ରୋଷରେ କହିଛନ୍ତି, 'ଆଜି ଆମ୍ବୁଲାନ୍ସ ଆସିଲା ନାହିଁ। କାଲି କାହାର ଘରୁ ଲାଶ ବାହାରିବ? ଆମେ ବାରମ୍ବାର କହୁଛୁ, କେହି ଶୁଣୁନାହାନ୍ତି। ପ୍ରଶାସନ କ'ଣ ମୃତ୍ୟୁ ଖବର ପାଇବା ପରେ ହିଁ ହଲିବ? ଆମ ପିଲାମାନେ ସ୍କୁଲ ଯିବାକୁ,



ଗର୍ଭବତୀ ମହିଳା ଡାକ୍ତରଖାନା ଯିବାକୁ ପ୍ରତିଦିନ ଏହି କଷ୍ଟ ସହୁଛନ୍ତି।' ଆଉ ଜଣେ ଗ୍ରାମବାସୀ ସୁମନ୍ତ ଦାସ କହିଛନ୍ତି 'ତୁରନ୍ତ ରାସ୍ତା ନହେଲେ ଆମେ ସମସ୍ତେ ମିଳି ମିଶି ଅସ୍ତରଙ୍ଗ ବ୍ଲକ ଅଫିସ ଘେରାଉ କରିବୁ।

# ବିଶ୍ୱବିଦ୍ୟାଳୟଗୁଡ଼ିକ ଗୋଟିଏ ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରନ୍ତୁ



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ଅଞ୍ଚଳର ଅନ୍ତତଃ ଗୋଟିଏ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ସ୍ଥାନୀୟ ଲୋକଙ୍କ ଦକ୍ଷତା ଓ ସମ୍ଭାବନା ଚିହ୍ନଟ କରିବା ସହ ଆବଶ୍ୟକତାଭିତ୍ତିକ ପ୍ରଶିକ୍ଷଣ ଓ ଔଦ୍ୟୋଗିକ ସୁଯୋଗ ସୃଷ୍ଟି କରନ୍ତୁ ବୋଲି ରାଜ୍ୟପାଳ ଡ଼. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି। ଗୁରୁବାର ଖୋର୍ଦ୍ଧା ଜିଲ୍ଲାର ଜଟଣୀସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟମାନଙ୍କ କୁଳପତିମାନଙ୍କ ପାଇଁ ଆୟୋଜିତ ଏକଦିନିଆ ଅଭିଜ୍ଞତା ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟପାଳ କହିଥିଲେ ଯେ ବିଶ୍ୱବିଦ୍ୟାଳୟମାନେ ନିଜର ଛାତ୍ରଛାତ୍ରୀ, ଅଧ୍ୟାପକ ଓ ସମ୍ବଳକୁ ବ୍ୟବହାର କରି ତଥା ଗ୍ରାମାନଙ୍କରେ ଉପଲବ୍ଧ ଦକ୍ଷତା ଓ ସମ୍ଭାବନା ଚିହ୍ନଟ କରି ସେହି ଅନୁସାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଉଚିତ। ଏହିଭଳି ପଦକ୍ଷେପ କେବଳ ତାଲିମ ଉପରେ ସୀମିତ ନ ରହି ଲୋକଙ୍କୁ ସେମାନଙ୍କ ଜୀବିକା ଓ ଆୟ ସୃଷ୍ଟିକାରୀ ଉଦ୍ୟୋଗରେ ପରିଣତ କରିବାରେ ସାହାଯ୍ୟ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। ପିଏମ ମୁଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ଯୋଜନା ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ବିଶ୍ୱବିଦ୍ୟାଳୟମାନେ ଗ୍ରାମୀଣ ଗୋଷ୍ଠୀକୁ ଏହିଭଳି ଯୋଜନା ବିଷୟରେ ସୂଚନା ପ୍ରଦାନ କରିବା ଓ ଯୋଗ୍ୟ ହିତାଧିକାରୀମାନଙ୍କୁ ସୁବିଧା ଉପଲବ୍ଧ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ।

# ବିଜ୍ଞାନ-ଭିତ୍ତିକ ବିକାଶ ପାଇଁ ସମନ୍ୱିତ ରୋଡ୍‌ମ୍ୟାପ୍



ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିକଟରେ ତାଙ୍କର ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତ ଶେଷ କରିଛନ୍ତି। ଏହି ଅବସରରେ ଶ୍ରୀ ପାତ୍ର କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହଙ୍କୁ ସାକ୍ଷାତ କରି ପୂର୍ବ ଭାରତର ବିଜ୍ଞାନ-ଭିତ୍ତିକ ବିକାଶ ପାଇଁ ଏକ ସମନ୍ୱିତ ରୋଡ୍‌ମ୍ୟାପ୍ ଚୂଡ଼ାନ୍ତ ଉପରେ ଆଲୋଚନା କରିଛନ୍ତି।

ଉଭୟ ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି ଯେ ଜାତୀୟ ବାୟୋ-ଇ ଥ୍ରୀ ଢାଞ୍ଚା (ଅର୍ଥନୀତି, ପରିବେଶ ଏବଂ ରୋଜଗାର ପାଇଁ ଜୈବ-ପ୍ରଯୁକ୍ତି ବିଦ୍ୟା)କୁ ଆଗକୁ ନେବା ଲାଗି ଭୁବନେଶ୍ୱରସ୍ଥିତ ଜୈବ ବିଜ୍ଞାନ ସଂସ୍ଥାର ସମ୍ପ୍ରସାରଣ ନିମନ୍ତେ ଅତିରିକ୍ତ ୫୦ ଏକର ଜମି ଯୋଗାଇବାକୁ ପଦକ୍ଷେପ ନିଆଯିବ। ଏଥିସହ କେନ୍ଦ୍ରୀୟ ବଜେଟ୍‌ରେ ଚଳିତ ଆର୍ଥିକ ବର୍ଷ ପାଇଁ ଓଡ଼ିଶାରେ ଅନୁସନ୍ଧାନ, ପ୍ରକ୍ରିୟାକରଣ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ସାମରିକ ସାମଗ୍ରୀ ନିର୍ମାଣ ଉପରେ ଧ୍ୟାନ ଦେଇ ଏକ ସ୍ୱତନ୍ତ୍ର ବିରଳ ମୃତ୍ତିକା କରିଡର୍ ପ୍ରତିଷ୍ଠା କରାଯିବ। ଆଗାମୀ ପର୍ଯ୍ୟାୟରେ ଓଡ଼ିଶା ମେରାଇନ୍ ବାୟୋ-ଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ୍ ଇନୋଭେସନ୍ କୋରିଡୋରକୁ ଭୂ-ବିଜ୍ଞାନ, ସିଏସଆଇଆର ଓ ଜୈବପ୍ରଯୁକ୍ତିବିଦ୍ୟା ବିଭାଗ ସହିତ ନିବିଡ଼ ଭାବରେ ଯୋଡ଼ିବାକୁ ଚେଷ୍ଟା କରାଯିବ।

ଏହି ଅବସରରେ ଓଡ଼ିଶାରେ ସରକାରୀ ଓ ବେସରକାରୀ ଭାଗିଦାରିତାରେ ଏକ ସ୍ପେସ୍ ରିସର୍ଚ୍ଚ ଆଣ୍ଡ୍ ମାନୁଫ୍ୟାକ୍ଚରିଂ ସେଣ୍ଟର୍ ବିକଶିତ କରିବା ପାଇଁ ଇସ୍ରୋ ସହିତ ସହବନ୍ଧିତା ସୁଦୃଢ଼ କରିବାକୁ ଘୋଷଣା କରାଯାଇଛି। ସ୍ଥାୟୀ ସାମୁଦ୍ରିକ ଅର୍ଥନୀତି ପାଇଁ ଡିପ୍ ଓସନ୍ ମିଶନ୍ ସହିତ ଓଡ଼ିଶା ଡିପ୍ ସି ଫିସିଂ ମିଶନ୍ (୨୦୨୬-୨୦୩୬)ର ସମନ୍ୱୟ କରାଯାଇ ଉପକୂଳ ଓ ଗଭୀର ସମୁଦ୍ର ଅର୍ଥନୀତିର ସୁଦୃଢ଼ୀକରଣ କରାଯିବ।

■ ଚିଲିକା ହତ୍ୟା ମାମଲାର ପର୍ଦ୍ଦାଫାଶ

## ନାବାଳକଙ୍କୁ ୧୮ ଜଣ ମିଶି ହତ୍ୟା କରିଥିଲେ



କୃଷ୍ଣପ୍ରସାଦ,୧୩।୮ (ସଂଚାର ବ୍ୟୁରୋ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ କୁମାରପୁର ଚିଲିକା ହ୍ରଦରେ ଗତ ୧୧ ତାରିଖରେ ଘଟିଥିବା ନାବାଳକ ହତ୍ୟା ଘଟଣାରେ ପୁରୀ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ମାମଲାର ମୁଖ୍ୟ ଅଭିଯୁକ୍ତ ଗଣେଶ ଦାସଙ୍କୁ ପୋଲିସ ଗିରଫ କରିଥିବା ବେଳେ ୧୭ଜଣଙ୍କୁ ମିଶାଇ ମୋଟ ୧୮ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତଙ୍କଠାରୁ ୩ଟି ବୋଟ ଓ ହତ୍ୟାକାଣ୍ଡରେ ବ୍ୟବହୃତ କାଠ ଫାଳିଆକୁ ପୋଲିସ ଜବତ କରିଛି। ଚିଲିକା ହ୍ରଦରେ ଚିଙ୍ଗୁଡ଼ି ଓ ମାଛ ଚୋରି କରୁଥିବା ବେଳେ ଅଭିଯୁକ୍ତମାନେ ସ୍ଥାନୀୟ ଲୋକଙ୍କ ବିରୋଧର ଶିକାର ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ବଚସା ଓ ହାତାହାତି ହୋଇଥିଲା। ଆକ୍ରମଣରେ ଦୁଇଜଣ ଗୁରୁତର ଥିବା ବେଳେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିଲା ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପୁରୀ ଏସ୍‌ପି ପ୍ରତୀକ ସିଂ କହିଛନ୍ତି।

## ତିର୍ତ୍ତୋଲ ବ୍ଲକରେ ୩.୦୨ କୋଟି ହେରଫେର ଅଭିଯୋଗ

### ୨ ପୂର୍ବତନ ଅଧିକାରୀ ଗିରଫ



ତିର୍ତ୍ତୋଲ, ୧୩।୮ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକରେ ବଡ଼ ଧରଣର ସରକାରୀ ଅର୍ଥ ହେରଫେର ମାମଲାର ପର୍ଦ୍ଦାଫାସ କରିଛି ଓଡ଼ିଶା ଭିଜିଲାନ୍ସ। ପ୍ରାୟ ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ସରକାରୀ ଅର୍ଥ ହେରଫେର ଅଭିଯୋଗରେ ତିର୍ତ୍ତୋଲ ବ୍ଲକ୍‌ର ଦୁଇ ପୂର୍ବତନ ସରକାରୀ ଅଧିକାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗିରଫ ଅଭିଯୁକ୍ତମାନେ ହେଲେ ତିର୍ତ୍ତୋଲ ବ୍ଲକ୍‌ର ପୂର୍ବତନ ବରିଷ୍ଠ ରାଜସ୍ୱ ସହାୟକ ଭଞ୍ଜ କିଶୋର ବେହେରା ଏବଂ ପୂର୍ବତନ ପିଇଓ ପ୍ରଦୀପ୍ତ କୁମାର ମଲ୍ଲିକ। ପ୍ରଦୀପ୍ତ କୁମାର ମଲ୍ଲିକ ଅବସରପ୍ରାପ୍ତ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ମାମଲାରେ ତିର୍ତ୍ତୋଲ ବ୍ଲକ୍‌ର ପୂର୍ବତନ ଏଇଇ ସ୍ୱର୍ଗତ ରାଜଦୀପ ହାଁସଦାଙ୍କ ନାମ ମଧ୍ୟ ରହିଛି। ସୂଚନା ଅନୁସାରେ, ୨୦୧୧-୧୨ରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟରେ ଯୋଜନାବଦ୍ଧ ଭାବେ ସରକାରୀ ଅର୍ଥ ହେରଫେର କରାଯାଇଥିବା ଅଭିଯୋଗ ରହିଛି। ସରକାରୀ ବେତନ ରେଜିଷ୍ଟର ଓ ଅର୍ଥ ପ୍ରଦାନ ସମ୍ବନ୍ଧୀୟ ଦସ୍ତାବିଜରେ ଜାଲିଆତି ଓ ଟାମ୍ପରିଂ କରାଯାଇଥିବା ତଦନ୍ତରୁ ଜଣାପଡ଼ିଥିବା ଭିଜିଲାନ୍ସ କହିଛି। ଏହା ସହିତ ଅନୁମୋଦିତ ବଜେଟ୍‌ଠାରୁ ଅଧିକ ଟଙ୍କାର ଫର୍ଜି ବେତନ ବିଲ୍ ପ୍ରସ୍ତୁତ କରି ଦାଖଲ କରାଯାଇଥିବା ଅଭିଯୋଗ ହୋଇଛି।

● ବଡ଼ ଧରଣର ସାର କଳାବଜାରୀ ଅଭିଯୋଗ

## ୧୯୦ ବସ୍ତା ସାର ଜବତ କଲା କୃଷି ବିଭାଗ



ଜଗତସିଂହପୁର, ୧୩।୮ (ସଂଚାର ବ୍ୟୁରୋ): ବିଶେଷ ସୂତ୍ରରୁ ଖବର ପାଇ ତହସିଲଦାର, ପୁଲିସ ଓ କୃଷି ବିଭାଗ ପକ୍ଷରୁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗାରୋଇ ଡାହାଣୀଖିଆ ଗାଁରେ ଚଢ଼ାଉ କରି ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ୧୯୦ ବସ୍ତା ସାର ଜବତ କରିଛନ୍ତି। ମାଲିକ ତାରକ ସାହୁଙ୍କ ଘର ପାଖରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ସେ ତାଲା ପକାଇ ରଖିଥିବା ୟୁରିଆ, ଡିଏପି, ଗ୍ରୋମର ଓ ପଟାସ ସାର ମିଶାଇ ପ୍ରାୟ ୧୫୫ ବସ୍ତା ସାର ଜବତ କରାଯାଇଥିବା ବେଳେ ତାରକଙ୍କ ବଜାରରେ ଥିବା ଦୋକାନରୁ ଆଉ ୩୫ ବସ୍ତା ସାର ଜବତ କରାଯାଇଛି। ସମୁଦାୟ ୧୯୦ ବସ୍ତା ସାର ଜବତ କରିଛି ନାଉଗାଁ କୃଷି ବିଭାଗ।

ବେଆଇନ ଭାବେ ସାର ଗଚ୍ଛିତ ରଖିବା ଓ ବିକ୍ରି ସମ୍ପର୍କରେ ବିଭାଗ ପକ୍ଷରୁ ଅଧିକ ଯାଞ୍ଚ ଜାରି ରହିଛି। ସମସ୍ତ ୧୯୦ ବସ୍ତା ସାରକୁ ଜବତ କରିବା ସହିତ ତାର ମାନ ପରୀକ୍ଷା ପାଇଁ ସାମ୍ପୁଲ ସଂଗ୍ରହ କରାଯିବା ପରେ ତାର ଗୁଣବତ୍ତା ପରୀକ୍ଷା ନିମନ୍ତେ ଲାବ୍ରୋଟୋରିକୁ ପଠାଯାଇଛି। ଲାବ୍ରୋଟୋରି ପରୀକ୍ଷା ରିପୋର୍ଟ ଆସିବା ଯାଏ ନିକଟସ୍ଥ ଡେରିକି ପ୍ରାଥମିକ କୃଷି ସମବାୟ ସମିତିରେ ଏହି ସାରକୁ ଗଚ୍ଛିତ ରଖାଯାଇଛି। ଅନ୍ୟପଟେ ବର୍ତ୍ତମାନ ଚାଷ କାର୍ଯ୍ୟ ଚାଲିଥିବା ବେଳେ ଚାଷୀଙ୍କ ଆବଶ୍ୟକୀୟ ମୁତାବକ ସାର ବଜାରରେ ମିଳୁ ନାହିଁ। ଏହାର ସୁଯୋଗ ନେଇ ଚୋରା ବେପାରିମାନେ ସକ୍ରିୟ ହୋଇ ଉଠିଛନ୍ତି। ଯାହା ଫଳରେ ଚାଷୀ ଚଢ଼ା ଦରରେ ସାର କ୍ରୟ କରୁଛନ୍ତି। କୃଷି ବିଭାଗର ଏହି ଚଢ଼ାଉ ପରେ ସାର କଳାବଜାରୀ କରୁଥିବା ବ୍ୟବସାୟୀଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି।

## ଟିଏମସି ପୂର୍ବତନ ବିଧାୟକ ଗିରଫ



ସୋର, ୧୩।୮ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ଟି.ଏମ.ସିର ପୂର୍ବତନ ବିଧାୟକ ନିର୍ମଳ ଘୋଷ ପଶ୍ଚିମବଙ୍ଗ ଖୋର୍ଦ୍ଧା ପୋଲିସ ଦ୍ୱାରା ସିମୁଳିଆ ଥାନାରେ ଅଟକ। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଞ୍ଚଳରେ ଥିବା ଏକ ହୋଟେଲରୁ ପଶ୍ଚିମବଙ୍ଗ ଟି.ଏମ.ସିର ପୂର୍ବତନ ବିଧାୟକ ନିର୍ମଳ ଘୋଷ ଲୁଚି ରହିଥିଲେ। ଆଜି ପଶ୍ଚିମବଙ୍ଗ ପୋଲିସ ମୋବାଇଲ ଟ୍ରାକ କରି ଟି.ଏମ.ସିର ପୂର୍ବତନ ବିଧାୟକ ନିର୍ମଳ ଘୋଷଙ୍କୁ ସିମୁଳିଆ ପୋଲିସ ସହାୟତାରେ ଜାମୁଝାଡ଼ି ଓଡ଼ିଶୀ ହୋଟେଲରୁ ଧରିଥିବା ସୂଚନା ମିଳିଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି କୋଲକାତାର ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଜଣେ ଡାକ୍ତରଙ୍କ ବଳାତ୍କାର ଏବଂ ହତ୍ୟାର ସମ୍ପୃକ୍ତି ଥିବା ନେଇ ସୂଚନା ମିଳିଛି।

## ହୋଟେଲରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ



୨ ନାବାଳକ ଗିରଫ

କଟକ, ୧୩।୮ (ସଂଚାର ବ୍ୟୁରୋ): ବାଦାମବାଡ଼ି ଅଞ୍ଚଳର ଏକ ହୋଟେଲ୍‌ରେ ଜଣେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଘଟଣା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଯୁକ୍ତ ୨ ଛାତ୍ରୀଙ୍କୁ ତାଙ୍କର ଜଣେ ସହପାଠୀ ଅନ୍ୟ ଜଣେ ସାଙ୍ଗକୁ ଡକାଇ ଦୁଷ୍କର୍ମ କରିଥିବା ନେଇ ବାଦାମବାଡ଼ି ଥାନାରେ ମାମଲା ରୁଜୁ ହୋଇଛି। ପୀଡ଼ିତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ନାବାଳକ ବୋଲି ପୁଲିସ କହିଛି। ଏହି ଘଟଣାରେ ପୀଡ଼ିତାଙ୍କ ସହ ଅଭିଯୁକ୍ତଙ୍କର ଏସ୍‌ସିବି ମେଡିକାଲରେ ପୁଲିସ ଡାକ୍ତରୀ ମାଇନା କରାଇଛି।

ଖବରରୁ ପ୍ରକାଶ, କଟକ ସହରର ଏକ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କର ସହ ଉକ୍ତ କଲେଜର ପାଠପଢୁଥିବା ନାବାଳକଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା। କଲେଜରେ ସହପାଠୀ ଜଣକ ସମ୍ପୃକ୍ତ ନାବାଳିକାଙ୍କ ସହ କଥା ହେବା ପାଇଁ ତାଙ୍କୁ ଗତମାସ ବାଦାମବାଡ଼ି ଅଞ୍ଚଳକୁ ଡାକିଥିଲା। ନାବାଳିକା ବାଦାମବାଡ଼ିରେ ପହଞ୍ଚିବା ପୂର୍ବରୁ ତା' ସହ ଅନ୍ୟ ଜଣେ ନାବାଳକ ମଧ୍ୟ ଥିଲା। ବାଦାମବାଡ଼ିରେ ନାବାଳିକା ପହଞ୍ଚିବା ପରେ ରାସ୍ତାରେ ୩ ଜଣ ଯାକ କିଛି ସମୟ କଥାବାର୍ତ୍ତା ହୋଇଥିଲେ। ପରେ ସେମାନେ ନାବାଳିକାଙ୍କୁ ନିକଟସ୍ଥ ଏକ ହୋଟେଲ୍‌କୁ ଡାକି ନେଇଥିଲେ। ହୋଟେଲ୍‌ରେ ନାବାଳିକାକୁ ନେଇ ଅଭିଯୁକ୍ତ ଦ୍ୱୟ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ଦୁଇ ଜଣ ଯାକ ଅଭିଯୁକ୍ତଙ୍କ ମଧ୍ୟରୁ ନାବାଳିକାଙ୍କ ସହପାଠୀ ଥିବା ଅଭିଯୁକ୍ତର ଘର ସିଡିଏ ସେକ୍ଟର ୭ ଅଞ୍ଚଳରେ ଓ ଅନ୍ୟ ଜଣକ ଘର ତିନିକୋଣିଆ ବଗିଚା ଅଞ୍ଚଳ ବୋଲି ଜଣାପଡ଼ିଛି।

● ଜମି ମାଲିକଙ୍କଠୁ ଲାଞ୍ଚ ମାମଲା

## ପୂର୍ବତନ ଅତିରିକ୍ତ ତହସିଲଦାରଙ୍କୁ ୩ ବର୍ଷ ଜେଲ୍



ସୁନ୍ଦରଗଡ଼/ବରଗଡ଼, ୧୩।୮ (ସଂଚାର ବ୍ୟୁରୋ):ଲାଞ୍ଚ ମାମଲାରେ ରାଜଗାଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପୂର୍ବତନ ବିଜେପୁର ଅତିରିକ୍ତ ତହସିଲଦାର ଗୋବିନ୍ଦ ଦଣ୍ଡସେନାଙ୍କୁ ଦଣ୍ଡିତ କରାଯାଇଛି। ଗୁରୁବାର ବରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କଠୋର କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ବିଜେପୁରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିବା ସମୟରେ ଗୋବିନ୍ଦ ଦଣ୍ଡସେନା ଜଣେ ଜମି ମାଲିକଙ୍କ ଜମିର ମ୍ୟୁଟେସନ୍ ମାମଲାର ରେକର୍ଡ ପ୍ରକ୍ରିୟାକରଣ ପାଇଁ ଲାଞ୍ଚ ଦାବି କରିଥିଲେ ଓ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନଅନୁଯାୟୀ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ମାମଲାର ବିଚାର ପରେ ବରଗଡ଼ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଗୋବିନ୍ଦ ଦଣ୍ଡସେନା ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଚାକିରିରୁ ବରଖାସ୍ତ ପାଇଁ ଭିଜିଲାନ୍ସ ପକ୍ଷରୁ ପଦକ୍ଷେପ ନିଆଯିବ।

## ୫୦ ପ୍ରତିଶତ ସବସିଡି ଛାଡ଼ିବାକୁ ୧୫,୦୦୦ ଲାଞ୍ଚ

### କୃଷି ଅଧିକାରୀ ଗିରଫ, ଆୟ ବହିର୍ଭୂତ ସମ୍ପତ୍ତି ଖୋଜୁଛି ଭିଜିଲାନ୍ସ



ବ୍ରହ୍ମପୁର ୧୩।୮ (ସଂଚାର ବ୍ୟୁରୋ): ୫୦ ପ୍ରତିଶତ ସବସିଡି ଟଙ୍କା ଛାଡ଼ିବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ୧୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ବ୍ରହ୍ମପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର ଗିରଫ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମିଶ୍ରିତ କୃଷି ପ୍ରଣାଳୀ ଅଧୀନରେ ଥିବା ଫାଇଲ୍ ପ୍ରୋସେସ୍ କରିବା ଓ ୫୦ ପ୍ରତିଶତ ସବସିଡି ଟଙ୍କା ଛାଡ଼ିବା ପାଇଁ ଜଣେ ହିତାଧିକାରୀଙ୍କ ଠାରୁ ୧୫, ୦୦୦ ଟଙ୍କା ଲାଞ୍ଚ ଦାବି କରି ନେଉଥିବା ସମୟରେ ବ୍ରହ୍ମପୁରର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବ୍ୟୋମକେଶ ମିଶ୍ରଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି।

ଗତ ଦୁଇ ମାସ ଧରି ହିତାଧିକାରୀଙ୍କ ନିବେଦନ ସତ୍ତ୍ୱେ କାମ ନକରି ଅଗ୍ରୀମ ୧୫, ୦୦୦ ଟଙ୍କା ସହ ପରବର୍ତ୍ତୀ ସମୟରେ କମିଶନ୍ ମାଗୁଥିବାରୁ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଚଢ଼ାଉ ବେଳେ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଥିବା ବେଳେ ଆୟ ବହିର୍ଭୂତ ସମ୍ପତ୍ତି ଠାବ ପାଇଁ ମିଶ୍ରଙ୍କ ୩ଟି ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍। କେତେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ହୋଇଛି ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ିନଥିବା ବେଳେ ତଦନ୍ତ ଚାଲିଥିବା କହିଛନ୍ତି ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି। କୃଷି ଅଧିକାରୀ ୨୦୨୯ ମସିହାରେ ଅବସର ଗ୍ରହଣ କରିଥାନ୍ତେ ବୋଲି ଭିଜିଲାନ୍ସ ଏସ୍‌ପି କହିଛନ୍ତି।

## ପାରିବାରିକ ବିବାଦରୁ ସ୍ତ୍ରୀକୁ ଛୁରୀ ମାଡ଼



ଜଳେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ପାରିବାରିକ କଳହର କରୁଣ ପରିଣତି। ସ୍ତ୍ରୀକୁ ଛୁରୀ ଭୁସିଲା ସ୍ୱାମୀ। ଗୁରୁତର ଅବସ୍ଥାରେ ସ୍ତ୍ରୀଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ସ୍ୱାମୀ ଥାନାରେ ଅଟକ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ବିନ୍ଧାଣି ସାହିରେ। ବିନ୍ଧାଣି ସାହିରେ ରୁହନ୍ତି ସ୍ତ୍ରୀ ଯବା ମୁର୍ମୁ ଓ ସ୍ୱାମୀ ରାମ ମୁର୍ମୁ। କୌଣସି କଥାକୁ କେନ୍ଦ୍ରକରି ସ୍ୱାମୀ ସ୍ତ୍ରୀ ମଧ୍ୟରେ ବଚସା ହୋଇଥିଲା। ତେବେ ସ୍ୱାମୀ ରାମ ମୁର୍ମୁ ନିଶାସକ୍ତ ଅବସ୍ଥାରେ ଏକ ଧାରୁଆ ଛୁରୀରେ ସ୍ତ୍ରୀ ଯବାକୁ ଆକ୍ରମଣ କରିଥିଲେ। ଏଥିରେ ଯବାର ପେଟରେ ଗଭୀର ଆଘାତ ଲାଗିଥିବା ବେଳେ ସେ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ ଦେଉଳା ପଞ୍ଚାୟତ ସରପଞ୍ଚ ସରୋଜ ପିଳା ଗୁରୁତର ଯବାକୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ନିଶାଶକ୍ତ ସ୍ୱାମୀ ରାମ ମୁର୍ମୁକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

## ଭାରସାମ୍ୟ ହରାଇ ଘର ଭିତରକୁ ପଶିଗଲା ପିକ୍‌ଅପ୍ ଭ୍ୟାନ୍

■ ଡ୍ରାଇଭରକୁ ବାନ୍ଧି ନିସ୍ତୁକ ପିଟିଲେ ଲୋକେ




ଜଳେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ଭାରସାମ୍ୟ ହରାଇ ଘର ଭିତରକୁ ପଶିଗଲା ପିକ୍‌ଅପ୍ ଭ୍ୟାନ। ଅଳ୍ପକେ ବର୍ତ୍ତିଗଲା ପରିବାର। ହେଲେ ଏହା ପରେ ଖୁଣ୍ଟରେ ବାନ୍ଧି ଡ୍ରାଇଭରକୁ ଜୋତାରେ ନିର୍ଦ୍ଧୁମ ଛେଚିଲେ ସ୍ଥାନୀୟ ଲୋକେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ରାଜପୁର ଠାରେ। ସୂଚନା ଅନୁଯାୟୀ, ଦ୍ରୁତ ଗତିରେ ରାଜଘାଟ ଆଡୁ ଜଳେଶ୍ୱର ଅଞ୍ଚଳକୁ ଆସୁଥିବା ଏକ ପିକଅପ ଭ୍ୟାନ ରାଜପୁର ହିରୋ ବାଇକ୍ ଶୋ'ରୁମ ପୂର୍ବରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଚାଳ ଘର ଭିତରକୁ ପଶିଯାଇଥିଲା। ସୌଭାଗ୍ୟବଶତଃ ଘର ଭିତରେ ଥିବା ପରିବାର ଲୋକେ ଅଳ୍ପକେ ରକ୍ଷା ପାଇଯାଇଥିଲେ। କିନ୍ତୁ ସେହି ସମୟରେ ରାସ୍ତାରେ ସ୍କୁଟିରେ ଯାଉଥିବା ଜଣେ ମହିଳା ଆହତ ହୋଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଡ୍ରାଇଭରକୁ କାବୁ କରିଥିଲେ। ଆଉ ଡ୍ରାଇଭର ଜଣକ ପ୍ରବଳ ମଦ ପିଇଥିବା ଜାଣିବା ପରେ ସେମାନେ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ଚପଲରେ ନିର୍ଦ୍ଧୁମ ଛେଚଥିଲେ। ତେବେ ଖବର ପାଇଁ ଜଳେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର କରି ଥାନାକୁ ନେଇଛି।

■ ଓଡ଼ିଶା ଅର୍ବାନ ଏକାଡେମୀ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି

## ସାମଗ୍ରିକ ବିକାଶ ଓ ପେଷାଦାର କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ




ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ସାମଗ୍ରିକ ଶାସନ ବ୍ୟବସ୍ଥା ଓ ସଂସ୍ଥାଗତ କଲ୍ୟାଣକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ସହରୀ ଶାସନ ବ୍ୟବସ୍ଥାରେ ମାନବ-କୈନ୍ଦ୍ରିକ ଦକ୍ଷତା ବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ଅର୍ବାନ୍ ଏକାଡେମୀ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ପତ୍ର ଚୂଡ଼ାନ୍ତ କରିବା ଉପରେ ଏହି ବୈଠକରେ ଆଲୋଚନା କରାଯାଇଥିଲା।

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏହି ପଦକ୍ଷେପର ଉଦ୍ଦେଶ୍ୟ ଓ ପ୍ରସ୍ତାବିତ କାର୍ଯ୍ୟକାରିତା ଢାଞ୍ଚା ସମ୍ପର୍କରେ ସୂଚନା ଦେଇଥିଲେ। ଓଡିଶା ଅର୍ବାନ ଏକାଡେମୀ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ସରକାରୀ ଅଧିକାରୀ, ପୌର କାର୍ଯ୍ୟନିର୍ବାହୀ ଓ ସହରୀ ସ୍ଥାନୀୟ ସଂସ୍ଥାର କର୍ମଚାରୀଙ୍କ ପାଇଁ ଚାପ ପ୍ରବନ୍ଧନ, ଧ୍ୟାନ, ବିବାଦ ସମାଧାନଓ ଏହା ସହ ଜଡ଼ିତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷଜ୍ଞ ଦକ୍ଷତା-ବୃଦ୍ଧି କାର୍ଯ୍ୟକ୍ରମ ପ୍ରସ୍ତୁତ ଓ ପରିଚାଳନା କରିବେ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ କହିଲେ, ସହରୀ ପ୍ରଶାସନକୁ ସୁଦୃଢ଼ କରିବା ପାଇଁ କେବଳ ପେଷାଦାର ଦକ୍ଷତା ନୁହେଁ, ବରଂ ସରକାରୀ କର୍ମଚାରୀଙ୍କ ମାନସିକ, ଭାବପ୍ରବଣ ଓ ମନୋବୈଜ୍ଞାନିକ ସୁସ୍ଥତା ଉପରେ ସମାନ ଧ୍ୟାନ ଦେବା ଆବଶ୍ୟକ।

■ ପୁରୁଷ ବନ୍ଧୁଙ୍କୁ ମାଡ଼ମାରି ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲା

## ୫ ଅଭିଯୁକ୍ତ ଗିରଫ, ଫେରାର ଅଭିଯୁକ୍ତକୁ ଖୋଜୁଛି ପୁଲିସ



କଟକ, ୧୩।୮(ସଂଚାର ବ୍ୟୁରୋ): କଟକ-ଚାନ୍ଦବାଲି ରାସ୍ତା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଶୁକରପଡା ପେଟ୍ରୋଲ ପମ୍ପ ନିକଟରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିବା ଘଟଣାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଏହି ଘଟଣାରେ ଜଣେ ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କୁ ଖୋଜୁଛି ପୁଲିସ। ଏହି ଘଟଣାର ତଦନ୍ତ ପାଇଁ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ମୋଟ୍ ଚାରୋଟି ଟିମ୍ ଗଠନ ହୋଇଥିବା ବେଳେ ଉଭୟ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା କଟକ ଜିଲ୍ଲା ଏସପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି। ମଙ୍ଗଳବାର ମଧ୍ୟ ରାତିରେ ଦୁଇ ଜଣ ଯୁବକ-ଯୁବତୀ ଏକ କାରରେ କଟକରୁ କେନ୍ଦ୍ରାପଡ଼ା ଯାଉଥିଲେ। ଶୁକରପଡ଼ା ପେଟ୍ରୋଲ ପମ୍ପ ନିକଟରେ ସେମାନେ ଗାଡ଼ି ରଖି ବିଶ୍ରାମ ନେଉଥିଲେ। ହଠାତ୍ ସେଠାରେ ୬ ଜଣ ଅସାମାଜିକ ଯୁବକ ପହଞ୍ଚି ଯୁବକ-ଯୁବତୀ ଥିବା କାର୍‌ର କାଚକୁ ଏକ ଲୁହା ଶଣ୍ଢୁଆସିରେ ଭାଙ୍ଗି ପୁରୁଷ ବନ୍ଧୁଙ୍କୁ ନିର୍ଦ୍ଧୁମ ମାଡ଼ ମାରିଥିଲେ ଓ ଯୁବତୀଙ୍କୁ ଏକ ପରିତ୍ୟକ୍ତ ଘରକୁ ନେଇ ଜଣଙ୍କ ପରେ ଜଣେ ୬ ଜଣ ଦୁଷ୍କର୍ମ କରିଥିଲେ। ଯୁବତୀ ଜଣକ କେନ୍ଦ୍ରାପଡ଼ା ଅଞ୍ଚଳର ହୋଇଥିବା ବେଳେ ପୁରୁଷ ବନ୍ଧୁଙ୍କ ଘର ନୟାଗଡ଼ ଅଞ୍ଚଳର ବୋଲି ସୂଚନା ମିଳିଥିଲା।

ଭାରତ ନେଟ୍ ପରିଯୋଜନା ଫେଜ୍-୩ ସମୀକ୍ଷା ବୈଠକ

# ଡିସେମ୍ବର ସୁଦ୍ଧା ନେଟ୍‌ୱର୍କ ସଂଯୋଗୀକରଣରେ ଉନ୍ନତି ନିର୍ଦ୍ଦେଶ




ଭୁବନେଶ୍ୱର, ୧୩।୮ (ସଂଚାର ବ୍ୟୁରୋ): ଗୁରୁବାର ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍)ଠାରେ ଡିଜିଟାଲ ଭାରତ ନିଧି ଅଧୀନରେ ରାଜ୍ୟରେ ଚାଲିଥିବା ବିଭିନ୍ନ ଟେଲିକମ୍ ପ୍ରକଳ୍ପର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଏହି ବୈଠକର ଅଧ୍ୟକ୍ଷତା କରି ରାଜ୍ୟର ସୁଦୂର ଓ ଗ୍ରାମାଞ୍ଚଳରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବାର ପ୍ରସାର, ୪ଜି ସଂଯୋଗୀକରଣ ଏବଂ ନୂତନ ଟେଲିକମ୍ ଟାୱାର ସ୍ଥାପନର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି। ଏହା ସହ ରାଜ୍ୟର ୬,୭୯୯ଟି ଗ୍ରାମ ପଞ୍ଚାୟତକୁ ଆଇପି ଏମ୍ପିଏଲଏସ ପ୍ରଯୁକ୍ତି ସହ ରିଂ ଟୋପୋଲୋଜିରେ ଅପଗ୍ରେଡ୍ କରାଯିବା ଓ ଗ୍ରାମସ୍ତର ପର୍ଯ୍ୟନ୍ତ ଫାଇବର ସଂଯୋଗ ବିସ୍ତାର କରାଯିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍ତ୍ୱାବଧାନରେ ଡିଜିଟାଲ ଇଣ୍ଡିଆ ମିଶନର 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ର ମଧ୍ୟ ସମୀକ୍ଷା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବାକୁ ନେଇ ହୋଇଥିବା ନିଷ୍ପତ୍ତିକୁ ସମୟାନୁବର୍ତ୍ତୀ ହୋଇ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ପ୍ରତ୍ୟେକ ଗାଁକୁ ଇଣ୍ଟରନେଟ୍ ସେବା ସହିତ ଯୋଡ଼ିବା ଏବଂ ଲୋକଙ୍କ ନିକଟରେ ଡିଜିଟାଲ୍ ସେବା ପହଞ୍ଚାଇବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ପାଇଁ ନେଟ୍‌ୱର୍କ ସଂଯୋଗୀକରଣରେ ଥିବା ଅବ୍ୟବସ୍ଥା ଓ ଅଭାବକୁ ଦୂର କରିବା ସହ ଟାୱାର ସ୍ଥାପନ ଏବଂ ୪ଜି ସେବାର ପ୍ରସାରକୁ ତ୍ୱରାନ୍ୱିତ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଗୁଗଲ ଲଞ୍ଚକଲା ପିକ୍ସେଲ ୧୧ ସ୍ମାର୍ଟଫୋନ୍ ସିରିଜ୍



ନୂଆଦିଲ୍ଲୀ,୧୩।୮ : ଗୁଗଲ ଗୁରୁବାର 'ମେଡ୍ ବାଏ ଗୁଗଲ' ଇଭେଣ୍ଟରେ ନିଜର ନୂଆ ପିକ୍ସେଲ ୧୧ ସ୍ମାର୍ଟଫୋନ୍ ସିରିଜ୍ ଲଞ୍ଚ କରିଛି। ଏହି ସିରିଜରେ ପିକ୍ସେଲ ୧୧, ପିକ୍ସେଲ ୧୧ ପ୍ରୋ, ପିକ୍ସେଲ ୧୧ ପ୍ରୋ ଏକ୍ସଏଲ ଏବଂ ପିକ୍ସେଲ ୧୧ ପ୍ରୋ ଫୋଲ୍ଡ ଫୋନ ରହିଛି। ଏହା ସହିତ କମ୍ପାନୀ ପିକ୍ସେଲ ସ୍ମାର୍ଟୱାଚ୍ ଏବଂ ସ୍ମାର୍ଟ ଟ୍ୟାଗ୍ ଭଳି ନୂଆ ଡିଭାଇସ୍ ମଧ୍ୟ ପ୍ରଦର୍ଶନ କରିଛି। ପିକ୍ସେଲ ୧୧ ସିରିଜର ସ୍ମାର୍ଟଫୋନରେ ଦାମ୍ ୮୯,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ଏହି ସିରିଜର ସବୁଠାରୁ ବଡ଼ ବିଶେଷତା ହେଉଛି ଏଥିରେ ଥିବା ଏଆଇ ଫିଚର୍। ଗୁଗଲର କହିବା ଅନୁସାରେ, ଏହି ଫୋନଗୁଡ଼ିକ ଇଣ୍ଟରନେଟ୍ ବିନା ମଧ୍ୟ ଅନେକ ଏଆଇ ଟାସ୍କ ଏବଂ ଭଏସ୍ କଲ୍ ଟ୍ରାନ୍ସଲେସନ୍ ପ୍ରୋସେସ୍ କରିପାରିବ।

ପିକ୍ସେଲ ୧୧ ସିରିଜରେ ଏଆଇ ପ୍ରୋସେସିଂ ପାଇଁ କ୍ଲାଉଡ୍ କିମ୍ବା ଇଣ୍ଟରନେଟ୍ ସର୍ଭର ଉପରେ ନିର୍ଭରଶୀଳତା କମାଇବାକୁ ଗୁରୁତ୍ୱ ଦିଆଯାଇଛି। ଅର୍ଥାତ୍ ଅନେକ ଏଆଇ ଫିଚର୍ରେ ଡାଟା ଫୋନ୍ ଭିତରେ ହିଁ ପ୍ରୋସେସ୍ ହେବ। ଏହା ଦ୍ୱାରା ୟୁଜରଙ୍କ ଡାଟାର ପ୍ରାଇଭେସି ଅଧିକ ସୁରକ୍ଷିତ ରହିବ ବୋଲି ଗୁଗଲ କହିଛି।

ପିକ୍ସେଲ ୧୧ କିଣିଲେ ୭,୦୦୦ ଟଙ୍କାର ଇନଷ୍ଟାଣ୍ଟ କ୍ୟାଶବ୍ୟାକ୍ ସହିତ ୯,୦୦୦ ଟଙ୍କାର ଏକ୍ସଚେଞ୍ଜ୍ ଅଫର୍ ମିଳିବ। ଅର୍ଥାତ୍ ଉଭୟ ଅଫରକୁ ମିଶାଇଲେ ଗ୍ରାହକ ସର୍ବାଧିକ ୧୬,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ସେହିପରି ପିକ୍ସେଲ ୧୧ ପ୍ରୋ, ପିକ୍ସେଲ ୧୧ ପ୍ରୋ XL ଏବଂ ପିକ୍ସେଲ ୧୧ ପ୍ରୋ ଫୋଲ୍ଡ କିଣିବା ଉପରେ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ୍ ସହିତ ୯,୦୦୦ ଟଙ୍କାର ଏକ୍ସଚେଞ୍ଜ୍ ବୋନସ୍ ମିଳିବ। ଏହି ତିନୋଟି ମଡେଲ୍ରେ ଗ୍ରାହକ ସର୍ବାଧିକ ୧୯,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଏହି ଲଞ୍ଚ ଅଫର୍ ୩୧ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଉପଲବ୍ଧ ରହିବ।

ଗୁଗଲ ପିକ୍ସେଲ ୧୧ ସିରିଜ୍ ପାଇଁ ୭ ବର୍ଷର ସଫ୍ଟୱେର ସପୋର୍ଟ ଘୋଷଣା କରିଛି। ଏହି ସପୋର୍ଟ ଅଧୀନରେ ଓଏସ୍ ଅପଡେଟ୍, ସିକ୍ୟୁରିଟି ଅପଡେଟ୍, ଫିଚର୍ ଡ୍ରପ୍ ଏବଂ ନୂଆ ଏଆଇ ଇନୋଭେସନ୍ ମିଳିବ। ଅର୍ଥାତ୍ ୟୁଜରମାନେ ୨୦୩୩ ପର୍ଯ୍ୟନ୍ତ ଫୋନରେ ନିୟମିତ ଅପଡେଟ୍ ପାଇପାରିବେ।

ପିକ୍ସେଲ ୧୧ ସିରିଜରେ ଜେମିନି ଇଣ୍ଟେଲିଜେନ୍ସ, ଜେମିନି ନାନୋ, ଜେମିନି ଲାଇଭ୍, ଜେମିନି ଆସ୍କ, ଲାଇଭ୍ ଟ୍ରାନ୍ସଲେସନ, ହାଇଲାଇଟ୍ସ ଏବଂ କଲ ଆସିଷ୍ଟାଣ୍ଟ ଭଳି ଏଆଇ ଫିଚର୍ ଦିଆଯାଇଛି। ଅନ୍-ଡିଭାଇସ୍ ଜେନେରେଟିଭ୍ ଏଆଇ: ଇଣ୍ଟରନେଟ୍ ନଥିଲେ ମଧ୍ୟ ଫୋନ୍ ନିଜ ହାର୍ଡୱେର୍ରେ ଅନେକ ଏଆଇ ଟାସ୍କ ପ୍ରୋସେସ୍ କରିପାରିବ। ମ୍ୟାଜିକ୍ କ୍ୟାପଚର୍: ଏହି କ୍ୟାମେରା ଫିଚର୍ ମାଧ୍ୟମରେ ଏକାସାଙ୍ଗରେ ହାଇ-କ୍ୱାଲିଟି ଫଟୋ ଏବଂ ଭିଡିଓ ରେକର୍ଡ କରାଯାଇପାରିବ। ଅଫଲାଇନ୍ ଭଏସ୍ ଟ୍ରାନ୍ସଲେସନ୍: ଲାଇଭ୍ କଲ୍ ସମୟରେ ଇଣ୍ଟରନେଟ୍ ବିନା ମଧ୍ୟ ଦୁଇ ପକ୍ଷର ଭାଷାକୁ ତୁରନ୍ତ ଅନ୍ୟ ଭାଷାରେ ଅନୁବାଦ କରିବାର ସୁବିଧା ରହିଛି। ସ୍ମାର୍ଟ ଏଆଇ ଏଡିଟିଂ: ଫଟୋରୁ ଅନାବଶ୍ୟକ ବସ୍ତୁ ହଟାଇବା, ବ୍ୟାକଗ୍ରାଉଣ୍ଡ ବଦଳାଇବା ଏବଂ ବ୍ଲର୍ ଫଟୋକୁ ଅଧିକ ସ୍ପଷ୍ଟ କରିବା ପାଇଁ ଏଆଇ ଟୁଲ୍ ମିଳିବ। ନେକ୍ସଟ୍-ଜେନ୍ ଭଏସ୍ ଆସିଷ୍ଟାଣ୍ଟ: ଜେମିନି ଆଧାରିତ ଏଆଇ ଆସିଷ୍ଟାଣ୍ଟ ୟୁଜର୍ଙ୍କ କମାଣ୍ଡକୁ ଅଧିକ ସ୍ୱାଭାବିକ ଭାବରେ ବୁଝି ଶୀଘ୍ର ଉତ୍ତର ଦେଇପାରିବ। ଏହିପରି ପିକ୍ସେଲ ୧୧ ସିରିଜ୍ରେ ଗୁଗଲ ଏଆଇ, ପ୍ରାଇଭେସି ଏବଂ ଦୀର୍ଘ ସମୟର ସଫ୍ଟୱେର ସପୋର୍ଟକୁ ମୁଖ୍ୟ ଫୋକସ୍ କରିଛି।

## ଏୟାରଟେଲ୍ ରିଚାର୍ଜ ମୂଲ୍ୟରେ ବୃଦ୍ଧି




ନୂଆଦିଲ୍ଲୀ,୧୩।୮ : ଭାରତୀ ଏୟାରଟେଲ୍ପକ୍ଷରୁ ୨୯୯ ଟଙ୍କା, ୫୭୯ ଟଙ୍କା, ୬୧୯ ଟଙ୍କା ଓ ୬୪୯ ଟଙ୍କାର ଚାରି ପ୍ରକାର ପ୍ରିପେଡ୍ ରିଚାର୍ଜ ପ୍ଲାନ୍ ପ୍ରତ୍ୟାହାର କରାଯାଇଛି। ୨୯୯ ଟଙ୍କିଆ ପ୍ଲାନ୍ ବେଶ ଲୋକପ୍ରିୟ ଥିଲା। ଏବେ କମ୍ପାନିର ୧୯୯ ଟଙ୍କା ଓ ୨୧୯ ଟଙ୍କାର ରିଚାର୍ଜ ପ୍ଲାନ୍ ରହିଛି। କିନ୍ତୁ ୨୯୯ ଟଙ୍କିଆ ପ୍ଲାନ୍ ରିଚାର୍ଜ କରୁଥିବା ଗ୍ରାହକମାନଙ୍କ ପାଇଁ ପରବର୍ତ୍ତୀ ପ୍ଲାନ୍ର ଦାମ୍ ୩୪୯ ଟଙ୍କାକୁ ବଢ଼ାଇ ଦିଆଯାଇଛି। ୩୪୯ ଟଙ୍କିଆ ପ୍ଲାନରେ ଅସୀମିତ ୫ଜି ଡାଟା ମିଳୁଛି। ୨୯୯ ଟଙ୍କିଆ ପ୍ଲାନ୍ରେ ଦୈନିକ ଡାଟା କୋଟା ମିଳୁଥିବା। ଅଧିକାଂଶ ଗ୍ରାହକଙ୍କ ସେହି କୋଟା ଶେଷ ହୋଇଯାଉଥିଲା, ଯେଉଁଥିପାଇଁ ସେମାନେ ଅତିରିକ୍ତ ଡାଟା ଟପ୍ ଅପ୍ ରିଚାର୍ଜ କରିବାକୁ ବାଧ୍ୟ ହେଉଥିଲେ। ରିଚାର୍ଜ ଦର ବଢ଼ିଥିବାରୁ ଏୟାରଟେଲ୍ର ଗ୍ରାହକ ପିଛା ହାରାହାରି ରାଜସ୍ୱ (ଆର୍ପୁ)ରେ ବୃଦ୍ଧି ଘଟିବ। ପ୍ଲାନ୍ ଦର ବଢ଼ିବାର ସମ୍ଭାବନା ସମ୍ପର୍କରେ କିଛି ଦିନ ତଳେ କମ୍ପାନିର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଗୋପାଳ ଭିଟ୍ଟଲ ସଙ୍କେତ ଦେଇଥିଲେ। ଏୟାରଟେଲ୍ ରିଚାର୍ଜ ଦର ବଢ଼ାଇଥିବାରୁ ଆଗାମୀ ଦିନରେ ଅନ୍ୟ କମ୍ପାନିଗୁଡ଼ିକ ମଧ୍ୟ ସେହି ଧାରାରେ ଆଗକୁ ବଢ଼ିବା ଆଶା କରାଯାଉଛି।

## ମହିନ୍ଦ୍ରାର ନୂଆ ସ୍କର୍ପିଓ-ଏନ୍

ଭୁବନେଶ୍ୱର,୧୩।୮ : ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ପକ୍ଷରୁ ଉତ୍କଳ ଅଟୋମୋବାଇଲ୍ସରେ ନୂଆ ସ୍କର୍ପିଓ-ଏନ୍କୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ ଉତ୍କଳ ଅଟୋମୋବାଇଲ୍ସର ଡିଲର ପ୍ରିନ୍ସିପାଲ୍ ସୌନାକ ଆର୍ ପାରିଖ, ସଞ୍ଜୟ କୁମାର ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସ୍କର୍ପିଓ-ଏନ୍ର ଏକ୍ସ ସୋରୁମ୍ ଦାମ୍ ୧୩.୬୯ ଲକ୍ଷ ଟଙ୍କା ରହିଛି। ଉଭୟ ପେଟ୍ରୋଲ ଓ ଡିଜେଲ୍ ଭାରିଆଣ୍ଟରେ ଏହା ଉପଲବ୍ଧ ହୋଇଛି। ଏଥିରେ ପାନୋରାମିକ୍ ସ୍କାଏରୁଫ୍, ବ୍ଲାଇଣ୍ଡ୍ ଭିଉ ମିରର୍, ଡାଇମଣ୍ଡ୍ କଟ୍ ଆଲୟ ହ୍ୱିଲ୍, ୩୧.୨୪ ସେମି ଫ୍ଲୋଟିଂ ଏଚ୍ଡି ଟଚ୍ସ୍କ୍ରିନ୍, ୨୩.୦୬ ଏଚ୍ଡି ଡିଜିଟାଲ କ୍ଲଷ୍ଟର୍, ୟୁଏସ୍ବି ଟାଇପ୍-ସି ଫାଷ୍ଟ ଚାର୍ଜିଂ ପୋର୍ଟ ଆଦି ସୁବିଧା ରହିଛି। ଶକ୍ତିଶାଳୀ ପ୍ରଦର୍ଶନ, ଆଧୁନିକ ପ୍ରଯୁକ୍ତି ଓ ଉଚ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଏହାକୁ ଏକ ଆକର୍ଷଣୀୟ ଏସ୍ୟୁଭିରେ ପରଣତ କରିଛି।




## ବଦଳିଲା ଅନ୍ଲାଇନ ରାଇଡ ବୁକ୍ ନିୟମ



ନୂଆଦିଲ୍ଲୀ,୧୩।୮ : କେନ୍ଦ୍ର ସରକାର ବୁଧବାର ରାଇଡ୍-ହେଲିଂ ପ୍ଲାଟଫର୍ମ ଓଲା, ଉବର ଓ ରାପିଡୋକୁ ରାଇଡର୍ସଙ୍କୁ ଆଡଭାନ୍ସ ଟିପ୍ ଦେବା ସୁବିଧା ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ଏ ନେଇ ଏକ ସର୍କୁଲାର ଜାରି କରିଥିବା ବେଳେ କହିଛନ୍ତି ଯେ କେତେକ ପ୍ଲାଟଫର୍ମ ତାଙ୍କ ଆପ୍ ରେ ଏହି ସୁବିଧା ଆରମ୍ଭ କରିଥିଲେ, ଯେଉଁଥିରେ ଯାତ୍ରୀଙ୍କୁ ପ୍ରଥମରୁ ଟିପ୍ ମଗା ଯାଉଥିଲା। ମନ୍ତ୍ରାଳୟ ଅନୁସାରେ ଏପରି ବ୍ୟବସ୍ଥା ଯୋଗୁ ଏହି ଧାରଣା ସୃଷ୍ଟି ହୋଇ ପାରେଯେ ଆଡଭାନ୍ସ ଟିପ୍ ଦେବା ଦ୍ୱାରା ରାଇଡ ଶୀଘ୍ର ମିଳିବାର ସମ୍ଭାବନା ବଢ଼ି ଯାଏ। ଖାସ କରି ଚାହିଦା ଅଧିକ ଥିବା ବେଳେ ଏହି ବିକଳ୍ପ ଯାତ୍ରୀଙ୍କ ଉପରେ ଅତିରିକ୍ତ ପୈଠର ଚାପ ପକାଇ ପାରେ। ମନ୍ତ୍ରାଳୟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଟିପ୍ ସମ୍ପୂର୍ଣ୍ଣ ଭାବେ ଯାତ୍ରୀଙ୍କ ନିଜ ଇଚ୍ଛା ଉପରେ ନିର୍ଭର କରିଥାଏ। ଏହାକୁ ରାଇଡ ମିଳିବା ସହ ଯୋଡା ଯାଇ ପାରିବନି। ଟିପ୍ କେବଳ ସର୍ଭିସରେ ସନ୍ତୁଷ୍ଟ ହେଲେ ଦିଆଯାଏ। ଯଦି ଯାତ୍ରୀ ଚାଳକଙ୍କ ସେବାରେ ସନ୍ତୁଷ୍ଟ ହୁଅନ୍ତି ତେବେ ତାଙ୍କ ଯାତ୍ରା ପୁରା ହେବା ପରେ ସେ କୌଣସି ଟିପ୍ ଦେଇ ପାରନ୍ତି।

କୌଣସି ପରିସ୍ଥିତିରେ ଟିପ୍ ଅଗ୍ରୀମ ମାଗିବା ଓ ଦେବା ବାଧ୍ୟତାମୂଳକ ହେବା କଥା ନୁହେଁ। ସରକାରଙ୍କ ଏହି ପଦକ୍ଷେପର ଉଦ୍ଦେଶ୍ୟ ଯାତ୍ରୀଙ୍କୁ କୌଣସି ପ୍ରକାରର ଅତିରିକ୍ତ ପୈଠ ଚାପରୁ ମୁକ୍ତ କରିବା। ଦେଶର ବଡ଼ବଡ଼ ସହରାଞ୍ଚଳରେ କ୍ୟାବ ଓ ରାଇଡ ବୁକିଂ ସେବା ଉପଯୋଗ ଦ୍ରୁତ ବୃଦ୍ଧି ହେଉଛି। ଏହି ପ୍ଲାଟଫର୍ମରେ ଭଡା, ଆନୁମାନିକ ସମୟ ଓ ଅନ୍ୟ ଶୁଳ୍କ ପୂର୍ବରୁ ଦେଖାଯାଇଥାଏ। ଏଣୁ ସରକାର ଚାହୁଁଛନ୍ତି ଏହି ଟିପ୍ କୁ ମୂଳ ଭଡ଼ା ଓ ରାଇଡ ମିଳିବା ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ପୃଥକ ରଖାଯିବା ଆବଶ୍ୟକ।

## ୫ଜି ଯୁଗରେ ବଢୁଛି ୪ଜି'ର ଡିମାଣ୍ଡ୍




ଭୁବନେଶ୍ୱର, ୧୩।୮ : ଦେଶରେ ୫ଜି ସର୍ଭିସ୍ ଲଞ୍ଚ୍ ହୋଇସାରିଛି। ବଜେଟ୍ ରେ ବି ୫ଜି ସ୍ମାର୍ଟ ଫୋନ୍ ମିଳିଯାଉଛି। ୧୦ ହଜାର ଟଙ୍କାରୁ କମ୍ ବଜେଟ୍ ରେ ବି ଏହି ଫୋନ୍ ଉପଲବ୍ଧ ହେଉଛି। ଫଳରେ ୪ଜି ଫୋନର ଚାହିଦା କମିଛି। ହେଲେ ମାତ୍ର ତିନି ମାସ ମଧ୍ୟରେ ଏହି ଚିତ୍ର ବଦଳି ଯାଇଛି। ୫ଜି ଜାଗାରେ ୪ଜି ସ୍ମାର୍ଟଫୋନର ବମ୍ପର ଡିମାଣ୍ଡ୍ ବଢ଼ିଛି। ୨୦୨୬ର ଦ୍ୱିତୀୟ ତ୍ରୈମାସରେ, ସ୍ମାର୍ଟଫୋନ୍ ସିପମେଣ୍ଟରେ ୪ଜିର ଅଂଶ ପୂର୍ବ ତ୍ରୈମାସିକ ତୁଳନାରେ ୫.୮ ପ୍ରତିଶତରୁ ୧୧.୧ ପ୍ରତିଶତକୁ ବୃଦ୍ଧି ପାଇଛି। ଯାହାଫଳରେ କମ୍ପାନୀମାନେ ସେମାନଙ୍କ ପ୍ଲାନ ପରିବର୍ତ୍ତନ କରିଛନ୍ତି।

ମନି କଣ୍ଟ୍ରୋଲ ରିପୋର୍ଟ ଅନୁସାରେ, ସ୍ମାର୍ଟଫୋନର ସିପମେଣ୍ଟରେ ୪ଜିର ଭାଗ ଗତ ତ୍ରୈମାସିକରେ ଦୁଇ ଗୁଣା ହୋଇଯାଇଛି। ୪ଜି ଫୋନ ଜବରଦସ୍ତ ବିକ୍ରି ହୋଇଛି। ଏଥିରେ ଭିଭୋ, ଓପୋ, ଆଇଟେଲ୍, ଏବଂ ଇନଫିନିକ୍ସ ଭଳି ଚାଇନା ବ୍ରାଣ୍ଡ୍ ସହ ମୋଟୋରୋଲା ଏବଂ ସାମସଙ୍ଗ୍ ମଧ୍ୟ ସାମିଲ ଅଛି। କାଉଣ୍ଟରପଏଣ୍ଟର ରିସର୍ଚ୍ଚ ଅନୁସାରେ, ୪ଜି ସିପମେଣ୍ଟରେ ୪୦ ପ୍ରତିଶତ ବୃଦ୍ଧି ହୋଇଛି। ଯାହା ଯୋଗୁଁ ଦ୍ୱିତୀୟ ତ୍ରୈମାସିକରେ ବିକ୍ରି ହୋଇଥିବା ସ୍ମାର୍ଟଫୋନରେ ଏହାର ଅଂଶ ୧୨ ପ୍ରତିଶତକୁ ବୃଦ୍ଧି ପାଇଛି। ଯେତେବେଳେ କି ୨୦୨୫ ଚତୁର୍ଥ ତ୍ରୈମାସିକରେ ଏହା ମାତ୍ର ୭ ପ୍ରତିଶତ ଥିଲା। ୨୦୨୬ ମସିହାରେ ୪ଜି ସ୍ମାର୍ଟଫୋନ୍ ବଜାର ବାର୍ଷିକ ୮ ପ୍ରତିଶତ ବୃଦ୍ଧି ପାଇବ ବୋଲି କାଉଣ୍ଟରପଏଣ୍ଟର ରିସର୍ଚ୍ଚ ନିର୍ଦ୍ଦେଶକ ତରୁଣ ପାଠକ ଅନୁମାନ କରିଛନ୍ତି। ର୍ୟାମ ମୂଲ୍ୟ ବୃଦ୍ଧି, ମହଙ୍ଗା କମ୍ପୋନେଣ୍ଟସ୍ ଏବଂ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁଁ ୧୫ ହଜାର ତଳେ ୫ଜି ଡିଭାଇସ୍ ଲଞ୍ଚ କରିବା କଷ୍ଟକର ହୋଇପଡ଼ିଛି। ୧୫ ହଜାର ତଳେ ମାସ୍-ମାର୍କେଟ୍ ସେଗମେଣ୍ଟରେ ୪୫ ପ୍ରତିଶତ ହ୍ରାସ ଘଟିଛି। ତେଣୁ ବ୍ରାଣ୍ଡଗୁଡ଼ିକ ଅଧିକ ୪ଜି ବିକଳ୍ପ ଲଞ୍ଚ କରୁଛନ୍ତି। ତେବେ ସ୍ମାର୍ଟଫୋନ୍ ନିର୍ମାତାମାନେ ୪ଜି ଡିଭାଇସ୍ ଲଞ୍ଚ୍ କରୁଥିଲେ ବି ଏଥିରେ ଆଗଭଳି ଫିଚର ନାହିଁ। ଖର୍ଚ୍ଚ କମ ରଖିବା ପାଇଁ, ବ୍ରାଣ୍ଡଗୁଡ଼ିକ ଏଲସିଡି ଡିସପ୍ଲେ ଏବଂ ଏଲପିଡିଡିଆର୪ଏକ୍ସ ମେମୋରୀ ଭଳି ପୁରୁଣା ପିଢ଼ିର ଉପାଦାନ ବ୍ୟବହାର କରି ୪ଜି ପୋର୍ଟଫୋଲିଓ ଆଣୁଛନ୍ତି। ୨୦ ହଜାରରୁ କମ୍ ୫ଜି ଫୋନ୍ ଏବେ ଖୁବ୍ କମ୍ ମିଳୁଛି। ଯେଉଁଗୁଡ଼ିକ ଉପଲବ୍ଧ ଅଛି ସେଥିରେ ମଧ୍ୟ ର୍ୟାମକୁ ୪ଜି-ବି କୁ ହ୍ରାସ କରିଛନ୍ତି। ଦୁନିଆ ଏବେ ୬ଜିବିରେ ପହଞ୍ଚିଥିବା ବେଳେ କମ୍ପାନୀ ଆହୁରି ରାମ୍ କମାଇ ଦେଉଛନ୍ତି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୦୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୧୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ପିଏମ୍ ଫସଲ ବୀମାରୁ ମୁହଁ ଫେରାଇଲେ ଚାଷୀ



କାକଟପୁର /ଅସ୍ତରଙ୍ଗ ,୧୩।୮ (ସଂଚାର ବ୍ୟୁରୋ): ଫସଲ ନଷ୍ଟ ହେଲେ ସାହାରା ହେବ ବୋଲି ଆସିଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବେ ଅସ୍ତରଙ୍ଗର ଚାଷୀଙ୍କ ପାଇଁ ଠକେଇ ପାଲଟିଛି। ପ୍ରିମିୟମ କଟୁଛି, କିନ୍ତୁ ବନ୍ୟା ବା ବାତ୍ୟାରେ ଫସଲ ଧୋଇଗଲେ ବୀମା କମ୍ପାନୀର ପତା ନାହିଁ। ଏହି ତିକ୍ତ ଅନୁଭବ ଯୋଗୁଁ ଚାଷୀ ଏବେ ଯୋଜନାରୁ ଦୂରେଇ ଯାଉଛନ୍ତି। ପୁରୀ ଜିଲ୍ଲାର ଉପକୂଳ ବ୍ଲକ ଅସ୍ତରଙ୍ଗରେ ଏହି ଚିତ୍ର ସ୍ପଷ୍ଟ। ବ୍ଲକର ୧୯ଟି ପଞ୍ଚାୟତରେ ହଜାର ହଜାର ଚାଷୀ ଥିଲେ ମଧ୍ୟ ପିଏମ୍ଏଫବିୱାଇରେ ଆଗ୍ରହ କମିବାରେ ଲାଗିଛି। ଗତବର୍ଷ ଏଠାରେ ୭୫୩୦ ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ। ଚଳିତ ବର୍ଷ ଅଗଷ୍ଟ ୧୫ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯିବା ପରେ ବି ମାତ୍ର ୫୯୪୩ ଜଣ ହିଁ ନାମ ଲେଖାଇଛନ୍ତି। ଅର୍ଥାତ ଗୋଟିଏ ବର୍ଷରେ ପ୍ରାୟ ୧୬ ଶହ ଚାଷୀ କମିଗଲେ। ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତାଙ୍କ ସୂଚନା ଅନୁଯାୟୀ ଏବର୍ଷ ଋଣୀ ଚାଷୀଙ୍କ ୨୧୧୨.୭ ହେକ୍ଟର ଜମି ପଞ୍ଜିକୃତ ହୋଇଛି। କିନ୍ତୁ ଅସଲ ସମସ୍ୟା ହେଉଛି ଅଣଋଣୀ ଚାଷୀଙ୍କୁ ନେଇ। ଗତବର୍ଷ ମାତ୍ର ୧୦୩୦ ଅଣଋଣୀ ଚାଷୀଙ୍କ ପ୍ଲଟ ଯୋଜନାରେ ସାମିଲ ହୋଇଥିଲା। ଏବର୍ଷ ସେ ସଂଖ୍ୟା ଆହୁରି ତଳକୁ ଖସିଛି। ପ୍ରଶାସନ ସେମାନଙ୍କୁ ଆକୃଷ୍ଟ କରିବାରେ ସମ୍ପୂର୍ଣ୍ଣ ବିଫଳ। ବ୍ଲକ ଅଧୀନ ନଗର, ଆଳସାହି, ଆଳଙ୍ଗପୁର, ଖାଲିଙ୍ଗ, ଛୁରାଆଳ, ମାଣ୍ଡୁଳି, ଶିଖିଆ ଭଳି ଗାଁ ଗୁଡିକ ପ୍ରତିବର୍ଷ ବନ୍ୟାରେ ବୁଡିଯାଏ। ଚାଷୀ ମାନସ ସାହାଣୀ କହିଛନ୍ତି, 'ପ୍ୟାକ୍ସରୁ ଋଣ ନେଉଥିବାରୁ ମୋ ଜମି ଆପେ ଆପେ ବୀମା ହୋଇଯାଏ। କିନ୍ତୁ ଗତବର୍ଷ ଫସଲ ସବୁ ପାଣିରେ ଭାସିଗଲା। ଆଜି ପର୍ଯ୍ୟନ୍ତ ବୀମା କମ୍ପାନୀର କେହି ଆସିଲେ ନାହିଁ। ଟଙ୍କା ତ ଦୂର କଥା।' ସେହିପରି ବିଜୟ ବେହେରାଙ୍କ ପ୍ରଶ୍ନ, 'ଯେଉଁ ଯୋଜନା କ୍ଷତି ବେଳେ କାମରେ ଆସୁନି, ତାକୁ କାହିଁକି ବିଶ୍ୱାସ କରିବୁ?' ସ୍ଥାନୀୟ ବିଧାୟକ ମଧ୍ୟ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ତାଙ୍କ ଅଭିଯୋଗ, ବୀମା କମ୍ପାନୀ ଗୁଡିକ ନାନା ତ୍ରୁଟି ଦେଖାଇ କ୍ଷତିପୂରଣ ଅଟକାଇ ଦେଉଛନ୍ତି। ଫଳରେ ଚାଷୀ ନିରାଶ ହୋଇ ଯୋଜନାରୁ ଓହରି ଯାଉଛନ୍ତି। କୃଷି ବିଭାଗ ପକ୍ଷରୁ କୁହାଯାଉଛି ଯେ ଅଣଋଣୀ ଚାଷୀଙ୍କ ପାଇଁ ସଚେତନତା ଶିବିର କରାଯାଉଛି।

## ଆକସ୍ମିକ ଅଗ୍ନି କାଣ୍ଡରେ ଜଳିଗଲା ଦୁଇ ବଖରା ଘର



ନୀଳଗିରି, ୧୩।୮ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଧରମପୁର ପଞ୍ଚାୟତ ବାର୍ଗୋପାଳ ଗ୍ରାମର ମହେନ୍ଦ୍ର ବେହେରାଙ୍କ ପୁତ୍ର ଦେବିପ୍ରସାଦ ବେହେରା ଗତ ୧୨ତାରିଖ ବୁଧବାର ମଧ୍ୟାହ୍ନ ୧୨ଘଟିକା ସମୟରେ ଗାଈଧୋଇବା କୁ ଯାଇଥିବା ବେଳେ ଘରକୁ ଫେରିବା ବେଳକୁ ମାଟି ଓ ନଡ଼ା ଛପର ଘରଟି ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ପାଇଥିଲେ। ତେବେ ଦିନରେ ପଡୋଶୀ ମାନେ କ୍ଷେତକୁ କ୍ଷେତି ପାଇଁ ଯାଇଥିବାରୁ ନିଆଁ ଲିଭାଇ ପାରିନଥିଲେ। ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଘରର ଆବଶ୍ୟକୀୟ କାଗଜାତ, ଧାନ, ଚାଉଳ ପୋଡି ପାଉଁଶ ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷେ ରୁ ଉର୍ଦ୍ଧ୍ୱ ଟଙ୍କା ହେବବୋଲି ଜଣାପଡ଼ିଛି। ଉକ୍ତ ଅଗ୍ନି ବିପନ୍ନ ପରିବାର ପାଖରେ କୌଣସି ସ୍ଥାନୀୟ ରାଜସ୍ୱ ଅଧିକାରୀ ପହଞ୍ଚି ନଥିବା ବେଳେ ଏନେଇ ଦେଓରୀ ଆଜି ବରହମପୁର ରାଜସ୍ୱ ନିରୀକ୍ଷକ ଙ୍କୁ ସାକ୍ଷାତ କରି ଘରପୋଡି ବାବଦରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଙ୍କ ପକ୍ଷରୁ ଦାବୀ ହେଉଛି।

## ରାସ୍ତା ନିର୍ମାଣରେ ବିଳମ୍ବ ଓ ନିମ୍ନମାନର କାମ ବିରୋଧରେ ବଢୁଛି ଚିନ୍ତା



ବାଲିଆପାଳ, ୧୩।୮ (ସଂଚାର ବ୍ୟୁରୋ): ଦକ୍ଷିଣ ବାଲିଆପାଳ ର ଲାଇଫ ଲାଇନ୍ କୁହାଯାଉଥିବା ଜାମୁକୁଣ୍ଡା ଠାରୁ ପଞ୍ଚୁପାଲି ପାଇଁ ପି ଡବ୍ଲୁ ଡି ରାସ୍ତା ର ଉନ୍ନତି କରଣ ନିମନ୍ତେ ପି ଡବ୍ଲୁ ଡି ବିଭାଗ ପକ୍ଷରୁ 30 କୋଟି ଟଙ୍କାର ଆର୍ଥିକ ଅନୁଦାନ ମଂଜୁର କରାଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ରାସ୍ତା ନିର୍ମାଣରେ ବ୍ୟବହୃତ ସାମଗ୍ରୀ,ଲୁଣି ମିଶା ବାଲି,ମଲା ଚିପ୍ସ ସାଙ୍ଗକୁ ଟେଲି ମାରି ଯାଇଥିବା ସିମେଣ୍ଟ କୁ ବ୍ୟବହାର କରି ଅତି ନିମ୍ନମାନ ର କାମ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି ହେଲେ କର୍ତୃପକ୍ଷ କୌାଣସି ପଦକ୍ଷେପ ନେଉନଥିବା ଲୋକେ ଅଭିଯୋଗ କରିଛନ୍ତି। ଠିକାଦାର ,ରାଜନେତା ଓ ବିଭାଗୀୟ ଅଧିକାରୀ ଙ୍କ ମଧୁଚନ୍ଦ୍ରିକା ପାଇଁ ଲୋକ ଯାତାୟାତ ରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଖାଲି ଏତିକି ନୁହେଁ ଇଲେକ୍ଟ୍ରି ପୋଲ ରାସ୍ତା ମଝିରେ ମରଣ ଯନ୍ତ୍ରା ପରି ରହିଛି। ପିଚ ହେବା ପାଇଁ ନିର୍ଦ୍ଦିଷ୍ଟ ରାସ୍ତା କୁ ଠିକାଦାର ଦୀର୍ଘ ମାସ ଧରି ମେଟାଲିଂ କରି ଛାଡ଼ି ଦେବାରୁ ଧୂଳି ଉଡିବା ଯୋଗୁଁ ହଇରାଣ ହେଉଛନ୍ତି ଲୋକେ। କାର୍ଯ୍ୟାଦେଶ ର ଅବଧି ସରିଥିବାବେଳେ କାର୍ଯ୍ୟ ଅଧାପନ୍ତରିଆ ନେଇ ଜନଅସନ୍ତୋଷ ଦେଖାଦେଇଛି। ଅନେକ ସମୟରେ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି,ତୁରନ୍ତ ପଦକ୍ଷେପ ନନେଲେ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଏହି ଅଞ୍ଚଳ ର ଅନନ୍ତ ବିଶ୍ୱାଳ, ସଞ୍ଜୟ ଦାସ,, ନାରାୟଣ ଚକ୍ରବର୍ତ୍ତୀ, ଆଲୋକ ଦାସ, ଦେବେନ୍ଦ୍ର ଜେନା, ନିର୍ମଳ ବିଶ୍ୱାଳ, ଗୋଣଧର ଜେନା, ରାଜୁ ରାଉଳ, ଶିବ ସାହୁ, ଗୌରାଙ୍ଗ ବେହେରା, ବାପି ମାଝୀ, ରଘୁନାଥ ସାହୁ, ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ।

## ଲଗାଣ ବର୍ଷାରେ ଭାଙ୍ଗିଲା ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ ବାଉଣ୍ଡ୍ରି ୱାଲ



ନୀଳଗିରି, ୧୩।୮ (ସଂଚାର ବ୍ୟୁରୋ): ନୀଳଗିରି ଅଞ୍ଚଳ ରେ ଦୀର୍ଘ ଏକ ମାସରୁ ଅଧିକ ହେବ ଲଗାଣ ବର୍ଷା ଫଳରେ ନାହିଁନଥିବା ଅସୁବିଧା ଦେଖାଦେଇଛି। ନୀଳଗିରି ଅଞ୍ଚଳରେ ବହୁ ସରକାରୀ ବେସରକାରୀ ଅନୁଷ୍ଠାନ ଭାଙ୍ଗିବାସହିତ ସରକାରୀ ବେସରକାରୀ ଘର ମଧ୍ୟ କିଛି ଜାଗାରେ ଭାଙ୍ଗି ଯାଇଛି। ଏହିସମୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ରେ ପଚାଶ ଫୁଟ ର ବାଉଣ୍ଡ୍ରି ୱାଲ ଭାଙ୍ଗିଯାଇଛି। ଫଳରେ ଛାତ୍ରା ବାସରେ ରହୁଥିବା ଛାତ୍ରୀ ମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। କାରଣ ନୀଳଗିରି ହାତୀ ଓ ଭାଲୁ ପ୍ରବଣ ଅଞ୍ଚଳ ହୋଇଥିବାରୁ ବିପଦ ନିଶ୍ଚିତ ଏହାକୁ ଆଡ଼େଇଯିବା ଦିଆ ନଯାଇ ପାରେ। ଏହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଚିନ୍ତା ରେ ରହିଛନ୍ତି। ଛାତ୍ରୀ ଓ ଶିକ୍ଷକ ମାନଙ୍କୁ ଭାଲୁ ହାତୀ ଦାଉରୁ ରକ୍ଷା କରିବା ପାଇଂ ତୁରନ୍ତ ବ୍ରାଉଣ୍ଡି ନିର୍ମାଣ ପାଇଁ ସାଧାରଣ ରେ ଦାବୀ ହୋଇଛି।

## ଉପଖଣ୍ଡରେ ନୂତନ ଭାରପ୍ରାପ୍ତ ଏସଡିପିଓଙ୍କ ଯୋଗଦାନ



ନୀଳଗିରି, ୧୧।୮ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡରେ ନୂତନ ଭାରପ୍ରାପ୍ତ ଏସଡିପିଓ ଭାବେ ନିର୍ମଳା ଗୋଛାୟତ ଗତ ସୋମବାର ଦିନ ଯୋଗଦାନ କରିଛନ୍ତି। ତେବେବାଲେଶ୍ୱର ଭାରପ୍ରାପ୍ତ ଏସଡ଼ିପିଓଙ୍କୁ ନିର୍ମଳା ଗୋଛାୟତ ନୀଳଗିରି ଏସଡିପିଓ ଭାବେ ନୀଳଗିରିରେ ଆଇନ ଶୃଙ୍ଖଳା ପ୍ରତି ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଛନ୍ତି। ପୂର୍ବରୁ ପ୍ରମୋଦ ମଲ୍ଲିକନୀଳଗିରି ଏସଡ଼ିପିଓ ଭାବେ କାର୍ଯ୍ୟରତ ଥିବା ସମୟରେ ତାଙ୍କୁ ଅତିରିକ୍ତ ଏସପି ଭାବେ ପଦୋନ୍ନତି ହୋଇଥିଲା। ଦୁଇବର୍ଷ କାର୍ଯ୍ୟକାଳ ଭିତରେ ବିଭିନ୍ନ ଥାନାରେ ବହୁ ଅପରାଧିକ ମାମଲା, ଚୋରି, ଧରିବାରେ ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିପାରିଥିଲେ। ଦୁଇବର୍ଷ ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା କୁ ସୁପରିଚାଳନା କରିଥିବା ବେଳେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିନଥିଲା। ଇତି ଅବସରରେ ଶ୍ରୀଯୁକ୍ତ ମଲ୍ଲିକ ପଦୋନ୍ନତି ରେ ଅତିରିକ୍ତ ଏସପି ଭାବେ ବାଲେଶ୍ୱର ରେ ଯୋଗଦାନ କରିଛନ୍ତି।

## ପ୍ରଶାସନ ଦ୍ୱାରା ହରଘର ତ୍ରିରଙ୍ଗା, ବନ୍ଦେ ମାତରଂ ଶୋଭା ଯାତ୍ରା



ଫୁଲବାଣୀ, ୧୧।୮ (ସଂଚାର ବ୍ୟୁରୋ): ଫୁଲବାଣୀ ସଦର ମହକୁମା ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ, ଆଜି ସ୍କୁଲ, କଲେଜ, ଏବଂ ସ୍ଥାନୀୟ ଲୋକ ମାନଙ୍କ ଦ୍ୱାରା, ଫୁଲବାଣୀ କରନେସନ୍ ପଡ଼ିଆ ଠାରୁ ସାଇକେଲ ଏବଂମୋଟର ସାଇକଲ ଶୋଭାଯାତ୍ରାରେ, ଫୁଲବାଣୀ ବିଧାୟକ ଙ୍କ ଉପସ୍ଥିତି ରେ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ଏବଂ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦଶୁଭ ଆରମ୍ଭ କରିଥିଲେ। ଶତାଧିକ ଜନସାଧାରଣ ତ୍ରିରଙ୍ଗା ଶୋଭାଯାତ୍ରା ରେ ସହର ପରିକ୍ରମା କରିଥିଲେ। ଏହି ତ୍ରିରଙ୍ଗା ଶୋଭା ଯାତ୍ରା ୮୦ ତମ ସ୍ୱାଧୀନତା ଦିବସ ସହ ୧୫୦ ତମ 'ବନ୍ଦେ ମାତରଂ'ର ବର୍ଷ ପୂର୍ତ୍ତି ଅବସରରେ ତ୍ରିରଙ୍ଗା ଶୋଭା ଯାତ୍ରା ରାଜ୍ୟ ସରକାରଙ୍କ ଆଦେଶ ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାରେ, ବ୍ଲକ ମାନଙ୍କ ରେ ଅଗଷ୍ଟ ୯ ତାରିଖ ରୁ ୧୭ ତାରିଖ ଯାଏଁ ଚାଲୁ ରହିଥିବା ବେଳେ, ଆଜି ଜିଲ୍ଲାପ୍ରଶାସନ ଦ୍ୱାରା ଫୁଲବାଣୀ ରେ ତ୍ରିରଙ୍ଗା ଶୋଭା ଯାତ୍ରା ଆରମ୍ଭ ହୋଇଯାଇଛି। ସେଠାରେ ଆଇ ଡି ଏମ କୁଶଳ ଚନ୍ଦ୍ର ନାୟକ ସମେତ ଜିଲ୍ଲା ର ସମସ୍ତ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

### ସ୍ୱାଭିମାନ ଅଞ୍ଚଳରେ ନିଶାମୁକ୍ତ ଭାରତ ଅଭିଯାନ

## ନିଶାମୁକ୍ତ ସମାଜ ଓ ବିକଳ୍ପ ଜୀବିକା ଗଠନ ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ




ମାଲକାନଗିରି, ୧୧।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ନାକାମାମୁଡ଼ି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିଶାମୁକ୍ତ ଭାରତ ଓ ନିଶାମୁକ୍ତ ଓଡ଼ିଶା ଅଭିଯାନ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରୁ ନିଶାର କୁପ୍ରଭାବ ଓ ବେଆଇନ ଚାଷର ଅନ୍ଧକାରକୁ ସଂପୂର୍ଣ୍ଣ ରୂପେ ଦୂର କରି ଯୁବପିଢ଼ିଙ୍କୁ ଏକ ସୁସ୍ଥ ତଥା ପ୍ରଗତିଶୀଳ ସମାଜ ସହ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସଚେତନତା ସଭାରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଏସ.ଡି.ପି.ଓ. ପ୍ରଦୋଷ ପ୍ରଧାନ ଏବଂ କୋରକୁଣ୍ଡା ବିଡିଓ. ଅମୂଲ୍ୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଅଞ୍ଚଳର ଅର୍ଥନୈତିକ ସୁଧାର ଏବଂ ସାମାଜିକ ସୁରକ୍ଷା ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ସ୍ୱାଭିମାନ ଅଞ୍ଚଳ ପାଇଁ ଏହି କାର୍ଯ୍ୟକ୍ରମର ମହତ୍ୱ ଉପରେ ଆଲୋକପାତ କରି ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଅତୀତରେ ଭୌଗୋଳିକ ସ୍ଥିତିର ସୁଯୋଗ ନେଇ କିଛି ସ୍ଥାନରେ ଚାଷଜମିର ଅପବ୍ୟବହାର କରାଯାଇ ବେଆଇନ ଓ ଅପରାଧିକ କୃଷି କାର୍ଯ୍ୟକଳାପ କରାଯାଉଥିଲା, ଯାହା ସ୍ଥାନୀୟ ଅର୍ଥନୀତି ଓ ଯୁବପିଢ଼ିର ଭବିଷ୍ୟତକୁ ବିପଥଗାମୀ କରୁଥିଲା। ଏହି ସଚେତନତା ସଭା ମାଧ୍ୟମରେ ସ୍ଥାନୀୟ ଚାଷୀମାନଙ୍କୁ ସେହି ଅନ୍ଧକାର ପଥରୁ ମୁକ୍ତ କରି ଉଦ୍ୟାନ କୃଷି, ପନିପରିବା ଚାଷ ଭଳି ସରକାରୀ ପ୍ରୋତ୍ସାହନପ୍ରାପ୍ତ ଉନ୍ନତ ଓ ଆଇନଗତ ବିକଳ୍ପ ଜୀବିକା ଆପଣାଇବାକୁ ପ୍ରେରିତ କରାଯାଇଛି।

## ଶତାଧିକ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ଅଂଶଗ୍ରହଣରେ ଦେଶଭକ୍ତିର ମାହୋଲ-ଖାତିଗୁଡା

ତେନ୍ତୁଳିଖୁଣ୍ଟି, ୧୧।୮ (ସଂଚାର ବ୍ୟୁରୋ): ଦେଶପ୍ରେମର ଭାବନା ଓ ସ୍ୱଚ୍ଛତାର ବାର୍ତ୍ତା ନେଇ ତେନ୍ତୁଳିଖୁଣ୍ଟିର ଖାତିଗୁଡା ଆଜି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀଙ୍କ ଆବାହନ ରେ ଖାତିଗୁଡା ଥାନା ଅଧିକାରୀ ରବୀନ୍ଦ୍ର ବାଘ ଙ୍କ ତତ୍ୱାବଧାନ ରେ ଜବାହର ନବୋଦୟ ବିଦ୍ୟାଳୟ, ଖାତିଗୁଡା ସମ୍ମୁଖରୁ ଏହି ରାଲି ବାହାରି ଉପର ଇନ୍ଦ୍ରାବତୀ କଲେଜ ପର୍ଯ୍ୟନ୍ତ ଯାଇଥିଲା।ଖାତିଗୁଡାରେ ତ୍ରିରଙ୍ଗାର ଲହର। ଦେଶପ୍ରେମର ଭାବନାରେ ଏକାଠି ହେଲେ ଶତାଧିକ ଛାତ୍ରଛାତ୍ରୀ ଓ ସାଧାରଣ ଜନତା। ହାତରେ ତ୍ରିରଙ୍ଗା ଧରି ଦେଶମାତୃକା ପ୍ରତି ସମ୍ମାନ ଜଣାଇବା ସହ ଭାରତ ମାତାଙ୍କ ଜୟଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ। ଏହି ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ଏକତା, ଅଖଣ୍ଡତା ଓ ଦେଶପ୍ରେମର ବାର୍ତ୍ତା ଦିଆଯାଇଥିଲା। ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ବ୍ଲକ୍ କର୍ମଚାରୀ, ସିଆରପି, ଏମ୍‌ବିକେ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ରାଜନୈତିକ ଦଳର ନେତୃବୃନ୍ଦ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ସାମିଲ ହୋଇଥିଲେ। ସମସ୍ତେ ହାତରେ ତ୍ରିରଙ୍ଗା ସହ 'ସବୁ ଘରେ ତ୍ରିରଙ୍ଗା, ବାର୍ତ୍ତା ଲେଖା ବ୍ୟାନର ଧରି ଲୋକଙ୍କୁ ସଚେତନ କରିଥିଲେ।

## ବାରମାଇଲି ହାଟରୁ ବାଇକ୍ ଚୋରି ବେତନଟୀ ଥାନାରେ ମାମଲା ରୁଜୁ

ବେତନଟୀ, ୧୧।୮ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ବାରମାଇଲି ହାଟ ଅଞ୍ଚଳରୁ ଏକ ମୋଟରସାଇକେଲ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ବେତନଟୀ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାପ୍ତ ଅଭିଯୋଗ ଅନୁଯାୟୀ, ମୋରଡ଼ା ଥାନା ଅଞ୍ଚଳର ଫୁଟୁକିଶୋଳ ଗ୍ରାମର ନିବାସୀ ସପ୍ନଜିତ୍ ପଟ୍ଟବନ୍ଧା ପୂର୍ବାହ୍ନ ପ୍ରାୟ ୧୦: ୦୦ ଟା ସମୟରେ ବାରମାଇଲ ହାଟକୁ ହାଟ କରିବା ପାଇଁ ଆସିଥିଲେ। ସେ ନିଜର 'ହୋଣ୍ଡା ସାଇନ୍' ବାଇକ୍ ଓଡ଼ି୧୧ଏସ ୬୪୫୪ ଟିକୁ ସ୍ଥାନୀୟ ଏକ ସ୍କୁଲ୍ ପାର୍ଶ୍ୱରେ ରଖି ହାଟର ଭିତରକୁ ଯାଇଥିଲେ। କିଛି ସମୟ ପରେ ହାଟ ସାରି ଫେରିବା ପରେ ବାଇକ୍‌ଟି ସେଠାରେ ଦେଖିବାକୁ ପାଇନଥିଲେ। ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସନ୍ଧାନ ନମିଳିବାରୁ, କୌଣସି ଅଜ୍ଞାତ ଦୁର୍ବୃତ୍ତ ଗାଡ଼ିଟିକୁ ଚୋରି କରି ନେଇଥିବା ନେଇ ସେ ବେତନଟୀ ଥାନାରେ ଲିଖିତ ଏତଲା ଦେଇଥିଲେ। ସପ୍ନଜିତ୍‌ଙ୍କ ଲିଖିତ ଅଭିଯୋଗକୁ ଆଧାର କରି ବେତନଟୀ ଥାନା ପୁଲିସ ଭାରତୀୟ ନ୍ୟାୟ ସଂହିତା ବିଏନ୍‌ଏସ ୨୦୨୩ର ଧାରା ୩୦୩(୨) ଅଧୀନରେ ମାମଲା ନମ୍ବର ୩୩୩/୨୦୨୬ ରେ ପଞ୍ଜୀକୃତ କରିଛି। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ଙ୍କୁ ଏହି ମାମଲାର ତଦନ୍ତ ଭାର ହସ୍ତାନ୍ତର କରାଯାଇଛି।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି



ଧର୍ମଶାଳା, ୧୧।୮ (ସଂଚାର ବ୍ୟୁରୋ): ନିର୍ବାଚନ ମଣ୍ଡଳୀର ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଦେଶର ୮୦ ତମ ସ୍ୱାଧିନତା ଦିବସ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି। ନିର୍ବାଚନମଣ୍ଡଳୀ ସ୍ତରୀୟ ଏହି ସ୍ୱାଧିନତା ଦିବସରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତକା ଉତୋଳନ କରିବା ସହ ମିଳିତ ପ୍ୟାରେଡ଼ ରେ ଅବିବାଦନ ଗ୍ରହଣ କରିବେ। ବିଧାୟକ ଶ୍ରୀ ସାହୁଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ୩୪ ଗୋଟି ସ୍କୁଲର ଛାତ୍ରଛାତ୍ରୀମାନେ ପ୍ୟାରେଡରେ ଅଂଶଗ୍ରହଣ କରିବେ। ସେଥିମଧ୍ୟରୁ ୮ ଗୋଟି ସ୍କୁଲର ଏନସିସି ଛାତ୍ରଛାତ୍ରୀମାନେ ପ୍ୟାରେଡରେ ଅଂଶଗ୍ରହଣ କରିବେ। ଏହିଅବସରରେ ୮ ଗୋଟି ପ୍ରଜ୍ଞାପନ ମେଡ ପ୍ରଦର୍ଶିତ କରାଯିବ। ଦେଶର ଏହି ମହାନ ପର୍ବରେ ବିଧାୟକ ଶ୍ରୀ ସାହୁଙ୍କ ସମେତ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଧର୍ମଶାଳା ଓ ରସୁଲପୁର ବ୍ଲକର ବିଡିଓ, ତହସିଲଦାର, ବ୍ଲକ ଶିକ୍ଷାଧିକାରୀ, ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଧର୍ମଶାଳା, ଜେନାପୁର ଓ କୁଆଖିଆ ଥାନାର ଥାନା ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ଅବସରରେ ୧୫ ଗୋଟି ସ୍କୁଲର ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିବେ। ନୃତ୍ୟରେ ବିଚାରକ ମଣ୍ଡଳୀ ଦ୍ୱାରା ଚୟନ କରାଯାଇଥିବା ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍କୁଲକୁ ଅତିଥିମାନେ ପୁରସ୍କୃତ କରିବେ। ଏଥିସହିତ ପ୍ୟାରେଡରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମ ଅବସରରେ ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବେ। ଏଥିସହ ରିକ୍ସା, ଟଲି ଓ ଅଟୋଚାଳକମାନଙ୍କୁ ରାସନ ସାମଗ୍ରୀ ସହିତ ପ୍ରେତ୍ୟେକଙ୍କୁ ଶାଡି ପ୍ରଦାନ କରାଯିବ। ଏଥିସହିତ ଆଶାଦିଦିମାନଙ୍କୁ ଶାଡି ପ୍ରଦାନ କରାଯିବ। ୮୦ ତମ ସ୍ୱାଧିନତା ଦିବସ ଅବସରରେ ମହୋତ୍ସବ ପଡ଼ିଆରେ ପାଇକ ନାଚ ଓ ପ୍ରତିଷ୍ଠିତ ଗାୟକମାନଙ୍କ ଦ୍ୱାରା ସଙ୍ଗୀତ ପ୍ରଦର୍ଶନ କରାଯିବ।

### ପୁଲିସ ପକ୍ଷରୁ 'ଆମ ପୋଲିସ ଆମ ସାଥୀ' କାର୍ଯ୍ୟକ୍ରମ

## ସାଇବର ସୁରକ୍ଷା ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ




ଫୁଲବାଣୀ, ୧୧।୮ (ସଂଚାର ବ୍ୟୁରୋ): ଖଜୁରୀପଡ଼ା ଥାନା ପକ୍ଷରୁ ସ୍ଥାନୀୟ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଦିନ 'ଆମ ପୋଲିସ ଆମ ସାଥୀ' କାର୍ଯ୍ୟକ୍ରମ ବେଶ୍ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। କୋମଳମତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନଗତ ସଚେତନତା ସୃଷ୍ଟି କରିବା, ସାଇବର ଅପରାଧ ଓ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜାଗ୍ରତ କରିବା ସହ ପୋଲିସ-ଜନସାଧାରଣ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସଚେତନତା ସଭାରେ ଖଜୁରୀପଡ଼ା ଥାନା ଅଧିକାରୀ ଚାପଧାରୀ ପ୍ରଧାନ, ଏସ.ଆଇ. ଦୀନବନ୍ଧୁ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀ, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଅଜୟ ସାହୁ ଏବଂ ଉପାଧ୍ୟକ୍ଷା ସବନମ୍ କହଁର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମାଜରେ ଶୃଙ୍ଖଳା ରକ୍ଷା, ନିଶା ନିବାରଣ, ସାଇବର୍ ସୁରକ୍ଷା ଏବଂ 'ପୋକ୍ସୋ' (ପିଓସିଏସ୍‌ଓ) ଆକ୍ଟ ଜରିଆରେ ଶିଶୁ ସୁରକ୍ଷା ପାଇଁ ପୋଲିସର ଭୂମିକା ସମ୍ପର୍କରେ ଅତିଥିମାନେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମସ୍ତ କୃତୀ ବିଜେତାଙ୍କୁ ପୋଲିସ ବିଭାଗ ପକ୍ଷରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। **ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ବୃନ୍ଦ:** ପୋକ୍ସୋ (ପିଓସିଏସ୍‌ଓ) ଆକ୍ଟ ଚିତ୍ରାଙ୍କନ: ପ୍ରଥମ: ବୁଧେଶ୍ୱରୀ ଦିଗାଲ ଦ୍ୱିତୀୟ: ପ୍ରତ୍ୟୁଷ ପ୍ରିୟଦର୍ଶିନୀ ବେହେରା ତୃତୀୟ: ରୋହନ ମୁଖୀ ପୋକ୍ସୋ (ପିଓସିଏସ୍‌ଓ) ଆକ୍ଟ ବକ୍ତୃତା (ଡିବେଟ୍): ପ୍ରଥମ: ମାନସୀ ବେହେରା ଦ୍ୱିତୀୟ: ଜସ୍ମିନ୍ ପ୍ରଧାନ ତୃତୀୟ: ମଧୁସ୍ମିତା କହଁର ସାଇବର୍ ସୁରକ୍ଷା ଚିତ୍ରାଙ୍କନ: ପ୍ରଥମ: ରିପଲ୍ ବେହେରା, ଦ୍ୱିତୀୟ: ସୌମ୍ୟଜିତ ବେହେରା ତୃତୀୟ: ଶିବାନୀ ନାୟକ, ସାଇବର୍ ସୁରକ୍ଷା ବକ୍ତୃତା (ଡିବେଟ୍): ପ୍ରଥମ: ସୌରଭ ପ୍ରଧାନ ଦ୍ୱିତୀୟ: ଶୁଭଶ୍ରୀ ବେହେରା ତୃତୀୟ: ସାଇ ପ୍ରତୀକ କବି, ନିଶାମୁକ୍ତ ଓଡ଼ିଶା ଚିତ୍ରାଙ୍କନ: ପ୍ରଥମ: ଅଙ୍କିତ ବେହେରା ଦ୍ୱିତୀୟ: ସସ୍ମିତା ସାହାଣୀ ତୃତୀୟ: ଆକାଶ ନାୟକ, ନିଶାମୁକ୍ତ ଓଡ଼ିଶା ବକ୍ତୃତା (ଡିବେଟ୍): ପ୍ରଥମ: ରଞ୍ଜିତ୍ ପ୍ରଧାନ ଦ୍ୱିତୀୟ: ବିଦୁସ୍ମିତା ସାହୁ ତୃତୀୟ: ସୁଭଦ୍ରା ବେହେରା କାର୍ଯ୍ୟକ୍ରମର ଶେଷରେ ସମସ୍ତ କୃତୀ ଛାତ୍ରଛାତ୍ରୀ ଅତିଥିମାନଙ୍କ କରକୋମଳରୁ ପୁରସ୍କାର ଓ ମାନପତ୍ର ଗ୍ରହଣ କରିଥିଲେ।

### ଉଜୁଡ଼ିଲା ଧାନ ଫସଲ: କ୍ଷତିପୂରଣ ଦାବିରେ ନୀଳାଚଳ କୃଷକ ମହାସଂଘ

## ଦାବୀ ପୂରଣ ନହେଲେ ଅନଶନ ଚେତାବନୀ



ସତ୍ୟବାଦୀ, ୧୩।୮ (ସଂଚାର ବ୍ୟୁରୋ): ବନ୍ୟା ଓ ଅତ୍ୟଧିକ ବର୍ଷା ଯୋଗୁଁ ସତ୍ୟବାଦୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଥିବା ଅଭିଯୋଗ କରିଛି ନୀଳାଚଳ କୃଷକ ମହାସଂଘ। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ଆଗାମୀ ଚାଷ ପାଇଁ ବିହନ ଓ ସାର ଯୋଗାଣ ଏବଂ ଚାଷ ଋଣ ଛାଡ଼ କରିବା ଦାବିରେ ମହାସଂଘ ପକ୍ଷରୁ ସତ୍ୟବାଦୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେ, ୧୯୮୫ ମସିହାରୁ ପୁରୀ ଜିଲ୍ଲାରେ ବର୍ଷା ଓ ବନ୍ୟାଜଳ ନିଷ୍କାସନ ସମସ୍ୟା ସମାଧାନ ପାଇଁ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଆସୁଛି। ଜିଲ୍ଲାର ବିଭିନ୍ନ ନଦୀ ଓ ମୁଖ୍ୟ ନାଳର ଖନନ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ସୁଦୃଢ଼ କରିବା କାର୍ଯ୍ୟ ଚାଲିଥିଲେ ମଧ୍ୟ ପର୍ଯ୍ୟାପ୍ତ ଅର୍ଥ ଅଭାବରୁ ଏହା ଧୀରଗତିରେ ଚାଲୁଥିବା ମହାସଂଘ ଅଭିଯୋଗ କରିଛି। ଚଳିତ ବର୍ଷ ବନ୍ୟା ଓ ଅତ୍ୟଧିକ ବର୍ଷା ଯୋଗୁଁ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚାଷ ଜମି ଜଳମଗ୍ନ ହୋଇ ଧାନ ଫସଲ ନଷ୍ଟ ହୋଇଥିବା ମହାସଂଘ କହିଛି। ବିଶେଷକରି ସତ୍ୟବାଦୀ ବ୍ଲକର ଅନେକ ମୌଜାରେ ତଳି ଓ ରୁଆ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ମହାସଂଘର କର୍ମକର୍ତ୍ତାମାନେ ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଫସଲ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଥିବା କହିଛନ୍ତି। ଅନେକ ଚାଷୀ ଖରିଫ ଫସଲ ହରାଇଥିବାରୁ ଆଗାମୀ ଦିନରେ ଜୀବିକା ନିର୍ବାହ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେବାର ଆଶଙ୍କା ରହିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ଛତ୍ରପୁର ଅଷ୍ଟମ ବାଟାଲିୟନରେ ନୂତନ ଗୋଷ୍ଠୀ କେନ୍ଦ୍ର ଉଦଘାଟିତ

ଛତ୍ରପୁର, ୧୩।୮ (ସଂଚାର ବ୍ୟୁରୋ): ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ଅଷ୍ଟମ ବାଟାଲିୟନ ପରିସରରେ ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ହାତପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଗୋଷ୍ଠୀ କେନ୍ଦ୍ର (କମ୍ୟୁନିଟି ଗୃହ) ସହ ଏକ ମନୋରମ ପଥର କଳାକୃତିର ଶୁଭ ଉଦଘାଟନ ହୋଇଯାଇଛି। ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦଙ୍କ ପ୍ରତିନିଧି ଦିପ୍ତିଶ୍ (ରୁଇନା) ପଟ୍ଟନାୟକଙ୍କ ସହ ମିଳିତ ଭାବେ ଉଭୟର ଉଦଘାଟନ କରିଥିଲେ। ଦୀର୍ଘଦିନ ପରେ ସାଂସଦଙ୍କ ସହଯୋଗ ଓ ଅଷ୍ଟମ ବାଟାଲିୟନର ହାବିଲଦାର ଏବଂ ସିପାହୀ ସଂଘର ସାର୍ଥକ ପ୍ରଚେଷ୍ଟାରେ ଏହି ଗୋଷ୍ଠୀ କେନ୍ଦ୍ର ନିର୍ମାଣ ସଫଳ ହୋଇପାରିଛି। ସେହିପରି ବାଟାଲିୟନ ପରିସରରେ ସ୍ଥାପିତ ଚିତ୍ତାକର୍ଷକ ପଥର କଳାକୃତିଟି ସମଗ୍ର ପରିବେଶର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଅତ୍ୟନ୍ତ ଆକର୍ଷଣୀୟ ଦୃଶ୍ୟ ସୃଷ୍ଟି କରିଛି। ଏହି ଉଦଘାଟନୀ ଉତ୍ସବରେ ବାଟାଲିୟନର ଦୁର୍ଗପତି ସାରଦା ପ୍ରସାଦ ଦାସ, ଛତ୍ରପୁର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଭାରପ୍ରାପ୍ତ ଅଧ୍ୟକ୍ଷ ଜି. ପାପା ରାଓ, ହାବିଲଦାର ଓ ସିପାହୀ ଶାଖା ସଂଘ ସଭାପତି ଯଶବନ୍ତ ସ୍ୱାଇଁ ଏବଂ ସମ୍ପାଦକ ଜଗନ୍ନାଥ ସେଠୀ ପ୍ରମୁଖ ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




ସୁନ୍ଦରଗଡ଼, ୧୩।୮ (ସଂଚାର ବ୍ୟୁରୋ): ଗୁରୁବାର ଦିନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ଼ ଜିଲ୍ଲା ତରଫରୁ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ୩୦୦ ମିଟରର ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା।ଏହି ତ୍ରିରଙ୍ଗା ଶୋଭାଯାତ୍ରା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରୁ ଆରମ୍ଭ ହୋଇ ଅଟଳ ଛକ ପର୍ଯ୍ୟନ୍ତ ହୋଇଥିଲା। ଏହି ଶୋଭାଯାତ୍ରା ରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ୧୫୦ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଓ ସରକାରୀ ମହିଳା ମହାବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଯୋଗଦାନ କରି ଶୋଭାଯାତ୍ରାକୁ ସଫଳ କରିଥିଲେ। ଆମ ଭାରତ ଦେଶ ବହୁତ କଷ୍ଟରେ ସ୍ୱାଧୀନତା ପାଇଛି। ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନକୁ ମନେ ପକେଇବା ସହିତ ଆଜିର ଛାତ୍ରଛାତ୍ରୀଙ୍କ ମନରେ ଦେଶ ପ୍ରେମ ଭାବ ଜାଗୃତ କରିବା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇ ଥିଲା। ଭାରତ ବିଶ୍ୱଗୁରୁ ହେବା ପାଇଁ ଶିକ୍ଷା, କୃଷି, ଶିଳ୍ପ, କ୍ରୀଡା, ସୁରକ୍ଷା, ନାରୀ ସଶକ୍ତି କରଣ ପ୍ରତେକ କ୍ଷେତ୍ରରେ ବିଦ୍ୟାର୍ଥୀଙ୍କର ଅବାଦାନ ରହିଛି। ଏହି ତ୍ରିରଙ୍ଗା ଶୋଭାଯାତ୍ରା ମାଧ୍ୟମରେ ଏକ ସୁସ୍ଥ ଛାତ୍ରସମାଜ ଗଠନରେ ବିଦ୍ୟାର୍ଥୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆହ୍ୱାନ ଦିଆଯାଇଛି।ଏଥିରେ ଏବିଭିପି ଓଡିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ ସହ ସମ୍ପାଦକ ପ୍ରୀତିଶ କର, ବିଭାଗ ସଂଯୋଜକ ବାପୁନ ପସାୟତ, ଜିଲ୍ଲା ସଂଯୋଜକ ପ୍ରିୟବ୍ରତ ବାରିକ, ନଗର ସଂଗଠନ ସମ୍ପାଦକ ରାଜା ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ୱସ୍ତିକା ମେହେର, ପିୟୁଷ ଦାସ, ଗଣେଶ ପରିଡା, ଡ଼ମ୍ବରୁଧର ମେହେର, ବୈଭବ ସମ୍ପନ୍ନ ଧର, ଡିଲେସ୍ୱରି ଜେନା ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ଯୋଗ ଶରୀର ପାଇଁ ହିତକର



## ଶରୀର ପାଇଁ 'ୱାର୍କ-ଆଉଟ୍' ଭଲ ନା ଯୋଗ ?

ଯୋଗକୁ କେବଳ ଆସନ କାରଣରୁ ଜଣାଯାଇଥାଏ। ହେଲେ ଏହା ମଣିଷର ଶରୀର, ମସ୍ତିଷ୍କ ଓ ନିଃଶ୍ୱାସର ତାଳମେଳରେ କରାଯାଉଥିବା ଏକ ଅଭ୍ୟାସ, ଯାହା ଆମ ଶରୀରକୁ ନମନୀୟ କରିଥାଏ। ଏଥିସହିତ ଯୋଗ ଆମର ମାନସିକ ଶାନ୍ତି ଦେବାରେ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏବଂ ଶରୀରକୁ କାର୍ଯ୍ୟକ୍ଷମ କରାଇବାରେ ମଧ୍ୟ ସହଯୋଗ କରିଥାଏ। ଅପରପକ୍ଷେ ବ୍ୟକ୍ତି ନିଜକୁ ଫିଟ୍ ରଖିବା ପାଇଁ ଜିମ୍‌କୁ ଯାଇଥାଏ। ଏହାଦ୍ୱାରା ଶରୀରରୁ ପ୍ରଚୁର ଝାଳ ନିଗିଡ଼େଇବାକୁ ମଧ୍ୟ ପଡ଼ିଥାଏ। ତେବେ 'ୱାର୍କ-ଆଉଟ୍' କରିବା ଆମର ଏକ ଶାରୀରିକ ଅଭ୍ୟାସ ହୋଇଥିବା ବେଳେ, ଯୋଗ ଆମର ଶରୀର, ମନ ଓ ସ୍ୱାସ୍ଥ୍ୟକୁ ସମ୍ମିଶ୍ରିତ ଭାବେ ପ୍ରଭାବିତ କରେ।

## ଯୋଗ କରିବାର ଉଚିତ ସମୟ କ'ଣ ?

ଏମିତି ତ କହିବାକୁ ଗଲେ ଯେ କୌଣସି ସମୟରେ ଯୋଗ କରାଯାଇପାରେ। ତେବେ ସୂର୍ଯ୍ୟୋଦୟର ଦୁଇଘଣ୍ଟା ପରର ସମୟ ଯୋଗ କରିବା ଲାଗି ଅଧିକ ଲାଭପ୍ରଦ। ଖାଦ୍ୟ ଖାଇବାର ତୁରନ୍ତ ପରେ ଯୋଗ କରନ୍ତୁ ନାହିଁ। ଖାଇବାର ୨ରୁ ୪ ଘଣ୍ଟା ପୂର୍ବରୁ ଯୋଗ କରିବା ଉଚିତ।

## ଯୋଗ ଅଭ୍ୟାସର ସ୍ଥାନ କିଭଳି ହେବା ଦରକାର ?

ଖୋଲା ଏବଂ ପବନ ଦେଉଥିବା ସ୍ଥାନ ଯୋଗ ପାଇଁ ସବୁଠୁ ଭଲ। ପବନ ଚଳାଚଳ ହେଉଥିବା ଘରେ ମଧ୍ୟ ଯୋଗ କରିହେବ। ଖୋଲା ପବନର ସଂସ୍ପର୍ଶରେ ଆସିଲେ ମନ ଶାନ୍ତ ରହେ ଓ ଶରୀରକୁ ଭଲ ଫଳ ମିଳେ।

## ମାସିକ ଧର୍ମ ବା ଗର୍ଭାବସ୍ଥା ସମୟରେ ଯୋଗ କରିବା ଠିକ୍ କି ?

କିଛି ଆସନ ଅଛି ଯାହା କରି ହେବ ଓ ଅନ୍ୟ କିଛି ଲାଗି ବାରଣ ଥାଏ। ଏ ସମୟରେ ପେଟ ମାଡ଼ି ଓ ଗୋଡ଼ ଉଠାଇ କୌଣସି ଯୋଗ କରିବା ଉଚିତ ନୁହେଁ। ଏପରି ସ୍ଥିତିରେ ସ୍ଥିର ହୋଇ ପ୍ରାଣାୟାମ କରି ହେବ।

## ମାନସିକ ଚାପ ପରିଚାଳନା ପାଇଁ ଯୋଗ କେତେ ଉପାଦେୟ ?

ଯୋଗ ଆମ ମାନସିକ ଚାପ ପରିଚାଳନା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଦିନକୁ ୨୧ ମିନିଟ୍‌ର ଯୋଗ ଶରୀର ପାଇଁ ଔଷଧ ସଦୃଶ। ତେଣୁ ଏହି ୨୧ ମିନିଟ୍ ଭିତରେ ୨୧ ଥର 'ଓଁ' ଉଚ୍ଚାରଣ କରିବା, କପାଳଭାତୀ, ଅନୁଲୋମବିଲୋମ, ନାଡ଼ି ଶୋଧନ ଆଦି କରିବାଦ୍ୱାରା ଆମେ ମାନସିକ ଚାପରୁ ମୁକ୍ତି ପାଇପାରିବା। ମନେ ରଖିବା କଥା ଯେ ଯୋଗ କରିବା ପରେ ତୁରନ୍ତ ପାଣି ପିଇବା ନାହିଁ ଓ ସ୍ନାନ କରିବା ନାହିଁ।

# ପଲିଥିନ ବ୍ୟାଗରେ ପନିପରିବା ଫ୍ରିଜରେ ରଖନ୍ତୁ ନାହିଁ



ଆପଣ ବି ଘରକୁ ପ୍ରଥମେ ପରିବା ଆଣିଲେ ପ୍ଲାଷ୍ଟିକ ପଲିଥିନରେ ଥିବା ପରିବାକୁ ସେହିପରି ଫ୍ରିଜରେ ରଖିଦିଅନ୍ତି କି। ଆମେ ଭାବୁ ଏପରି କରିବା ଦ୍ୱାରା ପରିବା ଅଧିକ ସମୟ ଧରି ସତେଜ ରହିବ। ହେଲେ ଆପଣ ଜାଣନ୍ତି କି ଏପରି କରିବା ଦ୍ୱାରା ପରିବାଗୁଡ଼ିକ ଜଲଦି ଖରାପ ହୋଇଯାଏ।

ପରିବାଗୁଡ଼ିକୁ ମଧ୍ୟ ବାୟୁର ଆବଶ୍ୟକତା: ଏଗୁଡ଼ିକୁ ପ୍ଲାଷ୍ଟିକ ବ୍ୟାଗରେ ବାନ୍ଧି ରଖିବା ଦ୍ୱାରା ବାୟୁ ଚଳାଚଳ ବାଧାପ୍ରାପ୍ତ ହୋଇଥାଏ। ଜରି ମଧ୍ୟରେ ଆର୍ଦ୍ରତା ବୃଦ୍ଧି ପାଇବା ଯୋଗୁଁ ଏହା ଜଲଦି ଶୁଖିଯାଇ ଖରାପ ହୋଇଯାଏ।

ସ୍ୱାଦ ଓ ସତେଜତା ହ୍ରାସ ପାଏ: ଯଦି ଆପଣ ପରିବାରେ ଏହାର ପ୍ରାକୃତିକ ସ୍ୱାଦରେ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି, ତେବେ ଆପଣଙ୍କ ସାଇତି ରଖିବାରେ କୌଣସି ଅସୁବିଧା ରହିଛି। ପଲିଥିନରେ ପରିବା ରଖିଲେ ଏହା ଧୀରେ ଧୀରେ ନିଜର ରଙ୍ଗ, ବାସ୍ନା ଓ ସ୍ୱାଦ ହରାଇଥାଏ।

ଜୀବାଣୁଙ୍କ ପାଇଁ ଉପଯୁକ୍ତ ପରିବେଶ: ଜରିରେ ପରିବା ରଖିବା ଦ୍ୱାରା ପରିବାରୁ ଜଳୀୟଅଂଶ ବାହାରିଥାଏ। ଏହା ବ୍ୟାକ୍ଟେରିଆ ଓ ଜୀବାଣୁଙ୍କ ବଂଶ ବିସ୍ତାର ପାଇଁ ପ୍ରକୃଷ୍ଟ ଜଳବାୟୁ ଅଟେ। ବେଳେ ଏକ ପରିବା ବାହାରୁ ବହୁତ ଭଲ ଦେଖାଯାଉଥିଲେ ମଧ୍ୟ ଭିତରୁ ଖରାପ ହୋଇଯାଇଥାଏ।

ଓଦା ପରିବା ଫ୍ରିଜରେ ରଖନ୍ତୁ ନାହିଁ: ଆମେ ଅନେକ ସମୟରେ ପରିବା ଗୁଡ଼ିକୁ ଧୋଇ ନେଉ ଏବଂ ସାଧାସଳଖ ଫ୍ରିଜରେ ରଖିଥାଉ। ଏପରି ଓଦା ପରିବା ରଖିବା ଦ୍ୱାରା ତାହା ଜଲଦି ଖରାପ ହୋଇଯାଇଥାଏ।

ତେଣୁ ପରିବାଗୁଡ଼ିକୁ କପଡ଼ା ବ୍ୟାଗରେ ରଖିବା ଭଲ। ଏହା ବ୍ୟତୀତ ଆପଣ କିଚେନ ଟାୱେଲରେ ମଧ୍ୟ ଗୁଡ଼ାଇ ରଖିପାରିବେ। ଏହା ବାୟୁ ଚଳାଚଳରେ ବାଧା ଦେଇନଥାଏ। ସବୁଜ ପରିବା ଅଧିକ ଦିନ ସତେଜ ରହିଥାଏ। ଆମେ ଅଜାଣତରେ ଫଳ ପରିବା ଏକାଠି ରଖି ଭୁଲ କରିଥାଉ। ଏପରି କରିବା ଦ୍ୱାରା ପରିବା ଜଲଦି ଖରାପ ହୋଇଯାଇଥାଏ। ଫଳରୁ ଏକ ପ୍ରକାରର ଗ୍ୟାସ ନିର୍ଗତ ହୋଇଥାଏ। ଯାହା ପରିବାକୁ ଜଲଦି ଖରାପ କରିଦିଏ।

# ଗଜାମୁଗ ଶରୀର ପାଇଁ ରାମବାଣ



ମୁଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କିନ୍ତୁ ଯେତେବେଳେ ଆମେ ଗଜାମୁଗ ଖାଇଥାଉ ସେତେବେଳେ ଏହାର ସ୍ୱାସ୍ଥ୍ୟ ଉପକାରିତା ଅନେକ ଗୁଣ ବଢ଼ି ଯାଇଥାଏ। ପୋଷକ ତତ୍ତ୍ୱ ଭରପୂର ଗଜାମୁଗ ଅନେକ ଉତ୍ତମ ସ୍ୱାସ୍ଥ୍ୟ ଉପକାରିତା ପ୍ରଦାନ କରେ। ତେବେ ଆସନ୍ତୁ ଜାଣିବା ନିଜ ଡାଏଟରେ ଗଜାମୁଗ ସାମିଲ କରିବାର ଫାଇଦା ବିଷୟରେ।

ଗଜାମୁଗ ଖାଇବାର ଉପକାରିତା: ହଜମ କରିବାରେ ସାହାଯ୍ୟ କରେ: ଗଜାମୁଗ ଖାଇବା ଦ୍ୱାରା ଏହା ହଜମ କରିବାରେ ସାହାଯ୍ୟ କରେ। ଅଙ୍କୁରୋଦଗମ ପ୍ରକ୍ରିୟା ଜଟିଳ କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନକୁ ଭାଙ୍ଗି ଦେଇଥାଏ, ଯାହାଦ୍ୱାରା ଶରୀରକୁ ଏହା ହଜମ କରିବା ସହଜ ହୋଇଥାଏ। ଏହା ପେଟ ଫୁଲିବା ଏବଂ ଗ୍ୟାସର ସମ୍ଭାବନାକୁ ହ୍ରାସ କରିବା ସହ ପୋଷକ ତତ୍ତ୍ୱର ଏକ ଉତ୍ତମ ଉତ୍ସ ଭାବରେ ମଧ୍ୟ ସାହାଯ୍ୟ କରେ।

ଓଜନ ହ୍ରାସ କରିବାରେ ସାହାଯ୍ୟ କରେ: ଯେଉଁମାନେ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ପାଇଁ ଗଜାମୁଗ ବହୁତ ଭଲ। ମୁଗ ଡାଲିରେ ଥିବା ଫାଇବର କେବଳ ହଜମ କରିବାରେ ସାହାଯ୍ୟ କରେ ନାହିଁ ବରଂ ଆପଣଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ ମଧ୍ୟ କରାଏ, ଯାହା କ୍ୟାଲୋରୀ ଇନଟେକକୁ ମଧ୍ୟ କମ୍ କରିଥାଏ। ଏକ ହାଇ ଫାଇବରଯୁକ୍ତ ଖାଦ୍ୟ ଯାହା ଓଜନ ହ୍ରାସ କରିବା ଏବଂ ପେଟ ଭରିବା ଏବଂ ଭୋକ କମ୍ କରି ୱେଟ୍ ମ୍ୟାନେଜମେଣ୍ଟ କରିବାରେ ବହୁତ ସାହାଯ୍ୟ କରିଥାଏ।

ହୃତ୍ ପିଣ୍ଡ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ: ଗଜାମୁଗରେ ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ପୋଷକ ତତ୍ତ୍ୱ ଥାଏ। ଏହି ପୋଷକ ତତ୍ତ୍ୱ ବ୍ଲଡ଼ ପ୍ରେସରକୁ ନିୟନ୍ତ୍ରଣ କରିବା, କୋଲେଷ୍ଟ୍ରଲ ଲେବଲ୍ ହ୍ରାସ କରିବା ଏବଂ ହୃଦ୍ ରୋଗର ଆଶଙ୍କା ହ୍ରାସ କରିବାରେ କାମ କରିଥାଏ। ମୁଗ ଡାଲିରେ ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟକଳାପ ବହୁତ ଅଧିକ। ଏହି ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକ ଫ୍ରି ରେଡିକାଲ୍ସକୁ ନ୍ୟୁଟ୍ରିଲାଇଜ କରିବାରେ ସାହାଯ୍ୟ କରେ।

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ: ପ୍ରତିଦିନ ଗଜାମୁଗ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ଏହା ବିଶେଷ ଭାବରେ ଭିଟାମିନ୍ C ଏବଂ ଭିଟାମିନ୍ A ରେ ଭରପୂର ହୋଇଥାଏ, ଯାହା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ଉନ୍ନତି ଆଣେ: ଗଜାମୁଗ ଏହାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଏବଂ ଅଧିକ ଫାଇବର ପରିମାଣ ହେତୁ ବ୍ଲଡ୍ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏକ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସର ଅର୍ଥ ହେଉଛି ଏହା ହାଇ-ଗ୍ଲାଇସେମିକ୍ ଖାଦ୍ୟ ତୁଳନାରେ ବ୍ଲଡ୍ ସୁଗାର ଲେବଲକୁ ଧୀରେ ଧୀରେ ଲଗାତାର ଭାବରେ ବଢ଼ାଇଥାଏ।

ତ୍ୱଚାରେ ଉନ୍ନତି ଆଣେ: ସୁସ୍ଥ ତ୍ୱଚା ବଜାୟ ରଖିବା ପାଇଁ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ରେ ଭରପୂର ଖାଦ୍ୟ ଆବଶ୍ୟକ। ଗଜାମୁଗ ହେଉଛି ଫ୍ଲାଭୋନଏଡ୍ ଏବଂ ପଲିଫେନୋଲ୍ ସହିତ ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍ତମ ଉତ୍ସ, ଯାହା ସ୍କିନକୁ ଫ୍ରି ରେଡିକାଲ୍ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିଥାଏ। ଗଜାମୁଗରେ ମିଳୁଥିବା ଭିଟାମିନ୍ 'ଇ' ତ୍ୱଚାକୁ ପୋଷଣ ଯୋଗାଇବାରେ ସାହାଯ୍ୟ କରେ।



# କ୍ୟାନସରକୁ ରୋକିବ ଶାକାହାରୀ ଖାଦ୍ୟ

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ଖାଦ୍ୟପେୟର ସିଧାସଳଖ ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡୁଛି। ନିକଟରେ ବିଶ୍ୱପ୍ରସିଦ୍ଧ ଅକ୍ସଫୋର୍ଡ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏକ ଚିନ୍ତନଶୀଳ ଗବେଷଣା କରିଛନ୍ତି। ବ୍ରିଟିଶ ଜର୍ଣ୍ଣାଲ ଅଫ୍ କ୍ୟାନସରରେ ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ଆମିଷ ତ୍ୟାଗ କରି ନିରାମିଷ ଆପଣେଇବା ଦ୍ୱାରା ଶରୀରରେ କ୍ୟାନସର ଭଳି ମାରାତ୍ମକ ରୋଗର ଆଶଙ୍କା ଯଥେଷ୍ଟ କମିଯାଇଥାଏ। ଏହି ଅଧ୍ୟୟନଟି କୌଣସି ସାଧାରଣ ପରୀକ୍ଷା ନୁହେଁ। ବୈଜ୍ଞାନିକମାନେ ଦୀର୍ଘ ୧୬ ବର୍ଷ ଧରି ଭାରତ, ବ୍ରିଟେନ, ଆମେରିକା ଏବଂ ତାଇୱାନର ପ୍ରାୟ ୧୮ ଲକ୍ଷରୁ ଅଧିକ ଲୋକଙ୍କ ଡାଟାକୁ ଗଭୀର ଭାବେ ବିଶ୍ଳେଷଣ କରିଛନ୍ତି। ଏଥିରେ ମାଂସାହାରୀ, ମାଛ ଖାଉଥିବା ବ୍ୟକ୍ତି, ଶାକାହାରୀ ଏବଂ ଭେଗାନମାନଙ୍କୁ ସାମିଲ କରାଯାଇଥିଲା। ଲୋକଙ୍କ ଓଜନ, ଉଚ୍ଚତା ଏବଂ ଜୀବନଶୈଳୀକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ରିସର୍ଚ୍ଚ ଅନୁଯାୟୀ, ଆମିଷ ଖାଉଥିବା ଲୋକଙ୍କ ତୁଳନାରେ ଶାକାହାରୀଙ୍କ ପାଖରେ ୫ଟି କ୍ୟାନ୍ସର ହେବାର ସମ୍ଭାବନା ଖୁବ୍ କମ୍ ଥାଏ। ସେଗୁଡ଼ିକ ହେଉଛି ପ୍ରୋଷ୍ଟେଟ୍ କ୍ୟାନ୍ସର, ସ୍ତନ କ୍ୟାନ୍ସର, ଲିମ୍ଫୋମା, ମଲ୍ଟିପଲ୍ ମାୟେଲୋମା, କିଡନୀ କ୍ୟାନ୍ସର। ବୈଜ୍ଞାନିକଙ୍କ କହିବାନୁଯାୟୀ, ଶାକାହାରୀ ଖାଦ୍ୟ ଶରୀରର ମେଟାବୋଲିଜିମ୍ ପ୍ରକ୍ରିୟାକୁ ସୁଧାରିଥାଏ। ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ଶାକାହାରୀଙ୍କ ରକ୍ତରେ ଏକ ନିର୍ଦ୍ଦିଷ୍ଟ ପ୍ରୋଟିନର ସ୍ତର କମ୍ ଥାଏ, ଯାହା କିଡନୀ କ୍ୟାନ୍ସର ପାଇଁ ଦାୟୀ। ଶାକାହାର ଆପଣେଇବା ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ପ୍ରକ୍ରିୟା ଅଧିକ ସୁରକ୍ଷିତ ରହିଥାଏ। ଏହି ରିପୋର୍ଟରେ ଏକ ଚମକାଇ ଦେଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ସାଧାରଣତଃ କୁହାଯାଏ ଯେ, ମାଂସ ଖାଇଲେ ଅନ୍ତନଳୀ କ୍ୟାନ୍ସର ହୁଏ, କିନ୍ତୁ ଏହି ରିସର୍ଚ୍ଚରେ ଶାକାହାରୀ ଓ ମାଂସାହାରୀ ଉଭୟଙ୍କ କ୍ଷେତ୍ରରେ ଏହାର ବିପଦ ପ୍ରାୟ ସମାନ ଦେଖିବାକୁ ମିଳିଛି।

ମୁଖ୍ୟ ଗବେଷକ ଅରୋରା ପେରେଜ୍ କୋର୍ନାଗୋ କହିଛନ୍ତି ଯେ, ଶାକାହାରୀ ହେବା ଭଲ, କିନ୍ତୁ ଶରୀରରେ ଯେପରି ପୋଷକ ତତ୍ତ୍ୱର ଅଭାବ ନହୁଏ ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ଆବଶ୍ୟକ ପଡ଼ିଲେ ଡାକ୍ତରଙ୍କ ପରାମର୍ଶରେ ସପ୍ଲିମେଣ୍ଟ ମଧ୍ୟ ନିଆଯାଇପାରେ। ଯଦି ଆପଣ ନିଜକୁ କ୍ୟାନ୍ସର ଭଳି ମାରାତ୍ମକ ରୋଗରୁ ଦୂରେଇ ରଖିବାକୁ ଚାହୁଁଛନ୍ତି, ତେବେ ଆପଣ ନିଜ ଦୈନନ୍ଦିନ ଖାଦ୍ୟରେ ସବୁଜ ପନିପରିବା ଓ ଶାକାହାରୀ ଖାଦ୍ୟକୁ ଅଧିକ ପ୍ରାଧାନ୍ୟ ଦିଅନ୍ତୁ।

# ବୁଢ଼ାବଳଙ୍ଗରେ ଦ୍ୱିତୀୟ ବନ୍ୟା ଜିଲ୍ଲା ପ୍ରଶାସନର ପରିସ୍ଥିତି ସମୀକ୍ଷା



**ବୈଶିଙ୍ଗା,୧୩।୮ (ସଂଚାର ବ୍ୟୁରୋ):** ବୁଢ଼ାବଳଙ୍ଗ ନଦୀ ଅବବାହିକାରେ ପ୍ରଥମ ବନ୍ୟା ଜଳ ସଂପୂର୍ଣ୍ଣ ଛାଡି ନ ଥିବା ବେଳେ ବୁଧବାର ରାତି ୧୦ ଘଟିକାରୁ ଗୁରୁବାର ପ୍ରାତଃ ୧୦ ଘଟିକା ପର୍ଯ୍ୟନ୍ତ ୧୨ଘଣ୍ଟା ଧରି ମୁଷଳ ଧାରାରେ ବର୍ଷା ଲାଗି ରହିଥିବାରୁ ଉପର ମୁଣ୍ଡ ର ପାଣି ସହିତ ଗ୍ରାମାଞ୍ଚଳର ବର୍ଷ ପାଣି ବନ୍ୟା ସୃଷ୍ଟି କରିଦେଇଛି, ଆଜି ଦିନ ତମାମ ଶିମିଳିପାଳ ଅଞ୍ଚଳରେ ବର୍ଷାର ପରମାଣ ଅତ୍ୟଧିକ ଥିବାରୁ ଶୁକ୍ରବାର ସକାଳ ସୁଦ୍ଧା ବନ୍ୟା ଭୟଙ୍କର ରୂପ ନେବାର ଆଶଙ୍କା କରାଯାଇଛି, ଏହି ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ବେତନଟୀ ତହସିଲଦାର, ବିଡିଓ, ଏସଡିପିଓ, ଏପଟେ ବଡସାହି ବିଡିଓ, ତହସିଲଦାର ତଥା ଅନ୍ୟାନ୍ୟ ସରକାରୀ କର୍ମଚାରୀ ଗଣ ବୈଶିଙ୍ଗା ଥାନା ଅଧିନ ନାଖରା ପୋଲ ନିକଟରେ ପହଞ୍ଚି ବନ୍ୟା ସମୀକ୍ଷା କରିବା ସହିତ ବେଲାଣ ପୁରା ବାତ୍ୟା ଆଶ୍ରୟସ୍ଥଳୀ ରେ ବନ୍ୟା ପ୍ରପୀଡିତ ଙ୍କ ପାଇଁ ରହିବା ଏବଂ ରନ୍ଧା ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରାଇ ଥିବାର ଜଣାଯାଇଛି। ପାଟଳିପୁରା ପଞ୍ଚାୟତର ନାଖରା, ଢେଁଫୌଦା, ଖଣ୍ଡଦେଉଳା, ଦେଓପଡା, କୁଡିମୁଣ୍ଡା ଆଦି ତଳିଆ ଅଞ୍ଚଳର ପ୍ରପୀଡିତଙ୍କୁ ଥଇଥାନ କରାଯାଇଥିବାର ଜଣାଯାଇଛି। ସେହିପରି ଶାଳଗାଁ ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ୮/୧୦ ଖଣ୍ଡ ଗ୍ରାମର କନ୍ୟା ପ୍ରପୀଡିତଙ୍କୁ ରଖା ଯାଇଛି। ସନ୍ଧ୍ୟା ସୁଦ୍ଧା ନାଖରା ପୋଲ ନିକଟରେ ବନ୍ୟା ପାଣି ବିପଦ ସଙ୍କେତ ଅତିକ୍ରମ କରିଯାଇଥିବାର ଜଣାଯାଇଛି। ଏଥିପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ରହିବାକୁ ସୂଚନା ଦିଆଯାଇଛି।

### ଉତ୍କଳ ବାଳାଶ୍ରମରେ ବ୍ୟାପକ ଅନିୟମିତତା - ଭାତରେ ପୋକ

# ରୋଷେୟାଙ୍କୁ ବହିଷ୍କାର କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର,୧୩।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଏକମାତ୍ର ଅନାଥ ଶିଶୁ ଆଶ୍ରୟସ୍ଥଳ ଉତ୍କଳ ବାଳାଶ୍ରମରେ ବ୍ୟାପକ ଅନିୟମିତତା ସାମ୍ନାକୁ ଆସିଛି। ଭାତରେ ମଲା ପୋକ ଥିବା ସତ୍ତ୍ୱେ ଶିଶୁ ଙ୍କୁ ଖାଇବାକୁ ଦିଆଯାଇଥିବା ଭଳି ସାଂଘାତିକ ଅଭିଯୋଗ ଆସିଛି। ଯାହାକି ମଙ୍ଗଳ କମିଟି ( ସିଡବ୍ଲୁସି )ର ଅଧ୍ୟକ୍ଷା ଲିନା ବାବୁ ଙ୍କ ଆକସ୍ମିକ ପରିଦର୍ଶନ ସମୟରେ ଏହି ଅନିୟମିତତା ଧରାପଡ଼ିଛି। ବାଳାଶ୍ରମରେ ଅନାଥ ଶିଶୁ ମାନଙ୍କୁ ଦିଆଯାଉଥିବା ଖାଦ୍ୟ ଅତି ନିମ୍ନମାନର ହୋଇଥିବା ବେଳେ ଭାତରେ ଖାଲି ପୋକ ଥିବା ଦେଖାଯାଇଥିଲା। ଷ୍ଟୋର ରୁମ୍ ରେ ରଖାଯାଇଥିବା ଚାଉଳରେ ମଧ୍ୟ ବହୁ ପରିମାଣରେ ପୋକ ଥିବା ଦେଖିବାକୁ ମିଳିଥିଲା। ବାଳାଶ୍ରମ ପରିଚାଳନାରେ



ବ୍ୟାପକ ଅନିୟମିତତା ଓ ମନମାନି ହେଉଛି। ପିଲା ଅଭିଯୋଗ କଲେ ତାଙ୍କୁ ଦାୟିତ୍ୱ ରେ ଥିବା ସୁପରିନଟେନଡେଣ୍ଟ ମେଡମ ନାଲି ଆଖି ଦେଖାଉଥିବା ବିଷୟ ପିଲା ମାନେ ଖୋଦ୍ ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିଥିବା ବିଷୟ ଜଣାପଡ଼ିଛି। ସିଡବ୍ଲ୍ୟୁସି ଅଧ୍ୟକ୍ଷା ଏ ନେଇ ତୁରନ୍ତ ଫୋନ ଯୋଗେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ସୂଚନା ପାଇ ବିଭାଗୀୟ ଅଧିକାରୀ ବାଳାଶ୍ରମରେ ପହଞ୍ଚି ରୋଷେଇ ଘରେ ଥିବା ଭାତର ମାନ ଦେଖିଥିଲେ। ସେପଟେ ସିଡବ୍ଲ୍ୟୁସି ଅଧ୍ୟକ୍ଷା ଘଟଣା ସମ୍ପର୍କରେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ବାଳାଶ୍ରମ ପରିଚାଳନାରେ ଅବହେଳା ସମ୍ପର୍କରେ ଚିଠି ମାଧ୍ୟମରେ ଜଣାଇ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଖବର ପାଇ ରାତିରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ବାଳାଶ୍ରମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଉତ୍କଳ ବାଳାଶ୍ରମରେ ପ୍ରାୟ ୫୦ ଜଣ ଅନ୍ତେବାସୀ ଅଛନ୍ତି। ସରକାର ପ୍ରତି ଶିଶୁଙ୍କ ପାଇଁ ମାସିକ ୪୮୦୦ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଉଥିବା ବେଳେ ଅର୍ଥ ବାଟମାରଣା ହେଉଥିବା ସ୍ପଷ୍ଟ ହୋଇଛି। ପରିଚାଳନାଗତ ଅବ୍ୟବସ୍ଥା ଜଣାପଡ଼ିବା ବିଷୟ ସିଡବ୍ଲ୍ୟୁସି ଅଧ୍ୟକ୍ଷା ଲିନା ବାବୁ ଓ ସଦସ୍ୟା ଅଁଜଳି ନେଗୀ ମଙ୍ଗଳବାର ବାଳାଶ୍ରମ ପରିଦର୍ଶନରେ ଯାଇଥିଲେ। ରୋଷେଇ ଘରକୁ ପ୍ରବେଶ କରି ରନ୍ଧା ଯାଇଥିବା ଭାତ ଓ ତରକାରି ଦେଖିଥିଲେ। ଭାତରେ ମଲା ସୁରି ପୋକ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ବାହାରକୁ ଆସି ଦେଖିଲେ ଶିଶୁ ମାନେ ଭାତରୁ ପୋକ ବାଛି ବାଛି ଖାଉଛନ୍ତି। ଯାହାକି ଅଧ୍ୟକ୍ଷା ସ୍ତବ୍ଧ ହୋଇ ଯାଇଥିଲେ। ଜିଲ୍ଲାପାଳ ଓ ଅଧ୍ୟକ୍ଷା ଲିନା ବାବୁ ବାଳାଶ୍ରମ ଅଧୀକ୍ଷକ ମାଳତୀ ଜେନାଙ୍କୁ ମଧ୍ୟ ଏ ନେଇ ତାଗିଦ୍ କରିଥିବା ଓ ଏନେଇ ଆହୁରି ଅଧିକ ତଦନ୍ତ ହେବ ଏବଂ ଆକ୍ସନ ହେବ ବୋଲି ସୂଚନା ମିଳିଛି।

## ବିଡ଼ିଓ ପରିଚୟ ଦେଇ ପ୍ରିନ୍ସିପାଲଙ୍କ ଆକାଉଣ୍ଟରୁ ଟଙ୍କା ଲୁଟିନେଲେ ସାଇବର ଠକ

**ବାରିପଦା,୧୩।୮ (ସଂଚାର ବ୍ୟୁରୋ):** ନିଜକୁ ବିଡ଼ିଓ ବୋଲି ପରିଚୟ ଦେଇ ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରିନ୍ସିପାଲ ନନ୍ଦ କିଶୋର ପଟନାଏକ ଙ୍କ ଆକାଉଣ୍ଟ ରୁ ସାଇବର ଠକ ଲୁଟିନେଲେ କୋଡିଏ ହଜାର ଟଙ୍କା। ଆଜି ପ୍ରିନ୍ସିପାଲ ଙ୍କ ଫୋନକୁ ଜଣେ ବ୍ୟକ୍ତି ନିଜକୁ ବିଡ଼ିଓ ବୋଲି ପରିଚୟ ଦେଇ କହିଲା ଆପଣଙ୍କ କଲେଜରେ ସରକାର ଙ୍କ ତରଫରୁ ଏକ ସୋଲାର ପ୍ରୋଜେକ୍ଟ ଲଗାଯିବ। ସେଥିପାଇଁ ଆପଣଙ୍କ ଆକାଉଣ୍ଟ କୁ ପ୍ରଥମେ ଚାଳିଶ ହଜାର ଟଙ୍କା ପଠାଯିବ ବୋଲି କହି ତାଙ୍କର ଆକାଉଣ୍ଟ ନମ୍ବର ଏବଂ ନେଟ ବ୍ୟାଙ୍କିଙ୍ଗ ନମ୍ବର ମାଗିଥିଲା। ଏ କଥାକୁ ବିଶ୍ୱାସ କରି ଆକାଉଣ୍ଟ ନମ୍ବର ଦେବାପରେ ସଙ୍ଗେ ସଙ୍ଗେ ତାଙ୍କ ଆକାଉଣ୍ଟ ରୁ କୋଡିଏ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଏ ବାବଦରେ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି।

## ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି, ଡ୍ରେନ ପାଣି ରାସ୍ତାରେ ଗଡୁଛି

**ବଲାଙ୍ଗିର,୧୩।୮ (ସଂଚାର ବ୍ୟୁରୋ):** ବାଲାଙ୍ଗୀର ଜିଲ୍ଲା ସଇଁତଲା ସହରରେ ପରିମଳ ବ୍ୟବସ୍ଥା ଏବେ ଚିନ୍ତାର କାରଣ ପାଲଟିଛି। ଏନେଇ ସ୍ଥାନୀୟ ଲୋକେ ସଇଁତଲା ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧାଙ୍କୁ ସ୍ଥାୟୀ ସମାଧାନ ପାଇଁ ନିବେଦନ କରିଛନ୍ତି। ପ୍ରକାଶ ଯେ, ସହରର ଆଲୋକ ଛକ ଠାରୁ ନାଗ ମନ୍ଦିର ରାସ୍ତା, କଂସର ପଡ଼ା ଓ ଡେଲି ମାର୍କେଟ ଅଞ୍ଚଳରେ ଡ୍ରେନ ସଫା ନକରିବାରୁ ଆବର୍ଜନା ପାଣି ରାସ୍ତା ଉପରେ ଗଡୁଥିବାରୁ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସେହିପରି ଡେଲି ମାର୍କେଟ ଅଞ୍ଚଳରେ



କୁଢ଼ କୁଢ଼ ଆବର୍ଜନା ଗଦା ହୋଇ ରହିଛି। ନିୟମିତ ଭାବେ ଆବର୍ଜନା ସଫା ନ ହେବା ଯୋଗୁଁ ଦୁର୍ଗନ୍ଧ ସୃଷ୍ଟି ହେବା ସହ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଅପରିଷ୍କାର ପରିବେଶ ଯୋଗୁଁ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି। ନାଳ ଓ ରାସ୍ତା ପାଖରେ ଜମିଥିବା ଅଳିଆ ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଏନେଇ ସ୍ଥାନୀୟ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସହରର ପରିମଳ ବ୍ୟବସ୍ଥା ସୁଧାରିବାକୁ ଦାବି ହୋଇଛି। ନିୟମିତ ଆବର୍ଜନା ସଫା, ଡ୍ରେନ ସଫେଇ ଓ ମଶା ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ସାଧାରଣ ଲୋକ ଦାବି କରିଛନ୍ତି।

## ୧୦୦ ମିଟର ତ୍ରିରଙ୍ଗା ସହ ବିଶାଳ ତ୍ରିରଙ୍ଗା ଯାତ୍ରା



**କଳାହାଣ୍ଡି, ୧୩।୮(ସଂଚାର ବ୍ୟୁରୋ):** ଆସନ୍ତା ୮୦ ତମ ସ୍ୱାଧୀନତା ଦିବସକୁ ଦେଶଭକ୍ତିର ସହ ପାଳନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ 'ହର ଘର ତ୍ରିରଙ୍ଗା, ଘର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଘରେ ଜାତୀୟ ପତାକା ଉତ୍ତୋଳନ କରି ଦେଶପ୍ରେମ, ଜାତୀୟ ଏକତା ଓ ନାଗରିକ ଦାୟିତ୍ୱର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଧର୍ମଗଡ଼ ବ୍ଲକ ଓ ଏନ୍‌ଏସି ପ୍ରଶାସନ ପକ୍ଷରୁ ଗୁରୁବାର ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଥିଲା। ଧର୍ମଗଡ଼ ବିଡିଓ ସଦାଶିବ ନାୟକ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯାତ୍ରାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଜାତୀୟ ପତାକା ଆମ ଦେଶର ସ୍ୱାଭିମାନ, ଗୌରବ ଓ ଏକତାର ପ୍ରତୀକ। ତ୍ରିରଙ୍ଗା ଯାତ୍ରା ଭାରତୀୟଙ୍କ ମଧ୍ୟରେ ଜାତୀୟ ଏକତା ଓ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା ସହ ବିକଶିତ ଭାରତର ଅସ୍ମିତାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିବାରେ ସହାୟକ ହେବ।

## ନୂତନ ଯୁବ ମତଦାତାଙ୍କ ନାମ ପଞ୍ଜୀକରଣ ଓ ନିର୍ବାଚନୀ ସଚେତନତା

**ସୁବର୍ଣ୍ଣପୁର,୧୩।୮ (ସଂଚାର ବ୍ୟୁରୋ):** ସୋନପୁର-୬୫ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଇଲେକ୍ଟୋରାଲ୍ ଲିଟରେସି କ୍ଲବ୍ (ଇଏଲ୍‌ସି) ମାଧ୍ୟମରେ ଏକ ଏସ୍‌ଭିଇଇପି ସଚେତନତା



କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ), ସୋନପୁର -୬୫ ନିର୍ବାଚନ ମଣ୍ଡଳୀ, ଡଃ ସୌମ୍ୟରୂପା ରଥଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନୂତନ ଯୁବ ମତଦାତା ମାନଙ୍କୁ ଫ୍ରମ୍-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ଉତ୍ସାହିତ କରିବା ସହ ମତଦାନର ଗୁରୁତ୍ୱ ଏବଂ ନିର୍ବାଚନୀ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ସମ୍ପର୍କରେ ସଚେତନ କରାଇବା। ଏହି ଅବସରରେ ଛାତ୍ରୀମାନଙ୍କୁ ସଚେତନ ମତଦାତା ଭାବେ ନିଜର ଗଣତାନ୍ତ୍ରିକ ଅଧିକାର ଓ ଦାୟିତ୍ୱ ପ୍ରତି ସଚେତନ ହେବା ସହ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାବେ ଯୋଗଦେବାକୁ ଆହ୍ୱାନ କରାଯାଇଥିଲା। ଯୁବପିଢ଼ି, ବିଶେଷକରି ଯୁବତୀମାନଙ୍କର ଅଧିକ ସଂଖ୍ୟାରେ ଅଂଶଗ୍ରହଣ ମାଧ୍ୟମରେ ମତଦାତା ସଚେତନତା ବୃଦ୍ଧି କରିବା ଏବଂ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବା ଏହି ପଦକ୍ଷେପର ପ୍ରମୁଖ ଲକ୍ଷ୍ୟ ଥିଲା। "ସଚେତନ ଯୁବ ମତଦାତା— ସୁଦୃଢ଼ ଗଣତନ୍ତ୍ର" ବାର୍ତ୍ତା ସହ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବତୀମାନଙ୍କୁ ଗଣତନ୍ତ୍ରର ମହାପର୍ବରେ ସକ୍ରିୟ ଭାଗୀଦାର ହେବାକୁ ପ୍ରେରିତ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ), ସୋନପୁର - ୬୫ ନିର୍ବାଚନ ମଣ୍ଡଳୀଙ୍କ କାର୍ଯ୍ୟାଳୟର କର୍ମକର୍ତ୍ତା ତଥା ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ ।

## ଲକର୍ମାଠାରେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର,୧୩।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ହରଡଖୋଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲକର୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବ୍ୟୋମକେଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ର ଛାତ୍ରୀ ଲକର୍ମା ଗ୍ରାମ୍ୟ ପରିକ୍ରମା କରି ହର୍‌ଘର୍ ତ୍ରିରଙ୍ଗା ବାର୍ତ୍ତା ପ୍ରଦାନ କରିବା ସହ ଲୋକମାନଙ୍କୁ ତ୍ରିରଙ୍ଗା ପତାକା ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର



ଜୁନିୟର ରେଡ୍‌କ୍ରସ ପରାମର୍ଶଦାତା ଶିକ୍ଷକ ବିକ୍ରମ କୁମାର ନନ୍ଦ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ବେହେରା, ଶଙ୍କର୍ଷଣ ମିଶ୍ର ଓ ଦୟାନିଧି ପଧାନ ସହଯୋଗ କରିଥିଲେ।

## ବିଶାଳ ଶୋଭାଯାତ୍ରା ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

**ବୈଶିଙ୍ଗା,୧୩।୮ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ମଣ୍ଡଳ ପକ୍ଷରୁ ବୁଧବାର ବିଶାଳ ତ୍ରୀରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରଘୁପୁର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ନିର୍ବାଚନ ମଣ୍ଡଳୀ ବିଧାୟକ ସନାତନ ବିଜୁଳି ଯୋଗଦାନ କରିଥିଲେ। ଏହା ସହିତ ଶତାଧିକ ଦଳୀୟ କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ସ୍କୁଲର ଛାତ୍ରାଛାତ୍ରୀ ଏବଂ ଜନସାଧାରଣ ପ୍ରମୁଖ ଜାତୀୟ ପତାକା ଧରି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।

### ଲଘୁଚାପ ବର୍ଷାଜଳ ବିଦ୍ୟାଳୟରେ ଲହଡ଼ି ଭାଙ୍ଗୁଛି

## ଅଭିଭାବକ ନିଜ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ଅମଙ୍ଗ



**ବାଲିଆପାଳ,୧୩।୮ (ସଂଚାର ବ୍ୟୁରୋ):** ବୁଧବାର ରାତିରୁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି, ଫଳରେ କଚୁଆପଡ଼ା ସରକାରୀ ପ୍ରାଥମିକ ଓ ଉ.ପ୍ରା. ବିଦ୍ୟାଳୟ ପରିସର ରେ ବର୍ଷା ଜଳ ଲହଡ଼ି ଭାଙ୍ଗୁଛି। ଏହି ବର୍ଷା ପାଣି ଶ୍ରେଣୀ ଗୃହକୁ ପଶି ଯାଇଥିବାରୁ ଶ୍ରେଣୀ ଗୃହ ମଧ୍ୟ ରେ ପୋକ ଯୋକ ସାଲୁବାଲୁ ହେବା ବେଳେ ଏକ ବିଷାକ୍ତ ସାପ ମଧ୍ୟ ଶ୍ରେଣୀଗୃହ ଭିତରେ ଏଣେ ତେଣେ ବୁଲୁ ଥିବାର ଦେଖି ଗ୍ରାମବାସୀ ସାପଟିକୁ ମରି ଦେଇଥିବାର ଦେଖି ବାକୁ ମିଳିଛି। ଏହି ବିଦ୍ୟାଳୟ ରେ ଥିବା ଏକମାତ୍ର ଟ୍ୟୁବେଲ ମଧ୍ୟ ବର୍ଷା ଜଳରେ ବୁଡ଼ି ଯାଇ ଥିବାରୁ ପିଲା ମାନେ ଶୁଦ୍ଧ ପାନୀୟ ଜଳ ପାଇ ପାରିବେ ନାହିଁ ବୋଲି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଏହି ସବୁ କାରଣରୁ ଆଜି ବିଦ୍ୟାଳୟକୁ ଛାତ୍ର ଛାତ୍ରୀ ଆସି ନଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଆଣ୍ଠିଏ ପାଣି ରେ ବିଦ୍ୟାୟକୁ ନଯାଇ ବିଦ୍ୟାଳୟ ଗେଟ ପାଖରେ ଛିଡା ହୋଇ ଥିବାର ଦେଖିବାକୁ ମିଳି ଥିଲା।ବିଦ୍ୟାଳୟର ପ୍ରଧାଶିକ୍ଷୟିତ୍ରୀ ପଦ୍ମାଳୟା ବେହେରା କହନ୍ତି ଏହି ଘଟଣା ଆଜିର ନୁହେଁ ଏହା ପ୍ରତି ବର୍ଷ ବର୍ଷା ଋତୁର ଘଟଣା। ଏ ବାବଦରେ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରଯାଉଛି। କିନ୍ତୁ କିଛି ପ୍ରତିକାର ହୋଇ ପରି ନାହିଁ। ପ୍ରଶାସନ ସବୁ ଜାଣି କୁମ୍ଭ କର୍ଣ୍ଣ ନିଦ୍ରାରେ ଶୋଇ ଥିବାରୁ କୁନି କୁନି ଛାତ୍ରୀ ଛାତ୍ର ମାନେ ପ୍ରତି ବର୍ଷା ଦିନ ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି।ବାଲିଆପାଳ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ ନଥିବାରୁ କଚୁଆପଡ଼ା ସରକାରୀ ବିଦ୍ୟାଳୟ ରେ ପ୍ରତିବର୍ଷ ଏହିପରି ଘଟଣା ଘଟୁଛି। ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ସ୍ଥାୟୀ ପ୍ରତିକାର କରିବା ପାଇଁ କଚୁଆପଡ଼ା ଗ୍ରାମାର ଜଗବନ୍ଧୁ ଜେନା, ତାପସ କୁମାର ଜେନା, ବେଣୁଧର ଜେନା, ବଟକୃଷ୍ଣ ମହାନ୍ତି, ପ୍ରଶାନ୍ତ ବାରିକ ଙ୍କ ସହିତ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି।

## ଅତିରିକ୍ତ ତହସିଲ କାର୍ଯ୍ୟାଳୟ ଉଦ୍‌ଘାଟିତ- ଚାଷୀକୁଳ ଆଶ୍ୱସ୍ତ

**ସୁବର୍ଣ୍ଣପୁର,୧୩।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଡୁଙ୍ଗୁରିପାଲିରେ ଅତିରିକ୍ତ ତହସିଲ କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଛନ୍ତି। ଡୁଙ୍ଗୁରିପାଲି ତଥା ଅଞ୍ଚଳବାସୀଙ୍କ ଦାବୀ ମୁତାବକ ଜିଲ୍ଲାପାଳ ଡ. ସାହୁ ସପ୍ତାହକୁ ଗୋଟିଏ ଦିନ ଅତିରିକ୍ତ ତହସିଲଦାର ଲୋକମାନଙ୍କ ସମସ୍ୟା ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମତଃ ସପ୍ତାହକୁ ଗୋଟିଏ ଦିନ ଓ ପରେ ଏହାକୁ ନିୟମିତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଉଲ୍ଲେଖଯୋଗ୍ୟ ୨୦୦୪ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ଡୁଙ୍ଗୁରିପାଲି ଡାକବଙ୍ଗଳା ଠାରେ ତତ୍କାଳୀନ ତହସିଲଦାର ରମେଶ



ସ୍ୱାଇଁ ଅତିରିକ୍ତ ତହସିଲ କାର୍ଯ୍ୟାଳୟକୁ ଉଦଘାଟନ କରି ରାଜସ୍ୱ ବିଭାଗର ବିଭିନ୍ନ କାମ କରିଥିଲେ। ପରବର୍ତ୍ତୀ ସମୟରେ ହଠାତ୍ କାର୍ଯ୍ୟାଳୟ ବନ୍ଦ ହୋଇ ଯାଇଥିଲା। ଫଳରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଥିଲେ। ଅଞ୍ଚଳର ଛାତ୍ର ଛାତ୍ରୀ ବାସିନ୍ଦା, ଜାତି ସାର୍ଟିଫିକେଟ ପାଇଁ ଓ ଚାଷୀମାନେ ଜମି ମ୍ୟୁଟେସନ, ସୀମା ନିର୍ଦ୍ଧାରଣ ପାଇଁ ରାମପୁର ତହସିଲ କାର୍ଯ୍ୟାଳୟକୁ ଯାଇ ହଇରାଣ ଓ ବହୁ ଖର୍ଚ୍ଚାନ୍ତ ହେଉଥିଲେ। ଡୁଙ୍ଗୁରିପାଲି ସଚେତନ ନାଗରିକ ସୁବର୍ଣ୍ଣପୁର ଯାଇ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ଖୋଲିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖି ଏ ନେଇ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଶ୍ରୀଯୁକ୍ତ ସାହୁ ଡୁଙ୍ଗୁରିପାଲିରେ ଅତିରିକ୍ତ ତହସିଲ ଖୋଲିବ ବୋଲି ପୂର୍ବରୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମ ଦିନରେ ଡୁଙ୍ଗୁରିପାଲି ଅତିରିକ୍ତ ତହସିଲଦାର ଶ୍ରୀ ରୋହିତ ବାଗଙ୍କ କୋର୍ଟରେ ପ୍ରଥମ ଶୁଣାଣୀ ହୋଇଥିଲା ଏବଂ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଶ୍ରୀ କନ୍ଦର୍ପ ସାହୁ, ଦାସରଥି ବିଶ୍ୱାଳ, ବିପ୍ରଚରଣ ସାହୁ, ମହେନ୍ଦ୍ର ବରିହା, ଗାନ୍ଧୀ ସାହୁ, ଧର୍ମେନ୍ଦ୍ର ବିଶ୍ୱାଳଙ୍କ ଜରିଆରେ ଓକିଲ ନବୀନ ରଣା ପ୍ରଥମ ଆବେଦନ ଦାଖଲ କରିଥିଲେ। ଅତିରିକ୍ତ ତହସିଲଦାର ଶ୍ରୀ ବାଗ ଆବେଦନ ଗ୍ରହଣ କରି ବିଚାର ହେବ ବୋଲି ଅର୍ଡ଼ର କରିଥିଲେ।

## ୭୫୦ ଫୁଟ୍ ତ୍ରିରଙ୍ଗା ସହ 'ଘରେ ଘରେ ତ୍ରିରଙ୍ଗା' ଶୋଭାଯାତ୍ରା



**ବଲାଙ୍ଗିର,୧୩।୮ (ସଂଚାର ବ୍ୟୁରୋ):** ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସମଗ୍ର ଦେଶରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଡେଙ୍ଗ ପକ୍ଷରୁ ପ୍ରଧାନଶିକ୍ଷକ ଯୁଗଳ କିଶୋର ଭୋଇଙ୍କ ଅଧ୍ୟକ୍ଷତାରେ 'ଘରେ ଘରେ ତ୍ରିରଙ୍ଗା' ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏବିଇଓ ନାରାୟଣ ଭୋଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ରତନ ରଣା, ସିଆରସିସି ଜୟନ୍ତ ନାଗ, ସଇଁତଲା ସିଆରସିସି ଶେଷଦେବ ପଧାନ, ଅଙ୍ଗନବାଡ଼ି କର୍ମୀ ଲିନୁ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା କ୍ଷିତିସୁତା ରଣା ଓ ୱାର୍ଡମେମ୍ବର ଲକ୍ଷ୍ମୀ ଦୀପ ଯୋଗଦେଇଥିଲେ। ୭୫୦ ଫୁଟ୍ ଲମ୍ବର ତ୍ରିରଙ୍ଗା ସହ ଆୟୋଜିତ ଏହି ଶୋଭାଯାତ୍ରାରେ 'ବିଭିନ୍ନତା ମଧ୍ୟରେ ଏକତା'ର ବାର୍ତ୍ତା ପ୍ରଚାର କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଅଭିଭାବକ, ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ତ୍ରିରଙ୍ଗା ପତାକା ସହ ସେଲ୍ଫି ଓ ଫଟୋ ଉଠାଇବା ସହ ଗୀତ ଓ ବାଦ୍ୟର ତାଳେତାଳେ ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ଅଭିଯାନକୁ ସଫଳ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ କୃପାସିନ୍ଧୁ ମିଶ୍ର, ଲିଙ୍ଗରାଜ ନନ୍ଦ, ସମୀର ସେଠୀ, ଦୀପକ ସେନାପତି, ବୃନ୍ଦାବନ ଭୂଏ, ହିମାଂଶୁ ଶେଖର ବିଶ୍ୱାଳ, ଶିକ୍ଷୟିତ୍ରୀ ଗାୟତ୍ରୀ ବାରିକ, ତପସ୍ୱିନୀ ପଟେଲ, ଶିବାନୀ ମଲ୍ଲିକ, କାନ୍ତି ଭୋଇ, ଦ୍ରୌପଦୀ ଭୋଇ, ଜ୍ୟୋତ୍ସ୍ନା ଝାଙ୍କର, ଜୁନିୟର ଆସିଷ୍ଟାଣ୍ଟ ଅବିନାଶ ଭୋଇ ଓ ଅର୍ଦଳି ଅଶୋକ ନାୟକ ଉପସ୍ଥିତ ଥିଲେ କାର୍ଯ୍ୟକ୍ରମକୁ ଶିକ୍ଷକ ରାମ ନାରାୟଣ ଦାଶ ପରିଚାଳନା କରିଥିବାବେଳେ ଶିକ୍ଷକ ମନରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାରେ ଦୁଇଟି ଘାଇ, ବଡଗୁମା-ରୁଷ୍ଡା ରାସ୍ତା ବିଚ୍ଛିନ୍ନ

**ବୈଶିଙ୍ଗା,୧୩।୮ (ସଂଚାର ବ୍ୟୁରୋ):** ଗତକାଲି ବୁଧବାର ରାତିଠାରୁ ମୁଷଳଧାରାରେ ବର୍ଷା ବର୍ଷିବା ଯୋଗୁଁ ହଜାର ହଜାର ଏକର ଚାଷ ଜମିରେ ଜଳ ବିଭିଷିକା ଯୋଗୁଁ ବୈଶିଙ୍ଗା -ମହୁରୀ - କଦଳୀଆ- ପଣସିଆ-ଆଠବାଟିଆ- ଦୁର୍ଗାପୁର ଆଦି ଅଞ୍ଚଳ ଜଳାନ୍ନବ ହୋଇ ଏକ ସମୁଦ୍ରର ଭ୍ରମ ସୃଷ୍ଟି କରିଛି। ବୈଶିଙ୍ଗା -ରୁଷ୍ଡା ରାସ୍ତାର ଉପର ପାର୍ଶ୍ୱର ପାଣି କଦଳୀଆ ଭିଲା ନିକଟରେ ତଳକୁ ଅତିକ୍ରମ କରୁଥିବାରୁ ଅତ୍ୟଧିକ ଜଳ ସ୍ରୋତ ପାଇଁ ପ୍ରାୟ ୩୦ ଫୁଟରୁ ଅଧିକ ପିଚୁ ରାସ୍ତା ଗୋଟିଏ ପାଖ ଖାଇ ଯାଇ ବିଶାଳ ଗର୍ତ୍ତ ସୃଷ୍ଟି କରିଛି। ରାସ୍ତା ଉପରେ ତିନି ଫୁଟ ରୁ ଅଧିକ ଉଚ୍ଚ ର ପାଣି ପ୍ରବାହିତ ହେବା ଯୋଗୁଁ ଦିବା ୧୧ ଘଟିକା ପର୍ଯ୍ୟନ୍ତ ଯାନ ବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା।



ବର୍ଷା ଛାଡିବା ପରେ ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ତୁରନ୍ତ ମରାମତି କରି ଯାତାୟତ ର ସୁବିଧା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାସ୍ତାର ବଙ୍ଗାଳି ଡାହି ନିକଟରେ ମଧ୍ୟ ଆଉ ଏକ ୩୦/୪୦ ଫୁଟର ଘାଇ ହୋଇଯାଇଥିବାର ମଧ୍ୟ ଦେଖିବାକୁ ମିଳିଥିଲା। ବେତନଟୀ ବ୍ଲକ୍ ଉପାଧ୍ୟକ୍ଷ ଦେବବ୍ରତ ତିଆଡି ଏହି ଅଞ୍ଚଳ ବୁଲି ଦେଖିବା ସହିତ ତୁରନ୍ତ ରାସ୍ତା ମରାମତି କରିବାକୁ ସହକାରୀ ଯନ୍ତ୍ରୀ ଶ୍ରୀ ମହାନ୍ତି ଙ୍କୁ କହିବା ଏବଂ ଏହାର ସ୍ଥାୟୀ ସମାଧାନ ପାଇଁ ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନ ର ସୁବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ସେହିପରି ପଣସିଆ-ଝିଙ୍କିରିଆ ଆର ଡି ରାସ୍ତାର ବଡଗୁମା ଠାରୁ ରୁଷ୍ଡା ଜଙ୍କସନ୍ କୁ ସଂଯୋଗ କରୁଥିବା ରାସ୍ତାର କିଛି ଅଂଶ ସଂପୂର୍ଣ୍ଣ ଧୋଇ ଯିବା ସହିତ ପୁରା ଜଳାନ୍ନବ ହୋଇ ଯାଇଛି। ଫଳରେ ରୁପ୍ସା ରେଳ ଷ୍ଟେସନ୍ କୁ ଯିବା ପାଇଁ ରାସ୍ତା ବନ୍ଦ ହୋଇ ଯାଇଛି। ଏହି ରାସ୍ତା ଉପରେ ଏକ ଉଚ୍ଚତମ ସେତୁର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ ମାନେ ପ୍ରଶାସନ ନିକଟରେ ବହୁବାର ଦାବି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରି ନାହିଁ। ବର୍ଷାଋତୁ ପରେ ପ୍ରଶାସନ ଏହି ସେତୁ ପାଇଁ ଯଥା ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

### କଡ଼ା ଯାଞ୍ଚରେ ଅଟୋ ଚାଳକ ଅସନ୍ତୁଷ୍ଟ, ଜିଲ୍ଲାପାଳଙ୍କୁ ଦାବିପତ୍ର

# ଅଟୋ ଚାଳକଙ୍କୁ ୩ ମାସ ସମୟ ଦେବାକୁ ଦାବି



**କୋରାପୁଟ,୧୩।୮ (ସଂଚାର ବ୍ୟୁରୋ):** କୋରାପୁଟ ସହରରେ ଚଳାଚଳ କରୁଥିବା ଅଟୋଗୁଡ଼ିକର କାଗଜପତ୍ର ପରିବହନ ବିଭାଗ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇ ଜୋରିମାନା ଆଦାୟ କରାଯାଉଥିବା ନେଇ ଅଟୋ ଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ଏନେଇ ଗୁରୁବାର କୋରାପୁଟ ଅଟୋ ଚାଳକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଟୋ ଚାଳକମାନଙ୍କୁ ନିଜ ଗାଡ଼ିର ପରିବହନ ସମ୍ପର୍କିତ କାଗଜପତ୍ର ସଜାଡ଼ିବା ପାଇଁ ୩ ମାସ ସମୟ ଦେବାକୁ ସଂଘ ଦାବି କରିଛି। ସଂଘର କହିବା ଅନୁଯାୟୀ, କୋରାପୁଟରେ ଅଧିକାଂଶ ଗରିବ ଶ୍ରେଣୀର ଯୁବକ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି। ସହରରେ ଅଟୋର ଚାହିଦା କମିବା ସହ ଯାତ୍ରୀ ସଂଖ୍ୟା ମଧ୍ୟ ହ୍ରାସ ପାଇଛି। ଅନ୍ୟପକ୍ଷରେ ଅଟୋର ସ୍ପେୟାର ପାର୍ଟସ୍‌ର ଦାମ ବୃଦ୍ଧି ଯୋଗୁଁ ମରାମତି ଖର୍ଚ୍ଚ ବଢ଼ିଥିବାରୁ ସୀମିତ ଆୟରେ ପରିବାର ଚଳାଇବା ସହ କାଗଜପତ୍ର ନବୀକରଣ ଓ ଫିଜ୍ ପ୍ରଦାନ କରିବା କଷ୍ଟକର ହେଉଛି। ତେଣୁ ଅଟୋ ଚାଳକଙ୍କୁ ୩ ମାସର ଅବଧି ଦିଆଗଲେ ସେମାନେ ନିଜ ନିଜ ଗାଡ଼ିର ସମସ୍ତ ଆବଶ୍ୟକୀୟ କାଗଜପତ୍ର ସଜାଡ଼ି ନେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏନେଇ କୋରାପୁଟ ପରିବହନ ଅଧିକାରୀଙ୍କୁ ମଧ୍ୟ ସଂଘ ପକ୍ଷରୁ ଲିଖିତ ଅନୁରୋଧ କରାଯାଇଛି। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ପ୍ରଫୁଲ୍ଲ ଖସଲା, କୃତିବାସ ପଳେଇ, ସୁବାସ ମହାରଣା, ସନ୍ତୋଷ କୁମାର ଗରଡ଼ାଙ୍କ ସମେତ ଶତାଧିକ ଅଟୋ ଚାଳକ ଉପସ୍ଥିତ ଥିଲେ।